

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-339 ◆SUNDAY ◆7 JUNE 2026 ◆PAGE-12+4 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୩୩୯ ◆ରବିବାର ◆୭ ଜୁନ୍ ୨୦୨୬ ◆ପୃଷ୍ଠା-୧୨+୪ (ସିନ୍ଦୂରା) ◆ଟ.୭.୦୦





## ଲୁଧିଆନାରେ ଚଳନ୍ତା ଟ୍ରେନ୍‌ରୁ ଅଲଗା ହେଲା ବଗି

ଲୁଧିଆନା, ୬।୬(ଏଜେନ୍ସି): ନୂଆଦିଲ୍ଲୀରୁ ମାତା ବୈଷ୍ଣୋଦେବୀ କାତ୍ରା ଯାଉଥିବା ଏକ ସ୍ପେଶାଲ୍ ଟ୍ରେନ୍ ଶନିବାର ସକାଳେ ଲୁଧିଆନା ରେଳ ଷ୍ଟେସନରୁ ଛାଡ଼ିବା ସମୟରେ ଏକ ବଡ଼ ଦୁର୍ଘଟଣାରୁ ରକ୍ଷା ପାଇଯାଇଛି। ଟ୍ରେନଟି ଗତିଶୀଳ ହେବା ମାତ୍ରେ ଦୁଇଟି ବଗିକୁ ଯୋଡୁଥିବା କପ୍ଲର୍‌ଟି ହଠାତ୍ ଭାଙ୍ଗିଯାଇଥିଲା, ଯାହାଫଳରେ ଗୋଟିଏ ଶୋଇବା ବଗିର ଶୌଚାଳୟ ଅଂଶଟି ଭାଙ୍ଗି ସମ୍ପୂର୍ଣ୍ଣ ଅଲଗା ହୋଇଯାଇଥିଲା। ଏହି ସମୟରେ ଏକ ବିସ୍ଫୋରଣ ଭଳି ପ୍ରଚଣ୍ଡ ଶବ୍ଦ ହେବାରୁ ଯାତ୍ରୀମାନଙ୍କ ମଧ୍ୟରେ ତୀବ୍ର ଆତଙ୍କ ପ୍ରକାଶ ପାଇଥିଲା। ଘଟଣା ସମ୍ପର୍କରେ ସୂଚନା ପାଇ ରେଳ ସୁରକ୍ଷା ବଳ ଏବଂ ସ୍ଥାନୀୟ ପୋଲିସ ତୁରନ୍ତ ଷ୍ଟେସନରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲେ। ପୋଲିସ ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ଏହା କୌଣସି ବୋମା ବିସ୍ଫୋରଣ ନୁହେଁ, ବରଂ ଏକ ଯାନ୍ତ୍ରିକ ତ୍ରୁଟି। ରେଳବାଇର ଯାନ୍ତ୍ରିକ କର୍ମଚାରୀ ଓ ଯନ୍ତ୍ରୀମାନଙ୍କ ଅନୁସାରେ, ବଗିଟି ପୁରୁଣା ଥିବାରୁ ଏହାର ୱେଲ୍ଡିଂ ଦୁର୍ବଳ ହୋଇଯାଇଥିଲା ଏବଂ ସେହି ସ୍ଥାନରୁ ହିଁ ଏହା ଭାଙ୍ଗିଯାଇଛି। ସୌଭାଗ୍ୟବଶତଃ ଏହି ଦୁର୍ଘଟଣାରେ କୌଣସି ଯାତ୍ରୀ ଆହତ ହୋଇନାହାନ୍ତି।

## ସ୍ତ୍ରୀ, ପୁଅର କବରକୁ ଜାବୁଡ଼ି ଧରି ଚାଲିଗଲା ସ୍ୱାମୀର ଜୀବନ

ମହୋବା, ୬।୬(ଏଜେନ୍ସି): ଉତ୍ତର ପ୍ରଦେଶର ମହୋବା ଜିଲ୍ଲା ଚରଖାରୀ ସହରରୁ ଏକ ଅତ୍ୟନ୍ତ ଦୁଃଖଦ ତଥା ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ସ୍ତ୍ରୀ ଏବଂ ପୁଅର ମୃତ୍ୟୁର ମାତ୍ର ୧୧ ଦିନ ପରେ ଜଣେ ବ୍ୟକ୍ତି ସେମାନଙ୍କ କବରକୁ ଜାବୁଡ଼ି ଧରିଥିବା ଅବସ୍ଥାରେ ପ୍ରାଣ ହରାଇଛନ୍ତି। ମୃତ ବ୍ୟକ୍ତିଜଣକ ହେଲେ ୪୦ ବର୍ଷୀୟ ସୁଭାନ ଅହମ୍ମଦ। ପରିବାରର ତିନି ଜଣଙ୍କ ମୃତ୍ୟୁ ପରେ ଏବେ ୩ ପିଲା ସମ୍ପୂର୍ଣ୍ଣ ଅନାଥ ହୋଇଯାଇଛନ୍ତି। ଗତ ମେ ୨୫ ତାରିଖରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ସୁଭାନଙ୍କ ୬ ବର୍ଷର ପୁଅ ହସନୈନ ଅସୁସ୍ଥ ହୋଇ ଚିକିତ୍ସା ପାଇଁ ଯିବା ବାଟରେ ଆଖି ବୁଜିଥିଲା। ପୁଅର ମୃତ୍ୟୁ ଖବର ସହିନପାରି ସେହି ଦିନ ହିଁ ମା' ରାଜିଆ ଖାତୁନ ମଧ୍ୟ ପ୍ରାଣ ହରାଇଥିଲେ। ଗୋଟିଏ ଦିନରେ ମା' ଏବଂ ପୁଅଙ୍କୁ କବର ଦିଆଯାଇଥିଲା। ମାତ୍ର କେଇଟା ଘଣ୍ଟା ମଧ୍ୟରେ ସ୍ତ୍ରୀ ଓ ସବୁଠାରୁ ସାନ ପୁଅକୁ ହରାଇ ସୁଭାନ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ ଏବଂ ଗଭୀର ମାନସିକ ଆଘାତରେ ଥିଲେ। ଶୁକ୍ରବାର ସକାଳ ପ୍ରାୟ ୪ଟା ସମୟରେ ସୁଭାନ ପ୍ରାର୍ଥନା କରିବା ପାଇଁ ଶ୍ମଶାନକୁ ଯାଇଥିଲେ। ଦୁଇ ଘଣ୍ଟା ପରେ ମଧ୍ୟ ସେ ଘରକୁ ନଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ସେଠାରେ ସୁଭାନ ଗୋଟିଏ ହାତ ପୁଅର କବର ଉପରେ ଏବଂ ଅନ୍ୟ ହାତଟି ସ୍ତ୍ରୀର କବର ଉପରେ ରଖି ଅଚେତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ମେଡିକାଲ ନେବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ଗୋଡ଼ରେ ଏକ ଚିହ୍ନ ଥିବାରୁ କୌଣସି ବିଷାକ୍ତ କୀଟ କାମୁଡ଼ିବା ଯୋଗୁଁ କିମ୍ବା ଅତ୍ୟଧିକ ମାନସିକ ଆଘାତ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି।

## ସିବିଏସ୍ଇ ଦ୍ୱାଦଶ ଶ୍ରେଣୀ ମାର୍କ ପୁନଃଗଣତି ଅବଧି ବଢ଼ିଲା

ନୂଆଦିଲ୍ଲୀ, ୬।୬(ଏଜେନ୍ସି): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍ଇ) ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଖାତା ଯାଞ୍ଚ ଏବଂ ପୁନଃମୂଲ୍ୟାୟନ ପାଇଁ ଆବେଦନ ସମୟସୀମାକୁ ଜୁନ୍ ୬ରୁ ଜୁନ୍ ୭ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦେଇଛି। ବୋର୍ଡର ଅନ୍‌ଲାଇନ୍ ପୋର୍ଟାଲରେ ବୈଷୟିକ ସମସ୍ୟା ଦେଖାଯିବା କାରଣରୁ ଛାତ୍ରଛାତ୍ରୀଙ୍କୁ ଅଧିକ ସମୟ ଦେବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ଜୁନ୍ ୨ ତାରିଖରୁ ଏହି ପୋର୍ଟାଲ୍ ଆରମ୍ଭ ହେବା ପରଠାରୁ ଏହା ଉପରେ କ୍ରମାଗତ ଭାବେ ସାଇବର ଆକ୍ରମଣ ହୋଇଥିଲା। ମାତ୍ର ଦୁଇ ମିନିଟ୍‌ରେ ପୋର୍ଟାଲ୍ ଉପରେ ୧୫ ଲକ୍ଷରୁ ଅଧିକ ଥର ଆକ୍ରମଣ କରି ୱେବସାଇଟ୍‌କୁ ଅଚଳ କରିବାକୁ ଚେଷ୍ଟା କରାଯାଇଥିଲା। ଏହା ସହିତ ପ୍ରାୟ ଏକ ଲକ୍ଷରୁ ଅଧିକ ଥର ବେଆଇନ ଭାବେ ତଥ୍ୟ ଚୋରି ପାଇଁ ଉଦ୍ୟମ ହୋଇଥିଲା। ତେବେ କୌଣସି ତଥ୍ୟ ଲିକ୍ ହୋଇ ନ ଥିବା ବୋର୍ଡ ସ୍ପଷ୍ଟ କରିଛି। ଏହି ଘଟଣାରେ ଦିଲ୍ଲୀ ପୋଲିସ ନିକଟରେ ଏକ ମାମଲା ଦାୟର କରାଯାଇ ତଦନ୍ତ ଆରମ୍ଭ ହୋଇଛି। କେନ୍ଦ୍ରୀୟ ଏଜେନ୍ସି ଏବଂ ପ୍ରଯୁକ୍ତିବିଦ୍ୟା ଅନୁଷ୍ଠାନର ବିଶେଷଜ୍ଞ ଦଳ ଏହାର ମୁକାବିଲା କରୁଛନ୍ତି। ଜୁନ୍ ୪ ସୁଦ୍ଧା ମୋଟ୍ ୭୦, ୪୩୩ଟି ପୁନଃମୂଲ୍ୟାୟନ ଆବେଦନ ମିଳିସାରିଛି। ଚଳିତ ବର୍ଷ ପ୍ରଥମ ଥର ପାଇଁ ଡିଜିଟାଲ୍ ମାଧ୍ୟମରେ ଖାତା ଦେଖା ହେବା ପରଠାରୁ ବୋର୍ଡ ବିବାଦରେ ରହିଛି। ଚଳିତ ମେ' ୧୩ରେ ପ୍ରକାଶିତ ଫଳାଫଳରେ ପାସ୍ ହାର ଗତବର୍ଷ ତୁଳନାରେ କମିଥିବା ବେଳେ ଖାତା ଦେଖାରେ ବହୁତ ତ୍ରୁଟି ଥିବା ନେଇ ଛାତ୍ରଛାତ୍ରୀମାନେ ଅଭିଯୋଗ କରିଥିଲେ। ଜଣେ ଛାତ୍ରଙ୍କୁ ଅନ୍ୟ ଜଣଙ୍କର ପଦାର୍ଥ ବିଜ୍ଞାନ ଖାତା ମିଳିବା ଘଟଣା ସାମ୍ନାକୁ ଆସିବା ପରେ ଏହି ବିବାଦ ତୀବ୍ର ହୋଇଥିଲା।

## ଆଗୁଆ ଜାମିନ ପାଇଁ କୋର୍ଟର ଦ୍ୱାରସ୍ଥ ହେଲେ ଖାନ୍ ସାର୍

ପାଟନା, ୬।୬(ଏଜେନ୍ସି): ପାଟନାର ପ୍ରସିଦ୍ଧ ଶିକ୍ଷାବିତ୍ ଫୈସଲ ଖାନ୍ (ଖାନ୍ ସାର୍) ନିଜ କୋଚିଂ ସେଣ୍ଟରରେ ହୋଇଥିବା ପଥରମାଡ଼ ଓ ଗୁଳିକାଣ୍ଡ ମାମଲାରେ ଶନିବାର ପାଟନା କୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି। ଏହି ଘଟଣାରେ ରୁଜୁ ହୋଇଥିବା ମାମଲାରେ ତାଙ୍କ ନାମ ସାମ୍ନାକୁ ଆସିବା ପରେ ସେ ଗିରଫଦାରୀରୁ ବର୍ତ୍ତିବା ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ ମଙ୍ଗଳବାର ରାତିରେ ପ୍ରାୟ ୧୫ ରୁ ୨୦ ଜଣ ଦୁର୍ବୃତ୍ତ 'ଖାନ୍ ଗ୍ଲୋବାଲ୍ ଷ୍ଟଡିଜ୍ ଇନଷ୍ଟିଚ୍ୟୁଟ୍'ରେ ଭଙ୍ଗାରୁଜା ଓ ପଥରମାଡ଼ କରିଥିଲେ। ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଯିବାରୁ ସେଣ୍ଟରର ଦୁଇ ଜଣ ସୁରକ୍ଷାକର୍ମୀ ଆତ୍ମରକ୍ଷା ପାଇଁ ଫାୟାରିଂ କରିଥିଲେ। ପୋଲିସ ଗୁରୁବାର ସେହି ଦୁଇ ଜଣ ସୁରକ୍ଷାକର୍ମୀଙ୍କୁ ଅଟକ ରଖି ପଚରାଉଚରା କରିବା ସମୟରେ, ସେମାନେ ଖାନ୍ ସାର୍‌ଙ୍କ ନିର୍ଦ୍ଦେଶରେ ଗୁଳି ଚଳାଇଥିବା ପ୍ରକାଶ କରିଥିଲେ। ତେବେ ଖାନ୍ ସାର୍‌ଙ୍କ ଓକିଲ ଅରବିନ୍ଦ କୁମାର ମାଉ୍‌ଭର ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିବା ସହ ଏହା ଏକ ପ୍ରତିଦ୍ୱନ୍ଦ୍ୱୀ କୋଚିଂ ସେଣ୍ଟରର ନିର୍ଦ୍ଦେଶକଙ୍କ ଦ୍ୱାରା କରାଯାଇଥିବା ଏକ ବଡ଼ ଷଡ଼ଯନ୍ତ୍ର ବୋଲି କହିଛନ୍ତି। ସେ କହିଛନ୍ତି ଯେ ଖାନ୍ ସାର୍‌ଙ୍କୁ ବଦନାମ ଓ ମିଛ ମାମଲାରେ ଫସାଇବା ପାଇଁ ଏଫ୍ଆଇଆର୍‌ରେ ତାଙ୍କ ନାମ ଜବରଦସ୍ତି ଯୋଡ଼ାଯାଇଛି।

## ଟିଭିକେ ଓ ଡିଏମ୍‌କେରେ ସାମିଲ ହେଲେ ଅନେକ ପୂର୍ବତନ ମନ୍ତ୍ରୀ

ଚେନ୍ନାଇ, ୬।୬(ଏଜେନ୍ସି): ତାମିଲନାଡୁ ରାଜନୀତିରେ ଏଆଇଏଡିଏମକେ ଦଳର ସଙ୍କଟ ଆହୁରି ଗଭୀର ହେବାରେ ଲାଗିଛି। ବିଧାନସଭା ନିର୍ବାଚନରେ ଖରାପ ପ୍ରଦର୍ଶନ ପରେ ଦଳରେ ଦେଖାଦେଇଥିବା ଆଭ୍ୟନ୍ତରୀଣ ବିବାଦ ମଧ୍ୟରେ ଶନିବାର ଅନେକ ପୂର୍ବତନ ବିଧାୟକ ଓ ମନ୍ତ୍ରୀ ଦଳ ଛାଡ଼ିଛନ୍ତି। ଏମାନଙ୍କ ମଧ୍ୟରୁ ୪ ଜଣ ପୂର୍ବତନ ମନ୍ତ୍ରୀ ଉଦୁମଲାଇ କେ ରାଧାକ୍ରିଷ୍ଣନ, ଏମସି ସମ୍ପଥ, କଦମ୍ବୁର ସି ରାଜୁ ଏବଂ ଏନଆର ଶିବପାଥି ମୁଖ୍ୟମନ୍ତ୍ରୀ ବିଜୟଙ୍କ ଦଳ 'ଟିଭିକେ' ରେ ସାମିଲ ହୋଇଛନ୍ତି। ଅନ୍ୟପଟେ, ଆଉ କିଛି ପୂର୍ବତନ ବିଧାୟକ ବିରୋଧୀ ଦଳ 'ଡିଏମକେ' ସଭାପତି ଏମକେ ଷ୍ଟାଲିନଙ୍କ ଉପସ୍ଥିତିରେ ସେହି ଦଳରେ ଯୋଗ ଦେଇଛନ୍ତି। ନିକଟରେ ଅନୁଷ୍ଠିତ ନିର୍ବାଚନ ପରେ ଏଆଇଏଡିଏମକେର ୨୫ ଜଣ ବିଦ୍ରୋହୀ ବିଧାୟକ ଦଳୀୟ ନିର୍ଦ୍ଦେଶକୁ ଅମାନ୍ୟ କରି ମୁଖ୍ୟମନ୍ତ୍ରୀ ବିଜୟଙ୍କ ସପକ୍ଷରେ ଭୋଟ୍ ଦେଇଥିଲେ। ଏହାପରଠାରୁ ଦଳର ଅନେକ ନେତା ଓ କର୍ମୀ କ୍ରମାଗତ ଭାବେ ଦଳ ଛାଡୁଥିବାରୁ ସାଧାରଣ ସମ୍ପାଦକ ଏଡାପାଡି ପାଲାନିସ୍ୱାମୀଙ୍କ ପାଇଁ ଚିନ୍ତା ବଢ଼ିଯାଇଛି।



# ପୁଣି ଅଶାନ୍ତ ହେଲା ହର୍ମୁଜ୍

### ଇରାନର ଡ୍ରୋନ୍ ମାଡ଼ ପରେ ଆମେରିକାର ପାଲଟା ଆକ୍ରମଣ

ୱାସିଂଟନ/ତେହରାନ, ୬।୬(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ସାମରିକ ଉତ୍ତ?ଜନା ଚରମ ସୀମାରେ ପହଞ୍ଚିଛି। ରଣକ୍ଷେତ୍ର ପାଲଟିଛି ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜଳପଥ ହର୍ମୁଜ୍ ପ୍ରଣାଳୀ। ଆମେରିକା ସେନା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଇରାନ ଦ୍ୱାରା ପଠାଯାଇଥିବା ଚାରୋଟି ଆତ୍ମଘାତୀ ଆକ୍ରମଣକାରୀ ଡ୍ରୋନ୍‌କୁ ଆକାଶମାର୍ଗରେ ଧ୍ୱଂସ କରିବା ପରେ ଆମେରିକା ଏହାର ପାଲଟା ଜବାବ ଦେଇଛି। ଆମେରିକୀୟ ବାହିନୀ ସିଧାସଳଖ ଇରାନ ସୀମା ଭିତରକୁ ପଶି ସେଠାକାର ଗୋରୁକ ଏବଂ କେଶମ ଦ୍ୱୀପରେ ଥିବା ଉପକୂଳବର୍ତ୍ତୀ ସାମରିକ ରାଡାର କେନ୍ଦ୍ରଗୁଡ଼ିକ ଉପରେ ଶକ୍ତ ଆକ୍ରମଣ କରି ସେଗୁଡ଼ିକୁ ତବାହ କରିଦେଇଛି। ଆମେରିକା କେନ୍ଦ୍ରୀୟ କମାଣ୍ଡ (ସେଣ୍ଟକମ୍) ସାମାଜିକ ଗଣମାଧ୍ୟମରେ ଏକ ବିବୃତି ଜାରି କରି ଏହି ଆକ୍ରମଣ ସମ୍ପର୍କରେ ନିଶ୍ଚିତ କରିଛି। ସେଣ୍ଟକମ୍ ପକ୍ଷରୁ କୁହାଯାଇଛି ଯେ, ଇରାନର ଏହି ଚାରୋଟି ଡ୍ରୋନ୍ ଆନ୍ତର୍ଜାତୀୟ ଜଳପଥରେ ଚଳାଚଳ କରୁଥିବା ବାଣିଜ୍ୟିକ ଜାହାଜଗୁଡ଼ିକ ପାଇଁ ସିଧାସଳଖ ବିପଦ ସୃଷ୍ଟି କରୁଥିଲେ। ସେଥିପାଇଁ ଆତ୍ମରକ୍ଷା ଏବଂ ଜଳପଥର ସୁରକ୍ଷା ଖାତିରରେ ଆମେରିକା ସେନା ଏହି ପଦକ୍ଷେପ ନେଇଛି। ଆଗକୁ ମଧ୍ୟ ଇରାନର ଯେକୌଣସି ଅଯଥା ଆକ୍ରମଣର ଜବାବ ଦେବାକୁ ଆମେରିକା ସେନା ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି ବୋଲି ସେଣ୍ଟକମ୍ ଚେତାବନୀ ଦେଇଛି। ଅପରପକ୍ଷରେ, ଇରାନର ସରକାରୀ ଗଣମାଧ୍ୟମ ଅନୁଯାୟୀ, ଶନିବାର ସକାଳେ ହର୍ମୁଜ୍ ପ୍ରଣାଳୀ ନିକଟରେ ସେମାନଙ୍କ ସେନା ପକ୍ଷରୁ କେତେକ ଚେତାବନୀ ସୂଚକ ଗୁଳିଚାଳନା କରାଯାଇଥିଲା। ଆମେରିକାର ଯୁଦ୍ଧ ଜାହାଜଗୁଡ଼ିକ ନିଜର ସ୍ଥିତି ବଦଳାଇ ଇରାନ ସୀମା ଆଡ଼କୁ ଆସୁଥିବାରୁ ଏହାର ଜବାବରେ ଇରାନ ଏଭଳି ପଦକ୍ଷେପ ନେଇଥିବା ସେମାନଙ୍କ ସମ୍ବାଦ ସଂସ୍ଥା ପ୍ରକାଶ କରିଛି। କିନ୍ତୁ ଏହାପରେ ଆମେରିକାର ପାଲଟା ମିସାଇଲ୍ ମାଡ଼ ଇରାନର ସାମରିକ ପ୍ରସ୍ତୁତିକୁ ବଡ଼ ଝଟ୍‌କା ଦେଇଛି। ହର୍ମୁଜ ପ୍ରଣାଳୀ ହେଉଛି ସାରା ବିଶ୍ୱ ପାଇଁ ତେଲ ଏବଂ ଗ୍ୟାସ୍ ରପ୍ତାନିର ଏକ ପ୍ରମୁଖ ଚୋକପଏଣ୍ଟ ବା ସଙ୍କୁଚିତ ଜଳପଥ।

## ଜାତିସଂଘରେ ପାକିସ୍ତାନକୁ ଭାରତର ଚେତାବନୀ

### କାଶ୍ମୀର ପ୍ରସଙ୍ଗରେ ମିଥ୍ୟା ପ୍ରଚାର ବନ୍ଦ କରୁ ପାକିସ୍ତାନ

ନୂଆଦିଲ୍ଲୀ, ୬।୬(ଏଜେନ୍ସି): ମିଳିତ ଜାତିସଂଘ ମହାସଭାରେ ପୁଣି ଥରେ କାଶ୍ମୀର ପ୍ରସଙ୍ଗ ଉଠାଇ ଭାରତ ବିରୋଧରେ ବିଷୋଦ୍‌ଗାର କରିବା ପାକିସ୍ତାନ ପାଇଁ ମହଙ୍ଗା ପଡ଼ିଛି। ଶୁକ୍ରବାର ଦିନ ଜାତିସଂଘରେ ଭାରତ ପକ୍ଷରୁ ପାକିସ୍ତାନର ସମସ୍ତ ମିଥ୍ୟା ଓ ମନଗଢ଼ା ଅଭିଯୋଗକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରାଯିବା ସହ କଡ଼ା ଭାଷାରେ ଜବାବ ଦିଆଯାଇଛି। ଭାରତ ସ୍ପଷ୍ଟ କରିଛି ଯେ, ନିଜର ବ୍ୟକ୍ତିଗତ ତଥା ମନ୍ଦ ରାଜନୈତିକ ଉଦ୍ଦେଶ୍ୟ ଚରିତାର୍ଥ କରିବା ପାଇଁ ଜାତିସଂଘ ଭଳି ଏକ ସମ୍ମାନଜନକ ଆନ୍ତର୍ଜାତୀୟ ମଞ୍ଚକୁ ଅପବ୍ୟବହାର କରିବା ପାକିସ୍ତାନ ବନ୍ଦ କରୁ। ରାଷ୍ଟ୍ରସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ରାଷ୍ଟ୍ରଦୂତ ପାର୍ବଥାନେନି ହରିଶ୍ ପାକିସ୍ତାନର ଅଭିଯୋଗର ଜବାବ ଦେଇ କହିଛନ୍ତି, 'ପାକିସ୍ତାନ ପକ୍ଷରୁ ଭାରତର ସମ୍ପୂର୍ଣ୍ଣ ଆଭ୍ୟନ୍ତରୀଣ ପ୍ରସଙ୍ଗ ତଥା ଜମ୍ମୁ-କାଶ୍ମୀର ସମ୍ପର୍କରେ ଯେଉଁ ଅନାବଶ୍ୟକ ଟିପ୍ପଣୀ ଦିଆଯାଇଛି, ତାହାର ଉତ୍ତର ଦେବାକୁ ମୁଁ ବାଧ୍ୟ ହେଉଛି। ପାକିସ୍ତାନ



ନିଜର ସୀମିତ ରାଜନୈତିକ ସ୍ୱାର୍ଥ ପାଇଁ ଏହି ପବିତ୍ର ମଞ୍ଚକୁ ବ୍ୟବହାର କରିବାକୁ ପଛାଇ ନାହିଁ। ସୁରକ୍ଷା ପରିଷଦର ସଦସ୍ୟ ହେବା ଏକ ବଡ଼ ଦାୟିତ୍ୱ, ଏହା ମିଥ୍ୟା ଏବଂ ପକ୍ଷପାତମୂଳକ କାହାଣୀ ପ୍ରଚାର କରିବାର ସ୍ଥାନ ନୁହେଁ।' ସେ ଆହୁରି ମଧ୍ୟ ଦୃଢ଼ତାର ସହ କହିଛନ୍ତି ଯେ, ଜମ୍ମୁ ଓ କାଶ୍ମୀର ଭାରତର ଅଙ୍ଗ ଥିଲା, ଅଛି ଏବଂ ସଦାସର୍ବଦା ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିବ। ଏହା ବିରୋଧରେ କରାଯାଉଥିବା ଯେ, କୌଣସି ପ୍ରଚାର ସମ୍ପୂର୍ଣ୍ଣ ଭିତ୍ତିହୀନ ଏବଂ ଐତିହାସିକ ସତ୍ୟତାଠାରୁ ଦୂରରେ। ଜମ୍ମୁ-କାଶ୍ମୀର ପ୍ରସଙ୍ଗକୁ ଏକ ଆନ୍ତର୍ଜାତୀୟ ବିବାଦର ରୂପ ଦେବା ପାଇଁ ପାକିସ୍ତାନ ଦୀର୍ଘ ଦିନ ହେବ ଚେଷ୍ଟା କରିଆସୁଛି। କିନ୍ତୁ ଭାରତ ଏହାର କୂଟନୈତିକ ରଣନୀତି ମାଧ୍ୟମରେ ପାକିସ୍ତାନର ଏହି ପ୍ରୟାସକୁ ବାରମ୍ବାର ଧୂଳିସାତ୍ କରିଦେଇଛି। ରାଷ୍ଟ୍ରଦୂତ ହରିଶ୍ କହିଛନ୍ତି ଯେ, ପାକିସ୍ତାନର ଖୋଲା ଆସ୍ଫାଳନ ଏବଂ ଅସାର ଦାବି ଦ୍ୱାରା ଭୂମିପୁତ୍ରଙ୍କ ବାସ୍ତବତା ଏବଂ ଇତିହାସ କଦାପି ବଦଳିବ ନାହିଁ। କାଶ୍ମୀରରେ ସ୍ଥିତି ସମ୍ପୂର୍ଣ୍ଣ ସ୍ୱାଭାବିକ ଅଛି ଏବଂ ଏହା ଭାରତର ସାର୍ବଭୌମତ୍ୱର ଅଂଶ ଅଟେ।



## କେନ୍ଦ୍ର ଭାରତକୁ ଝଟ୍‌କା ଦେବ ମୌସୁମୀ

ନୂଆଦିଲ୍ଲୀ, ୬।୬(ଏଜେନ୍ସି): ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଏବେ ଦ୍ରୁତ ଗତିରେ ଆଗକୁ ବଢ଼ିବାରେ ଲାଗିଛି। ସ୍ୱାଭାବିକ ସମୟଠାରୁ ତିନି ଦିନ ବିଳମ୍ବରେ କେରଳ ଛୁଇଁବା ପରେ, ଏହା କର୍ଣ୍ଣାଟକ ଓ ତାମିଲନାଡୁର ଉପକୂଳ ଅଞ୍ଚଳକୁ ସମ୍ପୂର୍ଣ୍ଣ ଆବୃତ କରି ଜୁନ୍ ୫ ତାରିଖରେ ଏହାର ସଠିକ୍ ସମୟରେ ଗୋଆରେ ପ୍ରବେଶ କରିଛି। ପାଣିପାଗ ବିଶେଷଜ୍ଞଙ୍କ ଅନୁସାରେ, ମୌସୁମୀ ବାୟୁ ସଠିକ୍ ସମୟରେ କିମ୍ବା ସମୟ ପୂର୍ବରୁ ମୁମ୍ବାଇରେ ପହଞ୍ଚିଯାଇପାରେ। ଆଗାମୀ ଦୁଇରୁ ତିନି ଦିନ ମଧ୍ୟରେ ଏହା ପଶ୍ଚିମବଙ୍ଗ ଏବଂ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକୁ ଛୁଇଁବାର ସମ୍ଭାବନା ରହିଛି। ଏହା ସହିତ ଆଗାମୀ ୧୦ ଦିନ ମଧ୍ୟରେ ଓଡ଼ିଶା, ବିହାର ଏବଂ ଝାଡ଼ଖଣ୍ଡର କେତେକ ଅଞ୍ଚଳରେ ମୌସୁମୀ ବର୍ଷା ଆରମ୍ଭ ହୋଇଯାଇପାରେ। ମାତ୍ର ବଙ୍ଗୋପସାଗରରେ କୌଣସି ଶକ୍ତିଶାଳୀ ପାଣିପାଗ ନିୟାମକ ବା ଅବପାତ ସୃଷ୍ଟି ହୋଇନଥିବାରୁ, ଚଳିତ ମାସ ଶେଷ ଆଡ଼କୁ ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ଓଡ଼ିଶା ସମେତ କେନ୍ଦ୍ରୀୟ ଓ ପୂର୍ବ ଭାରତରେ ମୌସୁମୀର ଅଗ୍ରଗତି ମନ୍ଥର ହୋଇଯାଇପାରେ ବୋଲି ପାଣିପାଗ ବିଜ୍ଞାନୀମାନେ ଚେତାବନୀ ଦେଇଛନ୍ତି। ଅନ୍ୟପଟେ, ଗତକାଲି ରାଜସ୍ଥାନରେ ପ୍ରବଳ ଧୂଳିଝଡ଼ ଓ ବର୍ଷା ଯୋଗୁଁ ଭିନ୍ନ ଭିନ୍ନ ସ୍ଥାନରେ ୪ ଜଣଙ୍କର ମୃତ୍ୟୁ ହୋଇଛି। ମଧ୍ୟପ୍ରଦେଶ ଓ ଛତିଶଗଡ଼ର କେତେକ ସ୍ଥାନରେ ମଧ୍ୟ ପ୍ରବଳ ଝଡ଼ବର୍ଷା ସହ ସାମାନ୍ୟ କ୍ଷୟକ୍ଷତି ଘଟିଛି। ଭାରତୀୟ ପାଣିପାଗ ବିଭାଗ ଅନୁସାରେ, ଆରମ୍ଭରେ ବର୍ଷାର ପରିମାଣ ସ୍ୱାଭାବିକଠାରୁ କମ୍ ଥିଲେ ମଧ୍ୟ ଗତ କିଛି ଦିନ ହେବ ବର୍ଷାର ପ୍ରକୋପ ବଢ଼ିବା ଯୋଗୁଁ ଏହି ନିଅଣ୍ଟିଆ ସ୍ଥିତି ବହୁଳ ଭାବେ ହ୍ରାସ ପାଇଛି। ଆଗାମୀ ଦିନରେ ଓଡ଼ିଶା, ବିହାର, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗର ଅନେକ ସ୍ଥାନରେ ବିଜୁଳି, ଘଡ଼ଘଡ଼ି ସହ ପ୍ରାକ୍-ମୌସୁମୀ ବର୍ଷା ଜାରି ରହିବ ବୋଲି ପୂର୍ବାନୁମାନ କରାଯାଇଛି।

## ଲଣ୍ଡନରେ ଭାରତର ପ୍ରଧାନବିଚାରପତିଙ୍କୁ ଅସମ୍ମାନ

### ଭାଷଣ ବେଳେ ହଟ୍ଟଗୋଳ, ଭାରତର ନିନ୍ଦା



ନୂଆଦିଲ୍ଲୀ୬।୬(ଏଜେନ୍ସି): ଲଣ୍ଡନର ଏକ ବିଶ୍ୱବିଦ୍ୟାଳୟରେ ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଭାଷଣ ଚାଲିଥିବା ବେଳେ କେତେକ ଲୋକ ହଟ୍ଟଗୋଳ କରିଛନ୍ତି। ଏହି ଘଟଣାକୁ ନେଇ ବ୍ରିଟେନରେ ଥିବା ଭାରତୀୟ ଦୂତାବାସ ତୀବ୍ର ନିନ୍ଦା କରିବା ସହ ଏହାକୁ ଏକ ଅଶୋଭନୀୟ ଆଚରଣ ବୋଲି କହିଛି। ଜୁନ୍ ୪ ତାରିଖରେ ପ୍ରଧାନ ବିଚାରପତି 'କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଏବଂ ଆନ୍ତର୍ଜାତୀୟ ଆଇନ' ବିଷୟରେ ଭାଷଣ ଦେଉଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ସମୟରେ କିଛି ଶ୍ରୋତା ଭାରତରେ ଅସନ୍ତୋଷ ପ୍ରକାଶର ସ୍ୱାଧୀନତା ଏବଂ ଗତ ମେ ୧୫ ତାରିଖରେ ଅଦାଲତରେ ପ୍ରଧାନ ବିଚାରପତିଙ୍କ ଦ୍ୱାରା ଦିଆଯାଇଥିବା ଏକ ବିବାଦୀୟ ବୟାନକୁ ନେଇ ପ୍ରଶ୍ନ ଉଠାଇଥିଲେ। ମୁଖ୍ୟ ବିଷୟବସ୍ତୁ ବାହାରେ ଥିବାରୁ ସଞ୍ଚାଳକ ଏହି ପ୍ରଶ୍ନଗୁଡ଼ିକୁ ରୋକିବାକୁ ଚେଷ୍ଟା କରିଥିଲେ, ଯାହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା ଏବଂ କିଛି ଲୋକ ହଟ୍ଟଗୋଳ କରିଥିଲେ। ସୂଚନାଯୋଗ୍ୟ ଯେ, ଗତ ମେ ମାସରେ ଏକ ଶୁଣାଣି ବେଳେ ପ୍ରଧାନ ବିଚାରପତି ବେକାର ଯୁବକମାନଙ୍କୁ ନେଇ କକ୍ରୋଚ୍ ଅର୍ଥାତ ଅସରପା ବା ପରଜୀବୀ ଭଳି ଏକ ଶବ୍ଦ ବ୍ୟବହାର କରିଥିଲେ, ଯାହାକୁ ନେଇ ପରେ ସେ ସ୍ପଷ୍ଟୀକରଣ ମଧ୍ୟ ଦେଇଥିଲେ। ଏହି ଘଟଣାକୁ ନେଇ ଦେଶରେ ଏକ ବ୍ୟଙ୍ଗାତ୍ମକ ରାଜନୈତିକ ଗୋଷ୍ଠୀ ମଧ୍ୟ ଗଠନ ହୋଇଛି, ଯେଉଁମାନେ ଏହି ଭିଡିଓକୁ ସାମାଜିକ ଗଣମାଧ୍ୟମରେ ପ୍ରସାରିତ କରୁଛନ୍ତି। ଭାରତୀୟ ଦୂତାବାସ କହିଛି ଯେ ଗଣତନ୍ତ୍ରରେ ମତଭେଦ ରହିବା ସ୍ୱାଭାବିକ, ମାତ୍ର ନିଜର ମତ ରଖିବା ବେଳେ ସଭ୍ୟତା ଓ ଶିଷ୍ଟାଚାର ବଜାୟ ରଖିବା ଉଚିତ।

## ଅନ୍ନାମଲାଇଙ୍କ ସହ ୧୦ ଘଣ୍ଟାରେ ଯୋଡ଼ି ହେଲେ ୧୦ ଲକ୍ଷ ଲୋକ

ଚେନ୍ନାଇ, ୬।୬(ଏଜେନ୍ସି): ତାମିଲନାଡୁ ବିଜେପିର ପୂର୍ବତନ ସଭାପତି କେ. ଅନ୍ନାମଲାଇ ବିଜେପିରୁ ଇସ୍ତଫା ଦେବା ପରେ ନିଜର ଏକ ନୂଆ ରାଜନୈତିକ ଦଳ ଗଠନ କରିଛନ୍ତି। ସେ ଜୁନ୍ ପାଞ୍ଚ ତାରିଖରେ 'ଇଦୁ ନମ୍ମା ଇୟକ୍କମ୍' (ଏହା ଆମ ଆନ୍ଦୋଳନ) ନାମକ ଏକ ସ୍ୱାଧୀନ ଦଳ ଘୋଷଣା କରିବା ସହ ଏକ ଭିଡିଓ ବାର୍ତ୍ତା ଜାରି କରିଛନ୍ତି। ଅନ୍ନାମଲାଇଙ୍କ ଦାବି ଅନୁଯାୟୀ, ଦଳ ଗଠନର ମାତ୍ର ୧୦ ଘଣ୍ଟା ମଧ୍ୟରେ ୧୦ ଲକ୍ଷରୁ ଅଧିକ ଲୋକ ଏହି ଆନ୍‌ଦୋଳନ ସହ ଜୋଡ଼ି ହୋଇସାରିଛନ୍ତି। ତାଙ୍କର ଏହି ନିଷ୍ପତ୍ତି ପରେ ତାମିଲନାଡୁ ବିଜେପିରେ ଏକ ବଡ଼ ଧରଣର ସଙ୍କଟ ସୃଷ୍ଟି ହୋଇଛି। ଅନ୍ନାମଲାଇଙ୍କୁ ସମର୍ଥନ ଜଣାଇ ବିଜେପି ରାଜ୍ୟ ଉପସଭାପତି କାରୁ ନାଗରାଜନଙ୍କ ସମେତ ଅନେକ ବରିଷ୍ଠ ନେତା ଦଳରୁ ଇସ୍ତଫା ଦେଇଛନ୍ତି। ପୂର୍ବତନ ଆଇପିଏସ୍ ଅଧିକାରୀ ଅନ୍ନାମଲାଇ କହିଛନ୍ତି ଯେ ତାଙ୍କ ଦଳ ୨୦୩୧ ମସିହା ତାମିଲନାଡୁ ବିଧାନସଭା ନିର୍ବାଚନ ଲଢ଼ିବ ଏବଂ ରାଜ୍ୟରେ ବଂଶବାଦ ତଥା ବ୍ୟକ୍ତିଗତ ପୂଜା ପରିବର୍ତ୍ତେ ସାଧାରଣ ଜନତାଙ୍କ ପାଇଁ ପରିବର୍ତ୍ତନର ରାଜନୀତି କରିବ। ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ତାମିଲନାଡୁରେ ଅନୁଷ୍ଠିତ ହୋଇଥିବା ବିଧାନସଭା ନିର୍ବାଚନରେ ବିଜେପି ମାତ୍ର ଗୋଟିଏ ଆସନ ଜିତିବାକୁ ସକ୍ଷମ ହୋଇଥିଲା। ଅନ୍ୟପଟେ ଅଭିନେତା ବିଜୟଙ୍କ ଦୁଇ ବର୍ଷର ପୁରୁଣା ଦଳ 'ତାମିଲଗା ଭେଟ୍ରି କାଜାଗାମ୍' ୧୦୮ଟି ଆସନ ଜିତି କଂଗ୍ରେସ ସହ ମିଶି ସେଠାରେ ସରକାର ଗଠନ କରିଛି। ଏହି ନିର୍ବାଚନ ପରେ ବିଜେପିର ଶୀର୍ଷ ନେତୃତ୍ୱଙ୍କ ସହ ମତଭେଦ ଯୋଗୁଁ ଅନ୍ନାମଲାଇ ଗତ ଜୁନ୍ ଦୁଇ ତାରିଖରେ ନିଜ ପଦରୁ ଇସ୍ତଫା ଦେଇଥିଲେ। ଅନ୍ନାମଲାଇଙ୍କ ଏହି ନୂଆ ଅନ୍ଦୋଳନ ଏବଂ ବିଜେପି ନେତାମାନଙ୍କ ଦଳ ତ୍ୟାଗ ଆଗାମୀ ଦିନରେ ରାଜ୍ୟ ରାଜନୀତିକୁ କେଉଁ ମୋଡ଼ ଦେଉଛି ତାହା ଦେଖିବାକୁ ବାକି ରହିଲା।





## ଭାରତୀୟଙ୍କୁ ଟାର୍ଗେଟ୍ କରୁଥିବା ୧୪ ସୋସିଆଲ ମିଡିଆ ପୋଷ୍ଟ ବ୍ଲକ୍ କଲା ସିଙ୍ଗାପୁର

ସିଙ୍ଗାପୁର, ୬।୬(ଏଜେନ୍ସି): ସିଙ୍ଗାପୁର ସରକାର ନିଜ ଦେଶରେ ସାମାଜିକ ସଦ୍‌ଭାବନା ରକ୍ଷା କରିବା ପାଇଁ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଭାରତୀୟ ସମୁଦାୟକୁ ଟାର୍ଗେଟ୍ କରୁଥିବା ଏବଂ ଦେଶର ବହୁସଂସ୍କୃତିବାଦକୁ କ୍ଷତି ପହଞ୍ଚାଉଥିବା ୧୪ଟି ପୋଷ୍ଟକୁ ବ୍ଲକ କରିବା ପାଇଁ ସିଙ୍ଗାପୁର ପୋଲିସ ଫେସବୁକ୍, ୟୁଟ୍ୟୁବ୍ ଏବଂ ଏକ୍ସ (ଟ୍ୱିଟର) ଭଳି ପ୍ରମୁଖ ସାମାଜିକ ଗଣମାଧ୍ୟମଗୁଡ଼ିକୁ ନିର୍ଦ୍ଦେଶ ଦେଇଛି। ସିଙ୍ଗାପୁର ଗୃହ ମନ୍ତ୍ରଣାଳୟ ଅନୁସାରେ, ଏହିସବୁ ବିବାଦୀୟ ଭିଡିଓ ଓ ପୋଷ୍ଟଗୁଡ଼ିକ ଚୀନ୍‌ରୁ ସୃଷ୍ଟି ହୋଇଥିବା ଜଣାପଡ଼ିଛି। ଗତ ମେ ମାସରୁ ସେଠାକାର ଇଣ୍ଟରନେଟ୍ ମାଧ୍ୟମରେ ଏଭଳି ଭ୍ରମ ସୃଷ୍ଟି କଲା ଭଳି ତଥ୍ୟ ପ୍ରସାର କରାଯାଉଥିଲା, ଯେଉଁଥିରେ ସିଙ୍ଗାପୁର ଉପରେ ଭାରତୀୟମାନେ ପ୍ରଭାବ ବିସ୍ତାର କରୁଥିବା ନେଇ ଉତ୍ତେଜନାମୂଳକ କଥା କୁହାଯାଇଥିଲା। ଦେଶର ଗୃହ ରାଷ୍ଟ୍ରମନ୍ତ୍ରୀ ଏଡୱିନ୍ ଟୋଙ୍ଗ କହିଛନ୍ତି ଯେ, ଏହି ଭିଡିଓଗୁଡ଼ିକ ଜାତି ଆଧାରରେ ଲୋକଙ୍କୁ ବିଭାଜନ କରିବାକୁ ଚେଷ୍ଟା କରୁଛି। ସିଙ୍ଗାପୁରରେ ପ୍ରତ୍ୟେକ ସମୁଦାୟର ସମାନ ସ୍ଥାନ ରହିଛି ଏବଂ ବିଦେଶୀ ନାଗରିକଙ୍କ ଦ୍ୱାରା ଦେଶର ସାମ୍ପ୍ରଦାୟିକ ସଦ୍‌ଭାବନା ନଷ୍ଟ କରିବାକୁ ଚେଷ୍ଟା କରାଗଲେ ତାହାକୁ ବରଦାସ୍ତ କରାଯିବ ନାହିଁ।

## ମମତାଙ୍କ ପାଇଁ ସିଟ୍ ଛାଡିବାକୁ ମନାକଲେ ୟୁସୁଫ ପଠାନ!

କୋଲକାତା, ୬।୬(ଏଜେନ୍ସି): ପଶ୍ଚିମବଙ୍ଗ ରାଜନୀତିରେ ବର୍ତ୍ତମାନ ପୁଣି ଅନ୍ୟ ବିବାଦ ଦେଖା ଦେଇଛି। ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବାନାର୍ଜୀ ନିଜର ରାଜନୈତିକ ସ୍ଥିତିକୁ ସୁଦୃଢ଼ କରିବା ପାଇଁ ଲୋକସଭାକୁ ଯିବାକୁ ଯୋଜନା କରୁଥିବା ବେଳେ ଦଳ ମଧ୍ୟରେ ବିରୋଧାଭାଷ ଦେଖାଦେଇଛି। ବିଶେଷ କରି ବହରାମପୁର ସାଂସଦ ତଥା ପୂର୍ବତନ କ୍ରିକେଟର ୟୁସୁଫ ପଠାନ ନିଜ ପଦରୁ ଇସ୍ତଫା ଦେବାକୁ ମନା କରିଦେଇଥିବା ରିପୋର୍ଟ ପ୍ରକାଶ ପାଇଛି। ସୂତ୍ର ଅନୁଯାୟୀ, ନିକଟରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ନିଜ ଆସନ ଭବାନୀପୁରରୁ ଶୁଭେନ୍ଦୁ ଅଧିକାରୀଙ୍କଠାରୁ ମମତା ପରାଜିତ ହୋଇଛନ୍ତି। ହେଲେ ଏହାପରେ ସେ କେନ୍ଦ୍ରୀୟ ରାଜନୀତିରେ ପ୍ରବେଶ ପାଇଁ ସଂସଦକୁ ଯିବାକୁ ମନ ବଳାଇଛନ୍ତି। ଏଥିପାଇଁ ସେ ମୁର୍ଶିଦାବାଦ ଜିଲ୍ଲାର ବହରାମପୁର ଆସନକୁ ବାଛିଛନ୍ତି। ୨୦୨୪ ଲୋକସଭା ନିର୍ବାଚନରେ ୟୁସୁଫ ପଠାନ ଏହି ଆସନରୁ କଂଗ୍ରେସର ପ୍ରଭାବଶାଳୀ ନେତା ଅଧୀର ରଞ୍ଜନ ଚୌଧୁରୀଙ୍କୁ ପ୍ରାୟ ୮୫, ୦୦୦ ଭୋଟରେ ପରାସ୍ତ



କରିଥିଲେ। ବହରାମପୁରରେ ପ୍ରାୟ ୭୦ ପ୍ରତିଶତ ମୁସଲମାନ ଭୋଟର ଥିବାରୁ ଦଳ ଏହି ଆସନକୁ ମମତାଙ୍କ ପାଇଁ ସୁରକ୍ଷିତ ସୁଯୋଗ ବୋଲି ବିବେଚନା କରୁଛି। କିନ୍ତୁ ମମତାଙ୍କ ପାଇଁ ଆସନ ଖାଲି କରିବା ପ୍ରସ୍ତାବକୁ ୟୁସୁଫ ପଠାନ ସିଧାସଳଖ ପ୍ରତ୍ୟାଖ୍ୟାନ କରିଥିବା ଜଣାପଡ଼ିଛି।

ସେପଟେ ଏହି ସମଗ୍ର ବିବାଦ ମଧ୍ୟକୁ ପୂର୍ବତନ ଭାରତୀୟ କ୍ରିକେଟ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ନାମ ମଧ୍ୟ ଟଣାଯାଇଛି। ଗଣମାଧ୍ୟମର କିଛି ରିପୋର୍ଟ ଅନୁଯାୟୀ, ୟୁସୁଫଙ୍କୁ ମନାଇବା ପାଇଁ ମମତା ଗାଙ୍ଗୁଲିଙ୍କ ସହାୟତା ନେଇଥିବା କୁହାଯାଇଛି। ତେବେ ଗାଙ୍ଗୁଲି ଏହି ଅଭିଯୋଗକୁ କଡ଼ା ଭାଷାରେ ଖଣ୍ଡନ କରିଛନ୍ତି। ସେ ଏହାକୁ ସତ୍ୟର ଅପମାନ ଏବଂ ଭିତ୍ତିହୀନ ବୋଲି କହିଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ, ସେ କେବେ ହେଲେ କୌଣସି ରାଜନୈତିକ ବ୍ୟାପାରରେ ଜଡ଼ିତ ନୁହନ୍ତି ଏବଂ ଏହି ବିଷୟରେ ସେ ୟୁସୁଫ ପଠାନଙ୍କ ସହ କୌଣସି ଯୋଗାଯୋଗ କରିନାହାନ୍ତି। ଅନ୍ୟପଟେ ଟିଏମସି ବିଧାୟକ ହୁମାୟୁନ କବୀର ନିଜର ରେଜିନଗର ଆସନ ମମତାଙ୍କ ପାଇଁ ଛାଡିବାକୁ ପ୍ରସ୍ତାବ ଦେଇଥିବା ଜଣାଯାଇଛି।



## ଆରଜେଡି କର୍ମକର୍ତ୍ତା ହାତରେ ବାଡ଼ି ଧରି ଜଗିଲେ ଲାଲୁଙ୍କ ଘର

### ଜେଡ୍ ପ୍ରତ୍ୟାହାର ପରେ ୱାଇ-ସୁରକ୍ଷା ଫେରାଇଦେଲେ ଲାଲୁ

ପାଟନା, ୬।୬(ଏଜେନ୍ସି): ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ସୁପ୍ରିମୋ ଲାଲୁ ପ୍ରସାଦ ଯାଦବ ଏବଂ ତାଙ୍କ ପରିବାର ସରକାରଙ୍କ ଦ୍ୱାରା ସେମାନଙ୍କ ସୁରକ୍ଷା ବ୍ୟବସ୍ଥା କମାଯିବା ପ୍ରତିବାଦରେ ସମସ୍ତ ସରକାରୀ ସୁରକ୍ଷା କର୍ମୀଙ୍କୁ ଫେରାଇ ଦେଇଛନ୍ତି। ବିହାର ସରକାର ଲାଲୁ ଯାଦବ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ରାବ୍ରୀ ଦେବୀଙ୍କୁ ମିଳୁଥିବା ଜେଡ ପ୍ଲସ୍ ସ୍ତରର ସୁରକ୍ଷାକୁ ପ୍ରତ୍ୟାହାର କରିଥିଲେ। ଏହାପରେ ସେମାନଙ୍କୁ ବିହାର ସ୍ୱତନ୍ତ୍ର ସଶସ୍ତ୍ର ପୋଲିସ (ବିଏସ୍ଏପି) ଅଧୀନରେ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିଷ୍ପତ୍ତି ପରେ ପାଟନା ସ୍ଥିତ ୧୦ ସର୍କୁଲାର ରୋଡ ବାସଭବନରେ ମୁତୟନ ଥିବା ସମସ୍ତ ସୁରକ୍ଷା କର୍ମୀଙ୍କୁ ଲାଲୁ ଯାଦବ ଏବଂ ରାବ୍ରୀ ଦେବୀ ସେଠାରୁ ଚାଲିଯିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ପରେ ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ମଧ୍ୟ ନିଜକୁ ମିଳିଥିବା ୱାଇ ପ୍ଲସ୍ ସୁରକ୍ଷା ବ୍ୟବସ୍ଥାକୁ ଫେରାଇ ଦେଇଥିଲେ। ଏହି ଘଟଣା ପରେ ଆରଜେଡି କର୍ମକର୍ତ୍ତାମାନେ ଲାଲୁ ଯାଦବଙ୍କ ବାସଭବନ ସାମ୍ନାରେ ହାତରେ ବାଡ଼ି ଧରି ଜଗି ରହିଥିବା ଦେଖିବାକୁ ମିଳିଛି।

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-339 ♦SUNDAY ♦7 JUNE 2026 ♦PAGE-12+4 ♦₹ 7.00

♦ବର୍ଷ-୪୩ ♦ସଂଖ୍ୟା-୩୩୯ ♦ରବିବାର ♦୭ ଜୁନ୍ ୨୦୨୬ ♦ପୃଷ୍ଠା-୧୨+୪ (ସିନ୍ଦୂରା) ♦ଟ.୭.୦୦


# କ୍ରିକେଟ ଜଗତର ନୂଆ ବିସ୍ମୟ



■ ନୂଆଦିଲ୍ଲୀ, ୬।୬ (ଏଜେନ୍ସି): ଆଗାମୀ ଆୟର୍ଲାଣ୍ଡ ଓ ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜ ଓ ଏସୀୟ କ୍ରୀଡ଼ା ଲାଗି ଶନିବାର ଭାରତୀୟ ଟି-୨୦ ଦଳ ଘୋଷଣା କରାଯାଇଛି। ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ଭାରତୀୟ ସିନିଅର ଚୟନ କମିଟି ଏକ ସାହସିକ ନିଷ୍ପତ୍ତିକ୍ରମେ ବିହାରର ବିସ୍ମୟ କ୍ରିକେଟର୍ ବୈଭବ ସୂର୍ଯ୍ୟବଂଶୀଙ୍କୁ ସିନିଅର ଦଳରେ ସୁଯୋଗ ଦେଇଛି। ଫଳରେ ଆଇପିଏଲ୍ ଓ ଜୁନିଅରବର୍ଗରେ ପ୍ରଦର୍ଶନର ଛାପ ଛାଡ଼ି ସାରିଥିବା ୧୫ ବର୍ଷୀୟ ଏହି ବାମହାତୀ ବ୍ୟାଟର୍ ସୂର୍ଯ୍ୟବଂଶୀ ପ୍ରଥମଥର ଲାଗି ଟିମ୍ ଇଣ୍ଡିଆର ସିନିଅର ଦଳରେ ସ୍ଥାନ ପାଇଛନ୍ତି। ନିକଟରେ ଶେଷ ହୋଇଥିବା ଆଇପିଏଲ୍‌ରେ ସୂର୍ଯ୍ୟବଂଶୀ ୧୬ଟି ମ୍ୟାଚରେ ୪୮.୫୦ ହାରରେ ୭୭୬ ରନ କରି ସମସ୍ତଙ୍କ ▶ପୃଷ୍ଠା-୭

### ଜାତୀୟ ଦଳରେ ବୈଭବ ସୂର୍ଯ୍ୟବଂଶୀ

# ପ୍ରଶାନ୍ତ ମହାସାଗରରେ ଏଲ୍ ନିନୋ ସକ୍ରିୟ

## ଦୁର୍ବଳ ହେବ ମୌସୁମୀ; ମରୁଡ଼ି ଆଶଙ୍କା

■ ନୂଆଦିଲ୍ଲୀ, ୬।୬ (ଏଜେନ୍ସି): ପ୍ରଶାନ୍ତ ମହାସାଗରର ଗରମ ପବନ ଏବଂ ଜଳରାଶି ଏବେ ସାରା ପୃଥିବୀର ଜଳବାୟୁକୁ ବିପଦରେ ପକାଇବାକୁ ଯାଉଛି। ୟୁରୋପୀୟ ପାଣିପାଗ ପୂର୍ବାନୁମାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରଶାନ୍ତ ମହାସାଗରରେ 'ଏଲ୍ ନିନୋ' ପ୍ରକ୍ରିୟା ସମ୍ପୂର୍ଣ୍ଣ ସକ୍ରିୟ ହୋଇଯାଇଛି। ସାଗରର ସୀମା ବାହାରେ ତାପମାତ୍ରା ବୃଦ୍ଧି ପାଇବା ଯୋଗୁଁ ଚଳିତ ବର୍ଷ ଭାରତରେ ମୌସୁମୀ ବାୟୁ ଦୁର୍ବଳ ହେବାର ଆଶଙ୍କା ଦେଖାଦେଇଛି। ଏହାଦ୍ୱାରା ଦେଶରେ ସ୍ୱଳ୍ପ ବୃଷ୍ଟିପାତ ଏବଂ କୃଷି କ୍ଷେତ୍ରରେ ବ୍ୟାପକ କ୍ଷତି ଘଟିବାର ସମ୍ଭାବନା ସୃଷ୍ଟି ହୋଇଛି।

ସାଧାରଣ ଭାଷାରେ ବୁଝିବାକୁ ଗଲେ, ପ୍ରଶାନ୍ତ ମହାସାଗର ପୃଥିବୀର ଏକ ବଡ଼ ତାପମାତ୍ରା ନିୟନ୍ତ୍ରକ ଇଞ୍ଜିନ ଭଳି କାର୍ଯ୍ୟ କରିଥାଏ। ସ୍ୱାଭାବିକ ସ୍ଥିତିରେ ପୂର୍ବରୁ ପଶ୍ଚିମକୁ ବହୁଥିବା ପବନ ଗରମ ଜଳକୁ ଏସିଆ ଏବଂ ଅଷ୍ଟ୍ରେଲିଆ ଆଡ଼କୁ ନେଇଥାଏ। ଏହାଫଳରେ ଦକ୍ଷିଣ ଆମେରିକା ଉପକୂଳରୁ ଥଣ୍ଡା ଏବଂ ପୋଷକ ତତ୍ତ୍ୱଭରା ଜଳ ଉପରକୁ ଆସିଥାଏ। ତେବେ ଏଲ୍ ନିନୋ ସମୟରେ ଏହି ପ୍ରକ୍ରିୟା ଓଲଟା ହୋଇଯାଏ। ପବନ ଦୁର୍ବଳ ହୋଇଯିବା ଯୋଗୁଁ ଗରମ ଜଳ ପୁଣି ▶ପୃଷ୍ଠା-୭

## ରଜରେ ଭିଜିବ ଓଡ଼ିଶା

### ଭୁବନେଶ୍ୱରରେ କାଳବୈଶାଖୀ ବର୍ଷା
### ଦିନରେ ୪୦ ଡିଗ୍ରୀ, ସନ୍ଧ୍ୟାରେ ୨୬କୁ ଖସିଲା

■ ଭୁବନେଶ୍ୱର, ୬।୬ (ସମିସ): ଆଗାମୀ ୬ରୁ ୮ ଦିନ ମଧ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାର କିଛି ଅଂଶକୁ ଛୁଇଁପାରେ। ଏଥିପାଇଁ ପାଣିପାଗର ସ୍ଥିତି ଅନୁକୂଳ ଥିବା ନେଇ ପୂର୍ବାନୁମାନ କରିଛନ୍ତି ଭାରତୀୟ ପାଣିପାଗ ବିଭାଗର ବିଜ୍ଞାନୀ।

ସୂଚନାଯୋଗ୍ୟ ଯେ କେରଳମ୍‌ରେ ମୌସୁମୀ ବାୟୁ ପ୍ରବେଶ ପରେ ଏବେ ଦକ୍ଷିଣ ଭାରତର ଅନ୍ୟ କେତେକ ଅଂଶକୁ ଅତିକ୍ରମ କରି ଧିରେ ଧିରେ ଆଗକୁ ବଢ଼ୁଛି।





ବର୍ତ୍ତମାନର ପାଣିପାଗ ସ୍ଥିତି ଅନୁକୂଳ ଥିବାବେଳେ ସବୁକିଛି ଠିକ୍ ରହିଲେ ଏହା ଆସନ୍ତା ୬ରୁ ୮ ଦିନ ମଧ୍ୟରେ ଓଡ଼ିଶାର କେତେକ ଅଞ୍ଚଳ ଛୁଇଁବ। ଏପରି ହେଲେ ରଜ ମୌସୁମୀର ପହିଲି ବର୍ଷାରେ ଭିଜିବ ବୋଲି ଆଶା କରାଯାଉଛି। ▶ପୃଷ୍ଠା-୭

# ଘାରିଲା ଅର୍ଥନୀତି ଚିନ୍ତା

## ପରାମର୍ଶଦାତାଙ୍କ ବୈଠକ ଡାକିଲେ ପ୍ରଧାନମନ୍ତ୍ରୀ

■ ନୂଆଦିଲ୍ଲୀ, ୬।୬ (ଏଜେନ୍ସି): ମଧ୍ୟ ପ୍ରାଚ୍ୟ ସଙ୍କଟ ଥମିବାର ନାମ ଧରୁନାହିଁ। ଏଥିରେ ଭାରତୀୟ ଅର୍ଥନୀତିକୁ ଲାଗିଛି ଜୋରଦାର ଝଟକା। ଏହା ଏବେ ସରକାରଙ୍କ ପାଇଁ ବଡ଼ ଚିନ୍ତାର କାରଣ ପାଲଟିଛି। ଆମେରିକା ଏବଂ ଇରାନ ମଧ୍ୟରେ ଏକ ଶାନ୍ତି ବୁଝାମଣା ଏ ପର୍ଯ୍ୟନ୍ତ ହୋଇନଥିବାରୁ ସଙ୍କଟ ଟଳିନାହିଁ। ଏହାର ପ୍ରଭାବ ଜାତୀୟ ଅର୍ଥନୀତି ଉପରେ ପଡ଼ିବା ଆରମ୍ଭ କଲାଣି। ଭାରତୀୟ ଅର୍ଥନୀତି

### ସଙ୍କଟରୁ ଅର୍ଥନୀତିକୁ ସୁରକ୍ଷା ଦେବା ଉପରେ ବିଚାରବିମର୍ଶ
### ରିଜର୍ଭ ବ୍ୟାଙ୍କ ମାନିଲା; ଭାରତୀୟ ଅର୍ଥନୀତି ଲାଇନଚ୍ୟୁତ

ଲାଇନଚ୍ୟୁତ ହୋଇଥିବା ଖୋଦ୍ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ସ୍ୱୀକାର କଲେଣି। ଆଗକୁ ପରିସ୍ଥିତି ଆହୁରି ଗୁରୁତର ଆକାର ଧାରଣ କରିବାକୁ ଯାଉଥିବାର ସୂଚନା ମିଳିବା ଆରମ୍ଭ କଲାଣି। ଏହାକୁ ନେଇ ଚିନ୍ତିତ ହୋଇ ପଡ଼ିଛନ୍ତି କେନ୍ଦ୍ର ସରକାର। ଏଥିରୁ ରକ୍ଷା ପାଇବା ଲାଗି କ'ଣ କରାଯାଇପାରିବ, ସେସଂପର୍କରେ ପ୍ରଧାନମନ୍ତ୍ରୀ ଅର୍ଥନୈତିକ ପରାମର୍ଶଦାତାମାନଙ୍କ ସହିତ



ବିଚାର ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ତାଙ୍କର ଅର୍ଥନୀତି ପରାମର୍ଶଦାତା ପରିଷଦ (ପିଏମ୍-ଇଏସି) ସଦସ୍ୟମାନଙ୍କ ସହିତ ବୈଠକ କରିଥିବାର ଖବର ମିଳିଛି। ବୈଠକର ମୁଖ୍ୟ ଏଜେଣ୍ଡା ଥିଲା ବିଶ୍ୱ ସଙ୍କଟ ସମୟରେ ଦେଶର ▶ପୃଷ୍ଠା-୭

## ଯନ୍ତ୍ରୀଙ୍କ ଲକର୍‌ରେ ନଗଦ ୨ କୋଟି

■ ଭୁବନେଶ୍ୱର/ଫୁଲବାଣୀ/ବାଲିଗୁଡ଼ା, ୬।୬ (ସମିସ): ଯନ୍ତ୍ରୀଙ୍କ ବ୍ୟାଙ୍କ ଲକର୍‌ରେ ନଗଦ ୨ କୋଟି ଟଙ୍କା। ଖାଲି ସେତିକି ନୁହେଁ; ଭୁବନେଶ୍ୱର ଓ ଯାଜପୁରର ପ୍ରମୁଖ ଜାଗାରେ ୫ଟି ବହୁତଳ ବିଲ୍ଡିଂ ସାଙ୍ଗକୁ ଭୁବନେଶ୍ୱର, ଯାଜପୁର ଧର୍ମଶାଳା ଓ ବାରିପଦାକୁ ମିଶାଇ ୧୩ଟି ଦାମୀ ପ୍ଲଟ୍। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଚଢ଼ଉ କରୁକରୁ ଭିଜିଲାନ୍ସ ଜାଲରେ ପୁଣିଥରେ ଏକ ବଡ଼ ମାଛ ପଡ଼ିଛି। ୧୯୯୯ ମସିହାରେ କନିଷ୍ଠ ଯନ୍ତ୍ରୀ ଭାବେ ମାତ୍ର ୬ ହଜାର ଟଙ୍କା ଦରମାରେ ଚାକିରି



### ୯ଟି ସ୍ଥାନରେ ଭିଜିଲାନ୍ସ ଚଢ଼ଉ
### ୫ ବିଲ୍ଡିଂ, ୧୩ଟି ଦାମୀ ପ୍ଲଟ୍ ଠାବ

ଆରମ୍ଭ କରିଥିବା ଜଣେ ସରକାରୀ ବାବୁଙ୍କର ଏପରି ଅଚଳାଚଳ ସଂପତ୍ତି ଠାବ କରିଛି। ସେ ହେଲେ, କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ)ର ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ) ବୈକୁଣ୍ଠନାଥ ବେହେରା। ଭିଜିଲାନ୍ସ ଆଜି ସକାଳେ ତାଙ୍କ ଘର ଓ କାର୍ଯ୍ୟାଳୟ ସମେତ ମୋଟ ୯ଟି ସ୍ଥାନରେ ଚଢ଼ଉ କରି ବିପୁଳ ସଂପତ୍ତି ଠାବ କରିଛି। ▶ପୃଷ୍ଠା-୭

# ଦିଲ୍ଲୀରେ ଗର୍ଜିଲା 'କକ୍ରୋଚ୍ ଜନତା ପାର୍ଟି'



■ ନୂଆଦିଲ୍ଲୀ, ୬।୬ (ଏଜେନ୍ସି): ସାମାଜିକ ଗଣମାଧ୍ୟମର ଚର୍ଚ୍ଚିତ ସଂଗଠନ 'କକ୍ରୋଚ୍ ଜନତା ପାର୍ଟି' (ସିଜେପି) ପକ୍ଷରୁ ଆଜି ଏକ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜଧାନୀ ଦିଲ୍ଲୀର ଜନ୍ତର ମନ୍ତରରେ ଆୟୋଜିତ ଏକ ନିଆରା ପ୍ରତିବାଦ ସଭାରେ ହଜାର ହଜାର ସଂଖ୍ୟାରେ ଛାତ୍ରଛାତ୍ରୀ ଏବଂ ସେମାନଙ୍କର ଅଭିଭାବକ ସାମିଲ ହୋଇଥିଲେ। ସିବିଏସ୍‌ଇ, 'ନିଟ୍' ବିଭ୍ରାଟର ପ୍ରତିବାଦ କରିବା ସହିତ ସେମାନେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିଛନ୍ତି।

ଶନିବାର ସକାଳେ ଦିଲ୍ଲୀ ପୋଲିସ ପକ୍ଷରୁ ଏହି ବିକ୍ଷୋଭ ପ୍ରଦର୍ଶନ ପାଇଁ ଆନୁଷ୍ଠାନିକ ଭାବେ ଅନୁମତି ପ୍ରଦାନ କରାଯାଇଥିଲା। ଏହି ଆନ୍ଦୋଳନର ନେତୃତ୍ୱ ନେବା ପାଇଁ 'କକ୍ରୋଚ୍ ଜନତା ପାର୍ଟି'ର ପ୍ରତିଷ୍ଠାତା ଅଭିଜିତ୍ ଦୀପକେ ଆମେରିକାରୁ ଆସି ଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିବା ପରେ ସିଧାସଳଖ

### ଯନ୍ତରମନ୍ତରରେ ଏକାଠି ହେଲେ ସୋନମ୍ ୱାଙ୍ଗଚୁକ୍‌ଙ୍କ ସମେତ ହଜାର ହଜାର ଛାତ୍ରଛାତ୍ରୀ

ଜନ୍ତରମନ୍ତର ଯାଇଥିଲେ। ବିମାନବନ୍ଦରରୁ ବାହାରିବା ସମୟରେ ଅଭିଜିତ୍‌ଙ୍କ ହାତରେ ସମ୍ବିଧାନ ପ୍ରଣେତା ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ଆତ୍ମଜୀବନୀ ବହି ଦେଖିବାକୁ ମିଳିଥିଲା। ଏହି ବିକ୍ଷୋଭ ପ୍ରଦର୍ଶନକୁ ଦୃଷ୍ଟିରେ ରଖି ଦିଲ୍ଲୀ ପୋଲିସ ପକ୍ଷରୁ ସୁରକ୍ଷା ▶ପୃଷ୍ଠା-୭

## ଗୋଠଛଡ଼ା ଦନ୍ତା ଆକ୍ରମଣରେ ମହିଳା ମୃତ

■ ଆନନ୍ଦପୁର, ୬।୬ (ସମିସ): ଆନନ୍ଦପୁର ସହରର କଲେଜ ପାଖ ଆମ୍ବ ବଗିଚାରେ ଏକ ଗୋଠଛଡ଼ା ଦନ୍ତା ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ମୃତ ମହିଳାଜଣଙ୍କ ହେଲେ, ଫକୀରପୁର ଗାଁର ମଞ୍ଜୁଲତା ନାଥ। ଭୋର୍ ପ୍ରାୟ ୪ଟାରେ ମଞ୍ଜୁଲତା ଆମ୍ବ ବଗିଚାକୁ ଯାଇଥିବା ବେଳେ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ଦନ୍ତାଟି ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେବା ସହ ପାଦରେ ଦଳି ଦେଇଥିଲା। ହାତୀଟି ରାତିରେ ସିଆଡିମାଳିଆରୁ ଉତ୍ତରେଶ୍ୱର ମନ୍ଦିର ରାସ୍ତା ଦେଇ ଏହି ଆମ୍ବ ବଗିଚାରେ ପଶିଥିବା ଅନୁମାନ କରାଯାଉଛି। ସକାଳେ ଅନ୍ୟ ଜଣେ ▶ପୃଷ୍ଠା-୭



## ବଜ୍ରପାତରେ ଟଳିପଡ଼ିଲେ ଚାଷୀ ଦମ୍ପତି

■ ଆନନ୍ଦପୁର, ୬।୬ (ସମିସ): ବଜ୍ରପାତ ଆଜି ଏକ ଚାଷୀ ଦମ୍ପତିଙ୍କ ଜୀବନ ନେଇଛି। ମୃତ ଦମ୍ପତି ହେଲେ, କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ରୁଟିଶିଳା ଗ୍ରାମର ବାଣେଶ୍ୱର ନାଇକ ଓ ତାଙ୍କ ସ୍ତ୍ରୀ ମଞ୍ଜୁଲତା ନାଇକ। ଗତକାଲି ଦୁହେଁ ନିଜ ଜମିରେ ହଳ କରୁଥିବା ବେଳେ ବଜ୍ରପାତରେ ଟଳି ପଡ଼ିଥିଲେ। ସ୍ଥାନୀୟ ଲୋକ ସେମାନଙ୍କୁ ଉଦ୍ଧାର କରି ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ୍ ଶବଦ୍ୱୟକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ମା'କୁ ଘରେ ବନ୍ଦୀକରି ଝିଅକୁ ଉଠାଇନେଲେ

■ ବାଲେଶ୍ୱର, ୬।୬ (ସମିସ): ବାଲେଶ୍ୱର ସହର ଉପକଣ୍ଠ ଟାଉନ୍ ଥାନା ମାଣିଖମ୍ବ ଅଞ୍ଚଳରେ ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ଜଣେ ୧୫ ବର୍ଷର ନାବାଳିକା ସ୍କୁଲ ଛାତ୍ରୀଙ୍କୁ ଘରୁ ଜବରଦସ୍ତ ଅପହରଣ କରିନେଇଛନ୍ତି କିଛି ଦୁର୍ବୃତ୍ତ। ଏ ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ନାବାଳିକାର ମା'ଙ୍କୁ ମଧ୍ୟ ମାଡ଼ ମାରି ଏକ କୋଠରିରେ ବନ୍ଦ କରିବା ସହ ଘରୁ ସୁନା ଗହଣା ଏବଂ ନଗଦ ଟଙ୍କା ଲୁଟି ନେଇଥିବା ପରିବାର ପକ୍ଷରୁ ଦାବି କରାଯାଇଛି।

ଜୁନ୍ ୫ ତାରିଖ ଅପରାହ୍ଣ ପ୍ରାୟ ୪ଟା ସମୟରେ ନାବାଳିକାର ବାପା ପ୍ରଦୀପ କମିଳା ନିଜ ଦୋକାନକୁ ଯାଇଥିବା ବେଳେ ଘରେ କେବଳ ମା'



ଏବଂ ନାବାଳିକା ଝିଅ ଥିଲେ। ଏହାର ସୁଯୋଗ ନେଇ କିଛି ଦୁର୍ବୃତ୍ତ ମୁହଁରେ କଳାକପଡ଼ା ବାନ୍ଧି ଧସେଇ ପଶିଥିଲେ। ଅଭିଯୁକ୍ତମାନେ ନାବାଳିକାର ମା'ଙ୍କୁ ଠେଲାପେଲା ଓ ମାଡ଼ ମାରି ଏକ କୋଠରି ଭିତରେ ବନ୍ଦ କରି ଦେଇଥିଲେ। ଏହାପରେ ଘରେ ରଖାଯାଇଥିବା ସୁନା ଗହଣା ଓ ନଗଦ ଟଙ୍କା ଲୁଟିବା ସହ ନାବାଳିକା ଝିଅକୁ ଜବରଦସ୍ତ ଏକ ବାଇକ୍‌ରେ ଅପହରଣ କରି ଚମ୍ପଟ ମାରିଥିଲେ। ଏହି ଅପହରଣ

### ଟ୍ୟୁସନ ଯିବା ରାସ୍ତାରେ କରୁଥିଲେ ହଇରାଣ

ପଛରେ ଟାଉନ ଥାନା ଅନ୍ତର୍ଗତ ଦାମୋଦରପୁର (ଭେଲୋରା) ଅଞ୍ଚଳର ଚନ୍ଦ୍ରଶେଖର ନାୟକ, ଜେପା ନାୟକ ଏବଂ ସେମାନଙ୍କର ଅନ୍ୟ ୪-୫ ଜଣ ସହଯୋଗୀ ସାମିଲ ଥିବା ନେଇ ଝିଅର ବାପା ପ୍ରଦୀପ କମିଳା ଟାଉନ୍ ଥାନାରେ ▶ପୃଷ୍ଠା-୭




## ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ

**ବେତନଟୀ, ୬।୬(ସମିସ):** ମୟୂରଭଞ୍ଜ ଜିଲ୍ଲା ବେତନଟୀ ବଜାର ଉପକଣ୍ଠ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ସମ୍ମୁଖରେ ଥିବା ଜଣେ ବ୍ୟବସାୟୀଙ୍କ ଆଜବେଷ୍ଟସ ଘରେ



ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ନଷ୍ଟ ହୋଇଯାଇଛି। ନିଆଁ ଲିଭାଇବାକୁ ବେତନଟୀ ଓ ବଡସାହି ଅଗ୍ନିଶମ ବାହିନୀର ମିଳିତ ପ୍ରୟାସରେ ପ୍ରାୟ ତିନି ଘଣ୍ଟାରୁ ଅଧିକ ସମୟ ଲାଗିଥିଲା। ବ୍ୟବସାୟୀ ମଳୟ କୁମାର ଦାସଙ୍କ ୮ ବଖରା ବିଶିଷ୍ଟ ଆଜବେଷ୍ଟସ ଘରେ ଗୁରୁବାର ବିଳମ୍ବିତ ରାତିରେ ଇନଭର୍ଟରରୁ ସ୍ପାର୍କ ହୋଇ ନିଆଁ ଲାଗିଥିଲା। ନିଆଁ କ୍ରମଶଃ ସମଗ୍ର ଘରକୁ ବ୍ୟାପି ଯାଇଥିଲା। ଭୋର ପ୍ରାୟ ଚାରିଟା ସମୟରେ ନିଆଁ ଲାଗିଥିବା ଜଣାପଡ଼ିଥିଲା। ଖବର ପାଇ ତୁରନ୍ତ ବେତନଟୀ ଅଗ୍ନିଶମ କେନ୍ଦ୍ର ଅଧିକାରୀ ସତ୍ୟବାଦୀ ପଲେଇ ସଦଳବଳରେ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭା କାର୍ଯ୍ୟ ଆରମ୍ଭ କରିଥିଲେ। ନିଆଁର ତୀବ୍ରତା ଦେଖି ବଡସାହି ଅଗ୍ନିଶମ ବାହିନୀର ସହାୟତା ନିଆଯାଇଥିଲା। ଉଭୟ ଟିମ୍ ତିନି ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ନିରବଚ୍ଛିନ୍ନ ଉଦ୍ୟମ କରି ସକାଳ ପ୍ରାୟ ସାତଟାରେ ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ବାଇକ୍, ସାଇକଲ, ୱାସିଂ ମେସିନ୍, ଟ୍ରେଡମିଲ୍, ଲ୍ୟାପଟପ୍, ଇନଭର୍ଟର ସମେତ ଘରର ବିଭିନ୍ନ ମୂଲ୍ୟବାନ୍ ସାମଗ୍ରୀ ସମ୍ପୂର୍ଣ୍ଣ ପୋଡ଼ିଯାଇଛି। କ୍ଷୟକ୍ଷତିର ପରିମାଣ ଲକ୍ଷାଧିକ ଟଙ୍କା ହେବ ବୋଲି ଜଣାପଡ଼ିଛି। ସୌଭାଗ୍ୟବଶତଃ ପୂରା ପରିବାର ପାଖଘରେ ଶୋଇଥିବାରୁ କୌଣସି ପ୍ରାଣହାନି ହୋଇନାହିଁ। ନିଆଁ ଲିଭା କାର୍ଯ୍ୟରେ ବେତନଟୀ ଅଗ୍ନିଶମ କେନ୍ଦ୍ରର ମୁଖ୍ୟ ଅଗ୍ନିକର୍ମୀ ରତିକାନ୍ତ ଦାସ, ଗୌରାଙ୍ଗ ବେହେରା, ଉଦୟ ବାସ୍କେ, ରାକେଶ ମାଝୀ, ବିଦ୍ୟାଧର ମହାଳିକ, ପ୍ରଭୁପ୍ରସାଦ ସାହୁ, ସରୋଜ ଜାମୁଡ଼ା, ଡ୍ରାଇଭର ହାବିଲଦାର ଧନେଶ୍ୱର ଟୁଡୁ ପ୍ରମୁଖ ସାମିଲ ଥିଲେ।

## ବାଲେଶ୍ୱର ଷ୍ଟେସନ୍‌ରୁ ନାବାଳିକା ଛାତ୍ରୀ ଉଦ୍ଧାର

**ବେତନଟୀ, ୬।୬(ସମିସ):** ବୈଶିଙ୍ଗା ପୁଲିସର ତତ୍ପରତା ଯୋଗୁଁ ଏକ ବଡ଼ ସଫଳତା ଲାଭ କରିଛି। ମାତ୍ର ତିନି ଘଣ୍ଟା ଭିତରେ ଅପହରଣ ହୋଇଥିବା ନାବାଳିକାଙ୍କୁ ବାଲେଶ୍ୱର ରେଳ ଷ୍ଟେସନରୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଆଜି ଅପରାହ୍ଣରେ ବୈଶିଙ୍ଗା ଥାନା ଅଧୀନସ୍ଥ ଏକ ଗ୍ରାମର ୧୪ ବର୍ଷୀୟା ନବମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ଆଣି ଝିଅର ମାଆ ଥାନାରେ ଏତଲା ଦେଇଥିଲେ। ଥାନା ଅଧିକାରୀଙ୍କ ନିର୍ଦ୍ଦେଶରେ ମାମଲା ରୁଜୁ ହୋଇଥିଲା ଓ ସବ୍‌ଇନ୍ସପେକ୍ଟର ସରୋଜ ଜେନାଙ୍କ ନେତୃତ୍ୱରେ ତଦନ୍ତ ଆରମ୍ଭ ହୋଇଥିଲା। ପୁଲିସ ତଦନ୍ତରେ ଝିଅ ରାଗି ଘରୁ ପଳାଇଯାଇଥିବା ଜଣାପଡ଼ିଥିଲା। ତଦନ୍ତକାରୀ ଟିମ୍ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବାଲେଶ୍ୱର ରେଳଷ୍ଟେସନ୍ ନିକଟରେ ଝିଅଙ୍କୁ ଚିହ୍ନଟ କରି ଉଦ୍ଧାର କରିଥିଲା। ସନ୍ଧ୍ୟାରେ ନାବାଳିକାଙ୍କୁ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ଏହି ଘଟଣାରେ ପୁଲିସ ଅଧିକ ତଦନ୍ତ ଜାରି ରଖିଛି। ନାବାଳିକା ସୁରକ୍ଷା କ୍ଷେତ୍ରରେ ପୁଲିସର ଏପରି ତତ୍ପରତା ପ୍ରଶଂସନୀୟ ବୋଲି କୁହାଯାଉଛି।

## ସାପ କାମୁଡ଼ାରେ ବୃଦ୍ଧାଙ୍କ ମୃତ୍ୟୁ

**ମହୁଲଡିହା, ୬।୬(ସମିସ):** ଶୋଇଥିବା ଅବସ୍ଥାରେ ଚିତି ସାପ କାମୁଡ଼ାରେ ବୃଦ୍ଧା ବିଧବା ମହିଳାଙ୍କ ମୃତ୍ୟୁ ହୋଇଛି। ମହୁଲଡିହା ଥାନା ସାତକୋଶିଆ ପଞ୍ଚାୟତ ଘୁଲୁଘୁଲିଆ ଗ୍ରାମର ଚିଆଁବେଡ଼ା (ବାଉଁଶରାଇ) ସାହିରେ ଘଟିଛି ଏପରି ଏକ ଅଘଟଣ। ମୃତ ବୃଦ୍ଧା ଜଣକ ହେଉଛନ୍ତି ବୁଦୁନି ପୂର୍ତ୍ତି (୫୦)। ଶୁକ୍ରବାର ରାତି ପ୍ରାୟ ୧୦.୩୦ ମିନିଟ୍‌ରେ ଘରେ ଶୋଇଥିବା ଅବସ୍ଥାରେ ବିଷଧର ଚିତି ସାପ କାମୁଡ଼ି ଦେଇଥିଲା। ସେ ଜାଣିପାରି ପରିବାର ଲୋକଙ୍କୁ କହିଥିଲେ। ପରିବାର ଲୋକେ ସାପଟିକୁ ମାରିଦେଇ ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତର ସଙ୍ଗେ ସଙ୍ଗେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରୁ ମଧ୍ୟ କଟକ ବଡ଼ ଡାକ୍ତରଖାନାକୁ ନେବା ରାସ୍ତାରେ ବୃଦ୍ଧାଙ୍କ ମୃତ୍ୟୁ ହୋଇଯାଇଥିଲା। ମହୁଲଡିହା ଥାନା ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରିଛି।

## ବାଲି ବୋଝେଇ ଟ୍ରାକ୍ଟର ଜବତ

**ରାଇରଙ୍ଗପୁର, ୬।୬(ସମିସ):** ଘାଗରବେଡ଼ା ଥାନା ଅଞ୍ଚଳରେ ବାଲି ଚାଲାଣ ବେଳେ ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ବାଲି ଘାଟରୁ ବେଆଇନ ଭାବେ ବାଲି ଉତ୍ତୋଳନ କରି ଚାଲାଣ ହେଉଥିବା ନେଇ ଖବର ପାଇ ଖଣି ବିଭାଗ ଓ ପୁଲିସ ମିଳିତ ଭାବେ ପାନପଦରିଆ ଗ୍ରାମ ନିକଟରେ ଅତର୍କିତ ଚଢ଼ଉ କରିଥିଲେ। ଟ୍ରାକ୍ଟର ଚାଳକ ଓ ଅନ୍ୟମାନେ ଟ୍ରାକ୍ଟର ଛାଡି ଚମ୍ପଟ ମାରିଥିଲେ। ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରି ଥାନାକୁ ହସ୍ତାନ୍ତର କରାଯାଇଥିଲା। କନିଷ୍ଠ ଖଣି ଅଧିକାରୀ ଚାମରୁ ମାଝୀ ଘାଗରବେଡା ଥାନାରେ ଲିଖିତ ଅଭିଯୋଗକ୍ରମେ ଲଘୁ ଖଣିଜ ଚୋରା ଚାଲାଣ ନେଇ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ପୁଲିସ।

## ରରୁଆଁ ଅଞ୍ଚଳରୁ ଦୁଇଟି ବାଲି ବୋଝେଇ ଟିପ୍ପର ଜବତ

**ରାଇରଙ୍ଗପୁର, ୬।୬(ସମିସ):** ବେଆଇନ ବାଲି ଚାଲାଣ ଥମିବାର ନାଁ ନେଉନି। ରରୁଆଁ ଥାନା ଅଞ୍ଚଳରେ ବାଲି ଚାଲାଣ ବେଳେ ଦୁଇଟି ବାଲି ଟିପ୍ପର ଜବତ କରାଯାଇଛି। ରରୁଆଁ ଥାନା ଅନ୍ତର୍ଗତ ନଦୀ କୂଳ ବାଲିଘାଟରୁ ବେଆଇନ ଭାବେ ବାଲି ଉତ୍ତୋଳନ କରି ଚାଲାଣ ହେଉଥିବା ନେଇ ଖବର ମିଳିଥିଲା। ଏହାକୁ ନେଇ ଖଣି ବିଭାଗ ଓ ପୁଲିସ ମିଳିତ ଭାବେ ଆଦିପୁର ଗ୍ରାମ ନିକଟରେ ଅତର୍କିତ ଚଢ଼ଉ କରିଥିଲେ। ବାଲି ବୋଝେଇ ଦୁଇଟି ଟିପ୍ପର ଜବତ କରି ରରୁଆଁ ଥାନା ପୁଲିସକୁ ହସ୍ତାନ୍ତର କରାଯାଇଥିଲା। କନିଷ୍ଠ ଖଣି ଅଧିକାରୀ ଚାମରୁ ମାଝୀ ଓ ଚାରୁ ମାଝୀଙ୍କ ରରୁଆଁ ଥାନାରେ ଅଭିଯୋଗକ୍ରମେ ଲଘୁ ଖଣିଜ ଚୋରା ଚାଲାଣ ନେଇ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଅଧିକାରୀ ଓ କର୍ମଚାରୀ ମରୁଡ଼ି ▶ ମୟୂରଭଞ୍ଜ ଜିଲ୍ଲାରେ ଅପରାଧ ହାର ଉପରମୁହାଁ

**ବାରିପଦା, ୬।୬ (ସମିସ)**

ଓଡ଼ିଶାର ବୃହତ୍ତମ ଜିଲ୍ଲା ମୟୂରଭଞ୍ଜରେ ଅପରାଧର ଗ୍ରାଫ୍ କ୍ରମାଗତ ଭାବେ ଉପରକୁ ଉଠୁଛି। ପୁଲିସର ମାନବ ସମ୍ବଳ ସଙ୍କଟ ସହ ଗୋରୁ ମାଫିଆ, ନିଶା କାରବାର ଓ ସାମାଜିକ କୁସଂସ୍କାର ମିଶି ଜିଲ୍ଲାର ଆଇନଶୃଙ୍ଖଳା ପରିସ୍ଥିତିକୁ ଗମ୍ଭୀର କରିଦେଇଛି। ମହିଳା ଓ ଶିଶୁ ଅତ୍ୟାଚାରରେ ମୟୂରଭଞ୍ଜ ଦୁର୍ନାମ ମୁଣ୍ଡାଇଥିବାବେଳେ ଜିଲ୍ଲାରେ ମହିଳା ଓ ଶିଶୁ ବିରୋଧୀ ଅପରାଧ କ୍ରମାଗତ ଭାବେ ବଢ଼ୁଛି। ଗଞ୍ଜାମ ଓ ଯାଜପୁର ପରେ ମୟୂରଭଞ୍ଜ ଅପରାଧ ତାଲିକାରେ ରାଜ୍ୟରେ ତୃତୀୟ ସ୍ଥାନରେ ରହିଛି। ଗଣଧର୍ଷଣ ଓ ଶିଶୁ ଉପରେ ଅତ୍ୟାଚାର କ୍ଷେତ୍ରରେ ବିଶେଷ ଉଦ୍‌ବେଗ ଦେଖାଯାଉଛି।

ସେହିପରି ଡାହାଣୀ ସନ୍ଦେହ ହତ୍ୟାରେ ରାଜ୍ୟରେ ଆଗରେ ରହିଛି ମୟୂରଭଞ୍ଜ। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହେତୁ ମୟୂରଭଞ୍ଜରେ ଡାହାଣୀ ହତ୍ୟା ଘଟଣା ଅଧିକ। ଗତ କିଛିବର୍ଷର ତଥ୍ୟ ଅନୁସାରେ ଜିଲ୍ଲାରେ ପ୍ରତିବର୍ଷ ୨୦ରୁ ୪୦ ପର୍ଯ୍ୟନ୍ତ ଏଭଳି ଘଟଣା ଘଟୁଛି। ରାଜ୍ୟ ସ୍ତରରେ ହ୍ରାସ ହେଲେ ମଧ୍ୟ ମୟୂରଭଞ୍ଜରେ ଏ ସମସ୍ୟା ଏ ପର୍ଯ୍ୟନ୍ତ ନିୟନ୍ତ୍ରଣ ହୋଇନାହିଁ। ଗୋରୁ ମାଫିଆଙ୍କ ସକ୍ରିୟତା ଜିଲ୍ଲାରେ ବଢ଼ୁଛି। ପୁଲିସ ନିୟମିତ ଚଢ଼ଉ କରୁଥିଲେ ମଧ୍ୟ ବିଦେଶୀ ଲିଙ୍କ୍ ଥିବାରୁ ଏହା ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡୁଛି। ଲଘୁ ଖଣିଜ




ଚୋରାଚାଲାଣ, ଚୋରି, ଡକାୟତି ଓ ନିଶା କାରବାର ମଧ୍ୟ ଦିନକୁ ଦିନ ବୃଦ୍ଧି ପାଉଛି। ତେବେ ଜିଲ୍ଲାର ପୁଲିସ ମୁଖ୍ୟାଳୟ ସମେତ ବାରିପଦା, ରାଇରଙ୍ଗପୁର, କରଞ୍ଜିଆ, ଉଦଳା ଓ ବେତନଟୀ ପୁଲିସ ଉପଖଣ୍ଡ ଓ ୩୨ଟି ଥାନାରେ ଅଧିକାରୀ/କର୍ମଚାରୀ ପଦବୀ ଖାଲି ପଡ଼ିଥିବାରୁ ଅପରାଧ ନିୟନ୍ତ୍ରଣରେ ବଡ଼ ବାଧା ସୃଷ୍ଟି କରୁଛି। କୌଣସି ସ୍ଥାନରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

- ▶▶ ୨୬୧ କନଷ୍ଟେବଲ, ୭୪ ସବ୍‌ଇନ୍ସପେକ୍ଟର, ୪୪ ଏଏସଆଇ, ୪୦ ହାବିଲଦାର, ୯ ଡିଏସ୍‌ପି, ୩ ଇନ୍ସପେକ୍ଟର, ୧ ଅତିରିକ୍ତ ଏସପି ପଦ ଖାଲି
- ▶▶ ଡାହାଣୀ ସନ୍ଦେହରେ ହତ୍ୟା ସର୍ବାଧିକ
- ▶▶ ମହିଳା ଓ ଶିଶୁଙ୍କ ଉପରେ ଅତ୍ୟାଚାର ଉଦବେଗଜନକ
- ▶▶ ଗୋ-ମାଫିଆ ଓ ନିଶା ବେପାରୀ ସକ୍ରିୟ
- ▶▶ ଲଘୁ ଖଣିଜ ସମ୍ପଦର ବ୍ୟାପକ ଚୋରାଚାଲାଣ

ହେଲେ ଜିଲ୍ଲା ପୁଲିସ ମୁକାବିଲା ସ୍ଥିତିରେ ନାହିଁ। ଯାହାର ଉଦାହରଣ ମୋରଡ଼ା କାକବନ୍ଧ ଆଶ୍ରମ ବିଦ୍ୟାଳୟ ଓ ଟାଉନ ଥାନା ପରିସରରେ ଗୋଷ୍ଠୀ ସଂଘର୍ଷ।

ମିଳିଥିବା ତଥ୍ୟ ଅନୁଯାୟୀ, ଜିଲ୍ଲାରେ ସର୍ବାଧିକ ୨୬୧ କନଷ୍ଟେବଲ ପଦ ଖାଲି ପଡ଼ିଥିବାବେଳେ ୭୪ଟି ସବ୍‌ଇନ୍ସପେକ୍ଟର, ୪୪ଟି ଏଏସଆଇ, ୪୦ଟି ହାବିଲଦାର, ୯ଟି ଡିଏସ୍‌ପି, ୩ଟି ଇନ୍ସପେକ୍ଟର, ଜଣେ ଅତିରିକ୍ତ ଏସପି ପଦ ଖାଲିପଡ଼ିଛି। ବଢ଼ୁଥିବା ଅପରାଧ ତୁଳନାରେ ଅଧିକାରୀ ଓ କର୍ମଚାରୀ ସଂଖ୍ୟା ହ୍ରାସ ଅପରାଧ ମୁକାବିଲାରେ ଅନ୍ତରାୟ ଆଣୁଛି। ନିକଟରେ ରାଇରଙ୍ଗପୁରକୁ ନୂତନ ପୁଲିସ ଜିଲ୍ଲା ଘୋଷଣା କରାଯାଇଥିବାବେଳେ ସେଠାରେ ଏସପି ନିଯୁକ୍ତ ହୋଇନାହାନ୍ତି। ଏ ନେଇ ଏସପି ବରୁଣ ଗୁଣ୍ଟୁପାଲ୍ଲୀ କହନ୍ତି, ଏସ୍‌ଆଇ ଓ ଏଏସ୍‌ଆଇ ସ୍ତରରେ ପରୀକ୍ଷା ସରିଛି। ୨୮୦ ଜଣଙ୍କ ତାଲିମ ଚାଲିଛି। ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେଲେ ଖାଲି ପଦ ପୂରଣ ହେବ। ତେବେ ଆବଶ୍ୟକତା ଅନୁସାରେ କେତେକ ସ୍ଥାନରେ ଅବସରପ୍ରାପ୍ତ ଅଧିକାରୀଙ୍କୁ ଅସ୍ଥାୟୀ ନିଯୁକ୍ତି ଦିଆଯାଇଛି। ମାନବସମ୍ବଳ କମ୍ ଥିଲେ ମଧ୍ୟ ଆଇନଶୃଙ୍ଖଳା ଓ ଅପରାଧ ନିୟନ୍ତ୍ରଣ ପାଇଁ ପୁଲିସ ପୂର୍ଣ୍ଣ ଉଦ୍ୟମ ଜାରି ରଖିଛି। ଜିଲ୍ଲାରେ ବିସ୍ତୃତ ଜଙ୍ଗଲ, ସୀମାନ୍ତ ଅଞ୍ଚଳ ଓ ଆଦିବାସୀ ପ୍ରଧାନ ଜନବସତି ମୟୂରଭଞ୍ଜରେ ଅପରାଧ ନିୟନ୍ତ୍ରଣ ପାଇଁ ଖାଲି ପଦ ପୂରଣ ସହିତ ସାମାଜିକ ସଚେତନତା ଓ କୁସଂସ୍କାର ବିରୋଧୀ ଅଭିଯାନ ଆବଶ୍ୟକ। ଅପରାଧ ହାର ନିୟନ୍ତ୍ରଣ ପାଇଁ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ। ନଚେତ୍ ଜିଲ୍ଲାର ଶାନ୍ତି ଓ ସୁରକ୍ଷା ଆହୁରି ଖରାପ ହୋଇପାରେ ବୋଲି ବୁଦ୍ଧିଜୀବୀ ମତ ଦେଉଛନ୍ତି।

### ଥାନାରେ ନାବାଳିକାଙ୍କ ଚେତାଶୂନ୍ୟ ଘଟଣା

## ନ୍ୟାୟ ଦେଇ ପାରିଲେନି ଏସ୍‌ପି, ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ ପୀଡ଼ିତା



**ବାରିପଦା/ମୋରଡା, ୬।୬(ସମିସ):** ମୋରଡ଼ା ଥାନାକୁ ନ୍ୟାୟ ପାଇଁ ଯାଇଥିବା ଜଣେ ନାବାଳିକାଙ୍କୁ ଅଧିକାରୀ ସୁମିତ କୁମାର ସୋରେନ ବିଭିନ୍ନ ମାନସିକ ଅତ୍ୟାଚାର ସହ ଧମକ ଦେବା ପରେ ଚେତାଶୂନ୍ୟ ଘଟଣା ଭିନ୍ନ ମୋଡ଼ ନେଇଛି। ଘଟଣାକୁ ନେଇ ପୀଡ଼ିତା ନାବାଳିକା ପରିବାର ମେ ୨୬ ତାରିଖରେ ମୟୂରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲ୍ଲୀଙ୍କୁ ଭେଟି ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ଏସପି ଅଭିଯୋଗକୁ ଗ୍ରହଣ କରି ବେତନଟୀ ଏସଡିପିଓଙ୍କୁ ୫ ଦିନ ମଧ୍ୟରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ୫ ଦିନ ବିତି ୧୨ ଦିନ ପରେ ମଧ୍ୟ ଥାନା ଅଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ପୁନର୍ବାର ପୀଡ଼ିତା ପରିବାର ଶନିବାର ସନ୍ଧ୍ୟାରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଭେଟିଛନ୍ତି। ଆସନ୍ତା ୮ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାରିପଦା ଗସ୍ତରେ ଆସୁଥିବାରୁ ତାଙ୍କୁ ଭେଟି ଗୁହାରୀ ଜଣାଇବା ପାଇଁ ଅନୁରୋଧ ପତ୍ର ପ୍ରଦାନ କରିଛନ୍ତି। ସୂଚନା ମୁତାବକ, ମୋରଡ଼ା ଥାନାକୁ ଗତ ମେ ୧୬ ତାରିଖରେ ନାବାଳିକା ଉପରେ ହୋଇଥିବା ଅତ୍ୟାଚାରକୁ ନେଇ ପୀଡିତା ନାବାଳିକାଙ୍କ ପରିବାର ଅଭିଯୋଗ କରିବା ପାଇଁ ଯାଇଥିବାବେଳେ ଥାନା ଅଧିକାରୀ ଶ୍ରୀ ସୋରେନ କେଶ ନ ଦେବାକୁ ଚାପ ପକାଇବା ସହ କେଶ କଲେ ନାବାଳିକାକୁ ୭ ବର୍ଷ ଜେଲ ହେବ

**କାହା ଛତ୍ରଛାୟା ତଳେ ଥାନାବାବୁ**

ବୋଲି ଧମକ ଦେଇଥିଲେ। ଫଳରେ ନାବାଳିକା ଚେତାଶୂନ୍ୟ ଅବସ୍ଥାରେ ପ୍ରଥମେ କିଶାନତାଣ୍ଡି, ପରେ ବାରିପଦା ପିଆରଏମ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି ହୋଇ ଦୀର୍ଘ ୪ ଘଣ୍ଟା ପରେ ଚେତା ଫେରି ପାଇଥିଲେ। ତେବେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଥାନା ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି କରାଯାଉଥିବାବେଳେ ପୁଲିସ ପ୍ରଶାସନ ନିଦାବିଷ୍ଟ ସାଜିଛି। ଏତେ ବିବାଦୀୟ ହେବା ପରେ ମଧ୍ୟ ଥାନା ଅଧିକାରୀ ଶ୍ରୀ ସୋରେନ କାହା ଛତ୍ରଛାୟା ତଳେ ରହିଛନ୍ତି, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

## ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାର ୭ ଘଣ୍ଟିଆ ଉଦଳା ବନ୍ଦ ସଫଳ

**ଉଦଳା, ୬।୬(ସମିସ):** ଝାଡଖଣ୍ଡ ମୁକ୍ତିମୋର୍ଚ୍ଚା ପକ୍ଷରୁ ୭ ଘଣ୍ଟିଆ ଉଦଳା ଏନଏସି ବନ୍ଦ ପାଳନ ସଫଳ ହୋଇଛି। ଉଦଳା ଏନଏସିର ବିକାଶ, ଉଚ୍ଛେଦ ହୋଇଥିବା ଦୋକାନୀଙ୍କୁ ଥଇଥାନ ଓ ଉଦଳା-ବାରିପଦା ୧୯ ନମ୍ବର ରାଜ୍ୟ ରାଜପଥ ଉନ୍ନତୀକରଣ ଦାବିରେ ଆଜି ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ବନ୍ଦ ପାଳନ ଡାକରା ଦେଇଥିଲା। ଆଜି ଏହି ବନ୍ଦ ଡକରା ସଫଳ ହୋଇଥିବା ଅନୁଭୂତି ଦେଖିବାକୁ ମିଳିଥିଲା। ସକାଳ ୬ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ଏନଏସି ବନ୍ଦ ଡାକରା ଦେଇଥିବାବେଳେ ବସ ଚଳାଚଳ, ଦୋକାନ ବଜାର ଓ ସରକାରୀ ଅଫିସ, ବେସରକାରୀ




ସଂସ୍ଥା ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା କର୍ମୀ ଉଦଳା ବଜାରରେ ପିକେଟିଂ କରିବା ସହ ବନ୍ଦ ପାଳନକୁ ଜୋରଦାର କରିଥିଲେ। ସଭାପତି କୃଷ୍ଣଚନ୍ଦ୍ର ଦାସ, ଉପସଭାପତି ରାଜା ହେମ୍ବ୍ରମ, ଖୁଣ୍ଟା ବ୍ଲକ ସଭାପତି ବିକ୍ରମ ମୁର୍ମୁ, ସମ୍ପାଦକ ବାବୁଲା ମୁର୍ମୁ, ବାରିପଦା ଟାଉନ ସଭାପତି ତରେନ ସେନାପତି, ରାଜ୍ୟ ପରିଷଦ ସଦସ୍ୟ ସୁଜିତ ବେହେରା, ଉଦଳା ଏନଏସିର ବାବୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ମୂଳ ଦରମା ବୃଦ୍ଧି ପାଇଁ ମୟୂରଭଞ୍ଜ ଫାର୍ମାସୀ ସେବା ସଂଘର ଦାବି



**ବାରିପଦା, ୬।୬(ସମିସ):** ଦୀର୍ଘ ବର୍ଷର ନ୍ୟାଯ୍ୟ ଦାବି ମୂଳ ଦରମା ବୃଦ୍ଧି (ପିବି ୨) ପାଇଁ ଆଜି ଫାର୍ମାସୀ ଅଧିକାରୀ ସେବା ସଂଘ ମୟୂରଭଞ୍ଜ ଶାଖା ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଓ ପିଆରଏମ୍ ମେଡିକାଲ କଲେଜର ଅଧୀକ୍ଷକଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଫାର୍ମାସୀ ଅଧିକାରୀଙ୍କ ଭୂମିକା ତଥା ସମାଜ ଓ ରୋଗୀସେବା ପ୍ରତି ଥିବା ଅବଦାନକୁ ପାଥେୟ କରି ଫାର୍ମାସୀ ଅଧିକାରୀଙ୍କ ଦୀର୍ଘ ବର୍ଷରୁ ରହିଆସିଥିବା ଦରମା ଅସଙ୍ଗତିକୁ ଦୂର କରିବା ସହ ମୂଳ ଦରମା ପିବି ୨କୁ ବୃଦ୍ଧି କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସଂଘ ପକ୍ଷରୁ ନିବେଦନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ଶାଖାର ଉପସଭାପତି ରିତାଞ୍ଜଳି ନାୟକ, ସାଧାରଣ ସମ୍ପାଦକ ତୁଷାରକାନ୍ତି ବେହେରା, ଯୁଗ୍ମସମ୍ପାଦକ ସାଗର ପଟ୍ଟନାୟକ, କାଳୀଚରଣ ରାଉତ, ଉପଦେଷ୍ଟା ପ୍ରତାପ ଚନ୍ଦ୍ର ବେହେରା, ଚିତ୍ତରଞ୍ଜନ ମହାନ୍ତ, ମନୋଜ ଦାଶ ଓ ସଦସ୍ୟ କାମେଶ୍ୱର ନାଏକ, ଝିଙ୍କେଶ୍ୱର ମାରାଣ୍ଡି, ଜବ ମାରାଣ୍ଡି, ମୀନକେତନ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

### ସ୍ୱତନ୍ତ୍ର ସଂଘନ ସଂଶୋଧନ ସମ୍ପର୍କିତ ବୈଠକ

## ସମ୍ପୂର୍ଣ୍ଣ ପ୍ରକ୍ରିୟା ସୁଚାରୁରୂପେ ସମ୍ପାଦନ ନିମନ୍ତେ ପରାମର୍ଶ



**ରାଇରଙ୍ଗପୁର, ୬।୬(ସମିସ):** ମୁଖ୍ୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)-୨୦୨୬ କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ସମ୍ପାଦନ କରିବା ନେଇ ବୈଠକ ଆୟୋଜିତ ହୋଇଯାଇଛି। ରାଇରଙ୍ଗପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ତିରିଂ ବ୍ଲକରେ ବୁଥ୍‌ସ୍ତରୀୟ ଏଜେଣ୍ଟଙ୍କୁ ନେଇ ଏସ୍‌ଆଇଆର୍ ସମ୍ବନ୍ଧିତ ବୈଠକ ଅନୁଷ୍ଠିତ ହୋଇଛି। ବିଏଲଓ ଓ ସୁପରଭାଇଜରଙ୍କୁ ନେଇ ଆଲୋଚନା ବୈଠକ କରି ସ୍ୱଚ୍ଛତା ସହ ଏସଆଇଆର ପ୍ରକ୍ରିୟା ସମ୍ପାଦନା କରିବା ନେଇ ଗୁରୁତ୍ୱ ଦିଆଯାଇଛି। ଏହି ଏସଆଇଆର ପ୍ରକ୍ରିୟାରେ କ୍ଷେତ୍ରସ୍ତରୀୟ କର୍ମଚାରୀ ତଥା ବିଏଲଓ ଓ ସୁପରଭାଇଜରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଓ ଦାୟିତ୍ୱବୋଧ ରହୁଥିବାରୁ ସେ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ନିର୍ଦ୍ଦେଶାବଳି ଅନୁସାରେ ସଠିକ ସମୟସୀମା ମଧ୍ୟରେ ଏହାକୁ ସମ୍ପୂର୍ଣ୍ଣ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଭୋଟର ତାଲିକାର ଏହି ସ୍ୱତନ୍ତ୍ର ସଂଘନ ସଂଶୋଧନ ପ୍ରକ୍ରିୟାରେ ବିଶେଷକରି ମତଦାତା ତାଲିକାକୁ ତ୍ରୁଟିଶୂନ୍ୟ, ସ୍ୱଚ୍ଛ ଓ ଅଧୁନାତନ କରିବା ସହିତ ଯୋଗ୍ୟତା ସୂଚକ ତାରିଖ ଅନୁଯାୟୀ ସମସ୍ତ ଯୋଗ୍ୟ ମତଦାତାଙ୍କ ନାମ ସଠିକ୍ ଭାବେ ଅନ୍ତର୍ଭୁକ୍ତ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ବିଏଲ୍‌ଓ ଓ ସୁପରଭାଇଜରଙ୍କୁ ଘରକୁ ଘର ଯାଇ ସର୍ବେକ୍ଷଣ ପ୍ରକ୍ରିୟା, ନୂତନ ଯୋଗ୍ୟ ମତଦାତାଙ୍କ ନାମ ସଂଯୁକ୍ତ କରିବା, ମୃତ ଓ ସ୍ଥାନାନ୍ତରିତ ଓ ଅଯୋଗ୍ୟ ମତଦାତାଙ୍କ ନାମ ଚିହ୍ନଟ କରି ଭୋଟର ତାଲିକାରୁ ବାଦ୍ ଦେବା, ମତଦାତାଙ୍କ ତଥ୍ୟ ସଂଶୋଧନ, ଉଦ୍ଦିଷ୍ଟ ଫର୍ମ ପୂରଣ ସହିତ ଅନଲାଇନ୍ ଓ ଅଫଲାଇନ୍ ଆବେଦନ ପ୍ରକ୍ରିୟା ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଯାଇଥିଲା। ଏକ ସୁଦୃଢ ଗଣତନ୍ତ୍ର ପ୍ରତିଷ୍ଠା ନିମନ୍ତେ ନିର୍ବାଚନୀ ପ୍ରକ୍ରିୟାରେ ସ୍ୱଚ୍ଛତା, ତ୍ରୁଟିଶୂନ୍ୟତା ବଜାୟ ରଖିବା ପାଇଁ କ୍ଷେତ୍ରସ୍ତରୀୟ କର୍ମଚାରୀ ଏସଆଇଆର ପ୍ରକ୍ରିୟାକୁ ସ୍ୱଚ୍ଛ, ସରଳ ଓ ଗୁଜବ ମୁକ୍ତ ରଖି ଅତ୍ୟନ୍ତ ଯତ୍ନଶୀଳର ସହିତ ସଠିକ ଭାବେ ସମ୍ପାଦନ କରିବା ପାଇଁ ପରାମର୍ଶ ଦିଆଯାଇଥିଲା।

## ସର୍ଦ୍ଦୁସାହି ଗ୍ରାମାଞ୍ଚଳ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ଶରତ, ୬।୬(ସମିସ):** କପ୍ତିପଦା ବ୍ଲକ ଅନ୍ତର୍ଗତ ରାଣୀପୋଖରୀ ପଞ୍ଚାୟତର ରଜତନଗର ରାଜସ୍ୱ ଗ୍ରାମ ଅନ୍ତର୍ଗତ ସର୍ଦ୍ଦୁସାହି ଗ୍ରାମରେ ୨୬ତମ ଗ୍ରାମାଞ୍ଚଳ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି।



ସର୍ଦ୍ଦୁସାହି ସାଗେନ ରାକାବ ଯୁଆନ ଆକାଳା (ଯୁବକ ସଂଘ) ଆନୁକୂଲ୍ୟରେ ଆୟୋଜିତ ଏହି ଗ୍ରାମାଞ୍ଚଳ ଫୁଟବଲ ପ୍ରତିଯୋଗିତାରେ ଶରତ ଅଞ୍ଚଳର ବିଶିଷ୍ଟ ସମାଜସେବୀ ତଥା ଯୁବନେତା ଜାମାଦାର ବାଲମୁଚୁ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ୩୨ଟି ଦଳ ଅଂଶଗ୍ରହଣ କରିଥିବାବେଳେ ୧୦ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଯୁବକ ସଂଘ ସଭାପତି ପିମେନ ପୂର୍ତ୍ତି ସୂଚନା ଦେଇଛନ୍ତି। ଏହି ପ୍ରତିଯୋଗିତାରେ ଜିଲ୍ଲା ଓ ରାଜ୍ୟ ବାହାରୁ ଫୁଟବଲ ଟିମ୍ ଅଂଶଗ୍ରହଣ କରିଛନ୍ତି। ଉଦଘାଟନୀ ଉତ୍ସବରେ ରାଣୀପୋଖରୀ ପଞ୍ଚାୟତ ସରପଞ୍ଚ ଭଞ୍ଜ ସିଂ ବାର୍ଦା, ସମିତି ସଭ୍ୟା ସୁରୁ ସିଂ ତିୟୁ, ଜଗନ୍ନାଥ ହନହାଗା, ଶିକ୍ଷକ ସର୍ଦ୍ଦୁ ସିଂ ବୁଳିଉଲି, ଶିକ୍ଷକ ଦାମୋଦର ପୂର୍ତ୍ତି, ମାଣିକ ବୁଳିଉଲି, ଦୁର୍ଗା ସାଉୟାଁ, ଗାମାଏ ରୀମିଲ ସିଂ ଗୋଇପାଇ ପ୍ରମୁଖ ଯୋଗ ଦେଇଥିଲେ। କେଶବ ସୋରେନ ଓ ଲାଦୁ ସିଂ ଖେଳ ପରିଚାଳନା କରୁଛନ୍ତି।

## ମୟୂରଭଞ୍ଜରେ ପେଟ୍ରୋଲ, ଡିଜେଲ କଟକଣା ▶ ଆଦିବାସୀ ଉନ୍ନୟନ ଓ ଅର୍ଥନୈତିକ କାର୍ଯ୍ୟକ୍ରମ ପ୍ରଭାବିତ

**ବାରିପଦା, ୬।୬(ସମିସ)**

ରାଜ୍ୟର ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ପେଟ୍ରୋଲ ଓ ଡିଜେଲ ଯୋଗାଣରେ ଲାଗୁ କଟକଣା ଯୋଗୁଁ ଉନ୍ନୟନମୂଳକ କାର୍ଯ୍ୟ, ନିର୍ମାଣ କାର୍ଯ୍ୟ, କୃଷି, କଳକାରଖାନା, ଛୋଟ ଉଦ୍ୟୋଗ ଓ ଖଣି ଖାଦାନ କାର୍ଯ୍ୟ ପ୍ରଭାବିତ ହେବାରେ ଲାଗିଛି। ପେଟ୍ରୋଲ ପମ୍ପରେ ଡିଜେଲ ବ୍ୟାରେଲ ବା ଜାରରେ ଯୋଗାଣ ନ କରି କେବଳ ଯାନବାହନକୁ ସୀମିତ ପରିମାଣରେ ଡିଜେଲ ଦିଆଯାଉଥିବାରୁ ସ୍ଥାନୀୟ ଉଦ୍ୟୋଗପତି ଓ କର୍ମଚାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଜିଲ୍ଲାର ବିଭିନ୍ନ ପ୍ରସ୍ତାବିତ ଓ ଚଳିତ ଉନ୍ନୟନ କାର୍ଯ୍ୟ ପାଇଁ ଡିଜେଲ ଆବଶ୍ୟକତା ଅଧିକ ଥିବା ସତ୍ତ୍ୱେ ପମ୍ପ ମାଲିକ ବ୍ୟାରେଲ ବା ଜାର୍ ଯୋଗେ ଡିଜେଲ ଦେବାକୁ ମନା କରୁଛନ୍ତି। ଫଳସ୍ୱରୂପ ନିର୍ମାଣ ସାଇଟ୍, ରାସ୍ତା ନିର୍ମାଣ, କୃଷି କାର୍ଯ୍ୟ, ଖଣି ଓ କ୍ରସର ୟୁନିଟ୍ କାର୍ଯ୍ୟ ପ୍ରାୟ ବନ୍ଦ ହୋଇପଡ଼ିଛି। ଆଦିବାସୀ ଅଞ୍ଚଳର ଅର୍ଥନୈତିକ ଉନ୍ନୟନ ପାଇଁ ଚାଲିଥିବା ଏହି କାର୍ଯ୍ୟଗୁଡ଼ିକରେ ବ୍ୟାପକ ବିଳମ୍ବ ହେବା ଆଶଙ୍କା ଦେଖାଦେଇଛି। ଜିଲ୍ଲାର କେତେକ ପ୍ରମୁଖ ଉଦ୍ୟୋଗପତି ଏହି ପ୍ରସଙ୍ଗରେ ଆପତ୍ତି ଉଠାଇଛନ୍ତି। ସେମାନେ କହିଛନ୍ତି, ମୟୂରଭଞ୍ଜ ଜିଲ୍ଲା ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବାରୁ ଏଠାରେ ଉନ୍ନୟନ କାର୍ଯ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ପେଟ୍ରୋଲ



ପମ୍ପରେ ଡିଜେଲ ବ୍ୟାରେଲରେ ନ ଦେବା ଯୋଗୁଁ ନିର୍ମାଣ କାର୍ଯ୍ୟ, କୃଷି ଓ ଖଣି କାର୍ଯ୍ୟ ପ୍ରଭାବିତ ହେଉଛି। ଛୋଟ ଉଦ୍ୟୋଗ ଓ କଳକାରଖାନା ଚାଲୁ ରଖିବା ପାଇଁ ଡିଜେଲ ଆବଶ୍ୟକ। ଏହି କଟକଣା ଯୋଗୁଁ ଶ୍ରମିକଙ୍କ ରୋଜଗାର ପ୍ରଭାବିତ ହେଉଛି ଓ ଜିଲ୍ଲାର ସାମଗ୍ରିକ ଉନ୍ନୟନ ବାଧାପ୍ରାପ୍ତ ହେଉଛି। ସେମାନେ ଆହୁରି କହିଛନ୍ତି, ଯାନବାହନକୁ ସୀମିତ ପରିମାଣରେ ଡିଜେଲ ଦିଆଯାଉଥିବାରୁ ନିର୍ମାଣ ସାମଗ୍ରୀ ଓ ଯନ୍ତ୍ରପାତି ପରିବହନ ପାଇଁ ବିପଦ ସୃଷ୍ଟି ହେଉଛି। ଏହା ଜିଲ୍ଲାର ଅର୍ଥନୈତିକ ଗତିବିଧିକୁ ମନ୍ଥର କରିଦେଇଛି। ଫଳରେ ରାସ୍ତା, ସେତୁ ଓ ସରକାରୀ ଭବନ ନିର୍ମାଣ କାର୍ଯ୍ୟ ପ୍ରାୟ ବନ୍ଦ ହୋଇଯାଇଛି। ସେହିପରି ଚାଷ ଓ ସେଚନ ଯନ୍ତ୍ରପାତି ପାଇଁ ଡିଜେଲ ଅଭାବରୁ କୃଷକମାନେ ସଙ୍କଟରେ ପଡ଼ିଛନ୍ତି। ଖଣି ଖାଦାନ ଓ କ୍ରସର ୟୁନିଟ୍‌ର ଉତ୍ପାଦନ ବ୍ୟାହତ ହୋଇଛି। ସ୍ଥାନୀୟ କଳକାରଖାନା ଓ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ଉଦ୍ୟୋଗ ପ୍ରଭାବିତ ହେଉଛି। ଏ ପ୍ରସଙ୍ଗରେ ଜିଲ୍ଲା ପ୍ରଶାସନ ଓ ତୈଳ କମ୍ପାନୀ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଉଦ୍ୟୋଗପତି ଶୀଘ୍ର ଏହି ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳ ଓ ଜିଲ୍ଲା ପୁଲିସ ଅଧିକାରୀଙ୍କୁ ଆବେଦନ କରିବେ ବୋଲି ଜଣାପଡ଼ିଛି। ସ୍ଥାନୀୟ ଜନପ୍ରତିନିଧି ମଧ୍ୟ ଏହି ପ୍ରସଙ୍ଗକୁ ନେଇ ବିଧାନସଭାରେ ଉଠାଇବାକୁ ଆହ୍ୱାନ ଦେଇଛନ୍ତି। ମୟୂରଭଞ୍ଜ ଜିଲ୍ଲାର ଆର୍ଥିକ ଓ ସାମାଜିକ ଉନ୍ନୟନ ପାଇଁ ଏହି କଟକଣା ଶୀଘ୍ର ପ୍ରତ୍ୟାହାର କରାଯିବା ଆବଶ୍ୟକ ବୋଲି ସ୍ଥାନୀୟ ଲୋକ ଦାବି କରିଛନ୍ତି। ଏହି ସମସ୍ୟା ସମାଧାନ ନ ହେଲେ ଜିଲ୍ଲାର ଉନ୍ନୟନ ଗତି ବ୍ୟାପକ ଭାବେ ବାଧାପ୍ରାପ୍ତ ହେବ ବୋଲି ଆଶଙ୍କା କରାଯାଉଛି। ଏ ନେଇ ପେଟ୍ରୋଲ ପମ୍ପର ମାଲିକଙ୍କ କହିବାନୁଯାୟୀ ତେଲ ଯୋଗାଣ କମ୍ ପରିମାଣରେ ହେଉଥିବାରୁ ପମ୍ପକୁ ଆସୁଥିବା ଯାନବାହନକୁ ପର୍ଯ୍ୟାପ୍ତ ତେଲ ଦେଇପାରୁନୁ। ଏଣୁ ବ୍ୟାରେଲ ବା ଜାର୍‌ରେ ତେଲ ଦେବା ଅସମ୍ଭବ ହେଉଛି। ତେବେ ଏ ସଂକ୍ରାନ୍ତରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପ୍ରଦୀପ କୁମାର ପଣ୍ଡାଙ୍କ ପ୍ରତିକ୍ରିୟା ମିଳିପାରିନି। ବାରିପଦା ନଗରପାଳ ତଥା ନଗର ଉପସଭାପତି କୃଷ୍ଣାନନ୍ଦ ମହାନ୍ତି ଏଭଳି ଅଭାବନୀୟ ସ୍ଥିତି ପାଇଁ ବର୍ତ୍ତମାନର ଡବଲ ଇଞ୍ଜିନ ସରକାରଙ୍କୁ ଦାୟୀ କରିଛନ୍ତି। ତୈଳ ଦରରେ ଲିଟର ପ୍ରତି ୭/୮ ଟଙ୍କା ବୃଦ୍ଧି ପରେ ମଧ୍ୟ ଖାଉଟି ସହିବାକୁ ପ୍ରସ୍ତୁତ ଥିବାବେଳେ ପର୍ଯ୍ୟାପ୍ତ ତେଲ ନ ଦେବା ସରକାରଙ୍କ ଅପାରଗତା। ଘଟଣାର ସମାଧାନ ନ ହେଲେ ମୟୂରଭଞ୍ଜ ବିଜେଡି ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛି।

# ଜାତୀୟ କୃତିତ୍ୱ ପାଇଁ ଚମ୍ପୁଆ ବିଡିଓଙ୍କୁ ପ୍ରଶଂସା



ଚମ୍ପୁଆ, ୬।୬(ସମିସ): ଚମ୍ପୁଆ ବ୍ଲକର ପଡୁଆ ପଞ୍ଚାୟତରେ ଜଳଯୋଗ ଓ ଜଳ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ଚମ୍ପୁଆ ବିଡିଓଙ୍କୁ ପଡୁଆ ପଞ୍ଚାୟତ ଜଳ ଉପଯୋଗିତା ପାଇଁ ଜାତୀୟ ପୁରସ୍କାର ପାଇ ଦିଲ୍ଲୀରେ ଚମକିଛି। ଏହି ଐତିହାସିକ ସଫଳତା ପାଇବା ପାଇଁ ଜାତୀୟ ପୁରସ୍କାର କେବଳ ଚମ୍ପୁଆ ବ୍ଲକ ପାଇଁ ନୁହେଁ, ବରଂ ସମଗ୍ର ଓଡ଼ିଶା ପାଇଁ ଏକ ଗର୍ବ ଓ ଗୌରବର ପଞ୍ଚାୟତରାଜ ବିଭାଗ, ଜିଲ୍ଲା, ବ୍ଲକ ଓ ପଡୁଆ ପଞ୍ଚାୟତବାସୀଙ୍କ ଉଦ୍ୟମ, ପାରସ୍ପରିକ ସହଯୋଗ ଯୋଗୁଁ ସମ୍ଭବ ହୋଇପାରିଛି। ବିଶେଷ କରି ଚମ୍ପୁଆ ବିଡିଓ ସ୍ମୃତିରଞ୍ଜନ ସାହୁଙ୍କ ବଳିଷ୍ଠ ନେତୃତ୍ୱ ଏବଂ କଠିନ ପରିଶ୍ରମ, ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଓ ନିଷ୍ଠା ଯୋଗୁଁ ଚମ୍ପୁଆ ବ୍ଲକକୁ ଏହି ଐତିହାସିକ ସଫଳତା ମିଳିଛି। ଟ୍ରଫି, ମାନପତ୍ର ଏବଂ ନଗଦ ୫୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଦିଲ୍ଲୀରେ ଏକ ଭବ୍ୟ ସମାରୋହରେ କେନ୍ଦ୍ର ପଞ୍ଚାୟତରାଜ ମନ୍ତ୍ରୀଙ୍କଠାରୁ ଗ୍ରହଣ କରିଛନ୍ତି ବିଡିଓ ଶ୍ରୀ ସାହୁ, ସରପଞ୍ଚ ଓ ପିଇଓ। ଏହି ପୁରସ୍କାର ଜିଲ୍ଲାର ସମସ୍ତ ପଞ୍ଚାୟତକୁ ଆହୁରି ଅଧିକ ଜନମଙ୍ଗଳ କାର୍ଯ୍ୟ କରିବାକୁ ପ୍ରୋତ୍ସାହିତ କରିବ। ଜିଲ୍ଲାର ଏକମାତ୍ର ପଞ୍ଚାୟତ ଭାବେ ଏହି ଗୌରବମୟ ସଫଳତା ପାଇଥିବାରୁ ଆଜି ପାଟଣା ବିଧାୟକଙ୍କ ପ୍ରତିନିଧି ଭାବଗ୍ରାହୀ ମହାନ୍ତ, ସାଧାରଣ ଜନତା ଓ ମିଡିଆ ବନ୍ଧୁମାନେ ବିଡିଓ ଶ୍ରୀ ସାହୁଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ଚାଷଜମିକୁ ରାସ୍ତା ଜୋରଜବରଦସ୍ତ ଆବନ୍ଧ

● ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ

ହାଟଡ଼ିହୀ,୬।୬(ସମିସ): ହାଟଡ଼ିହୀ ବ୍ଲକ ଢେଙ୍କା ପଞ୍ଚାୟତ ତଥା ସୋସୋ ଥାନା ଅନ୍ତର୍ଗତ ଧରମପୁର ଗ୍ରାମର ମାୟାଧର ବେହେରାଙ୍କ ଚାଷଜମିକୁ ଯିବା ରାସ୍ତାକୁ ଅନ୍ୟଜଣେ ଜୋରଜବରଦସ୍ତ ଆବନ୍ଧ କରିବାରୁ ସେ ଉପଜିଲ୍ଲାପାଳ ଆନନ୍ଦପୁରଙ୍କ ନିକଟରେ



ଫେରାଦ ହୋଇଛନ୍ତି। ମାୟାଧର ନିଜ ପୈତୃକ ଜମିରେ ଚାଷବାସ ପାଇଁ ବଡ଼ଭାଇ ସ୍ୱର୍ଗତଃ ନାରାୟଣ ବେହେରାଙ୍କ ବିଲ କଡ଼ ହିଡ଼ରାସ୍ତା ତଥା ସରକାରୀ ଜମିଦେଇ ଯାଆସ କରିଆସୁଥିଲେ। କିଛିଦିନ ହେବ ନାରାୟଣଙ୍କ ପୁଅମାନେ ଉକ୍ତ ସରକାରୀ ଜାଗାକୁ ସେମାନଙ୍କ ଜମି ସହ ଅକ୍ତିଆର କରି ଉକ୍ତ ବାଟରେ ସିମେଣ୍ଟ ଖୁଣ୍ଟ ପୋତି ସେସବୁ ତାଙ୍କର ବୋଲି ଦାବି କରୁଛନ୍ତି। ଯାହାଫଳରେ ମାୟାଧର ତାଙ୍କ ଚାଷବିଲକୁ ଯିବାପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଳ୍ପଦିନ ମଧ୍ୟରେ ଚାଷକାମ ଆରମ୍ଭ ହେବାକୁ ଥିବାବେଳେ ସେ କେଉଁ ବାଟ ଦେଇ ଯାଆସ କରି ଚାଷକାମ କରିବେ ତାହାକୁ ନେଇ ମାୟାଧର ଚିନ୍ତାରେ ପଡିଛନ୍ତି। ଏନେଇ ଦୁଇ ପରିବାର ମଧ୍ୟରେ ଆପୋଷ ବୁଝାମଣାରେ ଚଳିବାକୁ ଚାହିଁଲେ ସୁଦ୍ଧା ନାରାୟଣଙ୍କ ପୁଅ ହଳଧର ବେହେରା, ମାର୍କଣ୍ଡ ବେହେରା ଓ ମହେନ୍ଦ୍ର ବେହେରା ସେଥିରେ ଆଦୌ ସମ୍ମତି ଜଣାଉ ନଥିବା ନେଇ ମାୟାଧର କହିଛନ୍ତି। ତେବେ, ଚାଷରୁ ଆୟ କରି ପରିବାର ଚଳାଉଥିବା ମାୟାଧର ବାଧ୍ୟ ଏ ସଂକ୍ରାନ୍ତରେ ଆନନ୍ଦପୁର ଉପଜିଲ୍ଲାପାଳଙ୍କୁ ଏକ ଲିଖିତ ଅଭିଯୋଗ ଦେଇ ଏହାର ସ୍ଥାୟୀ ସମାଧାନ ପାଇଁ ଗୁହାରି କରିଛନ୍ତି। ଯଥାଶୀଘ୍ର ତାଙ୍କ ସମସ୍ୟାର ସମାଧାନ ହେଲେ ସେ ଉପକୃତ ହୋଇପାରନ୍ତେ ଏବଂ ଚାଷ କାମରେ ଆଗେଇ ପାରନ୍ତେ ବୋଲି କହିଛନ୍ତି।

# ମୃତକଙ୍କ ପରିବାରକୁ ଭେଟିଲେ ବିଧାୟକ

ହାଟଡ଼ିହୀ,୬।୬(ସମିସ): ହାଟଡିହୀ ବ୍ଲକ ଅନ୍ତର୍ଗତ ଆଇତିପୁର ପଞ୍ଚାୟତ ଅମୃତପୁର ଗ୍ରାମର ଚିତ୍ତରଞ୍ଜନ ଭୂତିଆଙ୍କ ସାନ ପୁଅ ସୌମ୍ୟରଞ୍ଜନ (୧୫) ଏବଂ ସଦାନନ୍ଦ ଦାସଙ୍କ ପୁଅ ଆକାଶ ବୈତରଣୀ ନଦୀରେ ଗାଧୋଇବାକୁ ଯାଇଥିଲା ବେଳେ ଅଘଟଣ ଘଟିଥିଲା। ଏଥିରେ ଉଭୟ



ସୌମ୍ୟରଞ୍ଜନ ଓ ଆକାଶ ନଦୀର ଏକ ଗଭୀର ଖାଲରେ ଖସି ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ନଦୀରୁ ଉଦ୍ଧାର କରି ଶାଳଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ସୌମ୍ୟରଞ୍ଜନଙ୍କୁ ମୃତ ଘୋଷଣା କରିଥିବା ବେଳେ ଆକାଶ ଚିକିତ୍ସାଧୀନ ଅଛନ୍ତି। ଖବର ପାଇ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ମୃତ ଛାତ୍ରଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହିତ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଚିକିତ୍ସାଧୀନ ଥିବା ଛାତ୍ରର ଆଶୁଆରୋଗ୍ୟ କାମନା କରିଛନ୍ତି। ଏହାସହିତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ କେନ୍ଦୁଝର ଜିଲ୍ଲାପାଳ ଓ ଆନନ୍ଦପୁର ଉପଜିଲ୍ଲାପାଳଙ୍କ ସହ ଆଲୋଚନା ମଧ୍ୟ କରିଛନ୍ତି। ବିଧାୟକଙ୍କ ସହିତ ଯୁବ ବିଜେଡ଼ି ସମ୍ପାଦକ ଦୀପ୍ତିରଞ୍ଜନ ଦାସ, ଜିଲ୍ଲା ଛାତ୍ର ବିଜେଡ଼ି ସଭାପତି ଅମରେନ୍ଦ୍ର ଧଳ, ବିଜେଡ଼ି ନେତା ଶରତ ଦେଓ, ଗଦାଧର ଦାସ, ଯୁଗଳ କିଶୋର ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଚମ୍ପୁଆ ଏନ୍ଏସି ୮ ନଂ ୱାର୍ଡ ନିକଟସ୍ଥ ରଜାବନ୍ଧର ପୁନରୁଦ୍ଧାର କାର୍ଯ୍ୟ ତଥା ଉଚ୍ଚ ମାଟିବନ୍ଧ କାର୍ଯ୍ୟ ଏବଂ ବର୍ଷାଜଳ ନିଷ୍କାସନର ତଦାରଖ କରୁଛନ୍ତି ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା

ନୟନଯୋରୀରୁ ଜବରଦଖଲ ଉଚ୍ଛେଦ

# ଡାଙ୍ଗରପଡ଼ା ଆମିଷ ବଜାରକୁ ସ୍ଥାନାନ୍ତରଣ ପ୍ରକ୍ରିୟା ଆରମ୍ଭ

କେନ୍ଦୁଝର, ୬।୬(ସମିସ):



କେନ୍ଦୁଝରଗଡ଼ ପୌରପାଳିକା ଏବଂ ସଦର ତହସିଲ ପକ୍ଷରୁ କେନ୍ଦୁଝର ସଦର ତହସିଲ ମୋଚିଗାଁ ମୌଜାର ପୂର୍ତ୍ତ ବିଭାଗ ରାସ୍ତା ପାଶ୍ୱର୍ ନୟନଯୋରୀ ଉପରେ ହୋଇଥିବା ଜବରଦଖଲ ଉଚ୍ଛେଦ କରାଯାଇଛି। ଶନିବାର ସକାଳୁ ଜେସିବିରେ ବେଆଇନ ନିର୍ମାଣ ଭଙ୍ଗା ଯାଇଥିଲା। କିଛି ବ୍ୟବସାୟୀ ନିଜ ଆଡୁ ଦୋକାନ ଭାଙ୍ଗି ଦେଇଥିଲେ। ଜବରଦଖଲ ଉଚ୍ଛେଦ ପରେ ମାଂସ ବ୍ୟବସାୟୀଙ୍କୁ ଡାଙ୍ଗରପଡ଼ାରେ ଥିବା ପୌରପାଳିକାର ମାଛମାଂସ ବଜାରରେ ଦୋକାନ ଘର ଦିଆଯିବ ବୋଲି କୁହାଯାଇଛି। ଡାଙ୍ଗରପଡାରେ ମାଛ, ମାଂସ ବିକ୍ରି ପାଇଁ ଆମିଷ ବଜାର କରାଯାଇଛି। ଏହାସତ୍ତ୍ୱେ ବହୁ ବ୍ୟବସାୟୀ ରାସ୍ତା କଡ଼ରେ ଖାସି କାଟି ବିକ୍ରି କରୁଛନ୍ତି। ରାସ୍ତାକଡ଼ରେ ମାଂସ ବିକ୍ରି ଉପରେ ସରକାର ନିଷେଧାଜ୍ଞା ଜାରି କରିଥିଲେ ସୁଦ୍ଧା କେନ୍ଦୁଝରଗଡ଼ ପୌରପାଳିକା ଅଞ୍ଚଳ ମଧ୍ୟରେ ଅବାଧରେ ମାଛ ମାଂସ କାରବାର ଚାଲିଛି। କେନ୍ଦୁଝର ଜିଲ୍ଲାରେ ମୁଖ୍ୟତଃ କେନ୍ଦୁଝରଗଡ ପୌରାଞ୍ଚଳରେ ରାସ୍ତା କଡରେ ଅତି ନିର୍ଦ୍ଦୟ ଭାବେ ଅସ୍ୱାସ୍ଥ୍ୟକର ପରିବେଶରେ ଖାସି ଓ କୁକୁଡା ମରା ଚାଲିଛି। କେନ୍ଦୁଝର ସହରରେ ମାଛ ମାଂସ ବ୍ୟବସାୟକୁ ସୁବ୍ୟବସ୍ଥିତ କରିବା ପାଇଁ ଡାଙ୍ଗରପଡା ଅଂଚଳରେ ସ୍ୱତନ୍ତ୍ର ଆମିଷ ବଜାର ନିର୍ମାଣ କରାଯାଇଛି। ଆମିଷ ବଜାର ପରିସରରେ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଥିବାବେଳେ ସମସ୍ତ ସୁବିଧା ସୁଯୋଗ ବ୍ୟବସାୟୀଙ୍କୁ ଦିଆଯାଇଛି। ନୂତନ ଆମିଷ ବଜାରକୁ ନଯାଇ ବ୍ୟବସାୟୀମାନେ ପୂର୍ବ ପରି ରାସ୍ତା କଡରେ ବସି ବ୍ୟବସାୟ କରୁଛନ୍ତି। କିଛି ବ୍ୟବସାୟୀ ସହରର ବିଭିନ୍ନ ସ୍ଥାନରେ ବ୍ୟବସାୟ କରୁଛନ୍ତି। କେନ୍ଦୁଝର ବିଭିନ୍ନ ସ୍ଥାନରେ ମାଛ, କୁକୁଡା ଏବଂ ଖାସି ବେପାରୀଙ୍କୁ ସ୍ଥାନାନ୍ତର କରାଯାଉ ନଥିବାରୁ ରାସ୍ତାକଡ଼ରେ ପଶୁ ହତ୍ୟା କରାଯାଉଛି। ଖାସି, କୁକୁଡାମାନଙ୍କୁ ସ୍ଲଟର ହାଉସରେ ଗୁପ୍ତ ଭାବରେ କାଟି ମାଂସ ବିକ୍ରି କରିବା କଥା; ମାତ୍ର ରାସ୍ତାକଡରେ ଛେଳି, କୁକୁଡା କଟାଯାଉଥିବାରୁ କୋମଳମତି ଶିଶୁଙ୍କ ଉପରେ ଏହାର ନକରାତ୍ମକ ପ୍ରଭାବ ପଡୁଛି। ସେହିପରି ମାଛ ମାଂସ ଦୋକାନରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ଏଣେତେଣେ ଫିଙ୍ଗି ଦିଆଯାଉଥିବାରୁ ପରିବେଶ ପ୍ରଦୂଷିତ ହେଉଛି। ଏ ସଂପର୍କରେ କେନ୍ଦୁଝରଗଡ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଲଳିତ ନାୟକ କହିଛନ୍ତି, କିଛି ବ୍ୟବସାୟୀ ଡାଙ୍ଗରପଡ଼ାରେ ମାଂସ ବିକ୍ରି କରୁଥିବାବେଳେ କିଛି ଅମାନିଆ ସହରର ବିଭିନ୍ନ ସ୍ଥାନରେ ବିକ୍ରି କରୁଛନ୍ତି। ଖୁବଶୀଘ୍ର ସହରର ବିଭିନ୍ନ ରାସ୍ତା କଡ଼ରେ ବସୁଥିବା ମାଛ, ମାଂସ ବ୍ୟବସାୟୀଙ୍କୁ ନୂତନ ଆମିଷ ବଜାରକୁ ସ୍ଥାନାନ୍ତର କରିବା ପାଇଁ ପଦକ୍ଷେପ ନିଆଯିବ। ଆଜି ଉଚ୍ଛେଦ ବେଳେ କେନ୍ଦୁଝର ସଦର ତହସିଲଦାର ଶୁଭେନ୍ଦୁ ସାହୁ, କେନ୍ଦୁଝରଗଡ ପୌର ନିର୍ବାହୀ ଅଧିକାରୀ ଲଳିତ ନାୟକ, ମ୍ୟୁନସିପାଲିଟି ଇଞ୍ଜିନିୟର ଭକ୍ତବନ୍ଧୁ ମହାନ୍ତ, ସଦର ଆରଆଇ ଶ୍ରୀକାନ୍ତ ମାଝୀ, ଏନଫୋର୍ସମେଣ୍ଟ ଅଧିକାରୀ ସୌମ୍ୟରଞ୍ଜନ ନାୟକ,କନିଷ୍ଠ ସହାୟକ ପ୍ରଦୀପ ନାୟକ, କେନ୍ଦୁଝରଗଡ ପୌରପାଳିକା ଅମିନ ଉଦୟନାଥ ମହାନ୍ତି ପ୍ରମୁଖ ସାମିଲ ଥିଲେ।

# ସ୍ୱାଧୀନତା ସଂଗ୍ରାମୀ ଛକ ନାମକରଣକୁ ସ୍ୱାଗତ

ହାଟଡ଼ିହୀ,୬।୬(ସମିସ): ପ୍ରଶାସନ ପକ୍ଷରୁ ଓରାଳି ଛକର ନୂତନ ନାମକରଣକୁ ଉଭୟ ଆପଣ୍ଡା ଓ ଓରାଳି ଗ୍ରାମବାସୀ ଭୂୟସୀ ପ୍ରଶଂସା କରିଛନ୍ତି। ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ଛୋଟରାୟ ଓ ଭଦ୍ରକ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତଙ୍କ ଉପସ୍ଥିତିରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ଶାନ୍ତି ଓ ସମନ୍ୱୟ କମିଟି ବୈଠକରେ ଉଭୟ ଗ୍ରାମର ଜନପ୍ରତିନିଧି ଓ ଗ୍ରାମବାସୀ ପ୍ରମୁଖ ଯୋଗ ଦେଇଥିଲେ। ସର୍ବସମ୍ମତିକ୍ରମେ 'ସ୍ୱାଧୀନତା ସଂଗ୍ରାମୀ ଛକ' କରାଯିବାକୁ ଘୋଷଣା କରାଯାଇଥିଲା। ଏହାକୁ ଉପସ୍ଥିତ ସମସ୍ତ ଗ୍ରାମବାସୀ ଖୁସି ମନରେ ଗ୍ରହଣ କରିବା ସଙ୍ଗେ ସଙ୍ଗେ ଭାଇଚାରା ବଜାୟ ରଖିବାକୁ ପ୍ରତିଶ୍ରୁତି ଦେଇଥିଲେ। ଯଥାଶୀଘ୍ର ସେଠାରେ ପୂର୍ତ୍ତବିଭାଗ ପକ୍ଷରୁ ନୂତନ ନାମ ଫଳକ ଲଗାଯିବା ଏବଂ ଯାତ୍ରୀ ବିଶ୍ରାମାଗାର ଖୋଲାଯିବାକୁ ପୁଲିସ ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ସ୍ୱାଧୀନତା ସଂଗ୍ରାମ ଆନ୍ଦୋଳନରେ ଓରାଳି ଗ୍ରାମର ୧୨ ଜଣ ବିଶିଷ୍ଟ ବ୍ୟକ୍ତି ସାମିଲ ହୋଇ ବିଭିନ୍ନ ଜେଲରେ କାରାଦଣ୍ଡ ଭୋଗିଥିଲେ। ସ୍ୱାଧୀନତା ସଂଗ୍ରାମୀ କୀର୍ତ୍ତନ ବିହାରୀ ମହାନ୍ତି, ରାହାସ ବିହାରୀ ମହାନ୍ତି, ହୃଷୀକେଶ ଓଝା, ବଳରାମ ପଟ୍ଟନାୟକ, ଶ୍ରୀରାମ ପଟ୍ଟନାୟକ, ଗୋଲକ ପଟ୍ଟନାୟକଙ୍କ ସମେତ ସେମାନଙ୍କ ଧର୍ମପତ୍ନୀମାନେ ଦେଶପାଇଁ ଲଢ଼େଇ କରି ଜେଲ ଯାଇଥିଲେ। ଏହି ଐତିହାସିକ ଗ୍ରାମର ବସଷ୍ଟାଣ୍ଡକୁ 'ସ୍ୱାଧୀନତା ସଂଗ୍ରାମୀ ଛକ' ଭାବେ ନାମିତ କରାଯାଇ ଥିବାରୁ ଉତ୍କଳମଣି ଯୁବକ ସଂଘ, ରାମନବମୀ ପୂଜା କମିଟି, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମଧ୍ୟରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଗ୍ରାମବାସୀଙ୍କ ତରଫରୁ ସରପଞ୍ଚ ହରିଶ୍ଚନ୍ଦ୍ର ଜେନା, ସମିତିସଭ୍ୟ ଦେବବ୍ରତ ବେହେରା, ତିଳୋତ୍ତମା ନାୟକ, ମମତା ଜେନା, ଅନନ୍ୟା ପଟ୍ଟନାୟକ, ରାଣୀ ପ୍ରିୟଦର୍ଶିନୀ, ଲଲାଟ ମହାନ୍ତି, ଶୀତାଂଶୁ ଦକ୍ଷିଣରାୟ, ଫକୀର ରାଉତ, ଗୌରାଙ୍ଗ ରାଉତ, ଶିବପ୍ରସାଦ ରାଉତ, ଶୁଭମ୍ ରାଉତ, ତୋଫାନ ଭୋଇ, ନକୁଳ ଜେନା, ସୁଧାଂଶୁ ଦକ୍ଷିଣରାୟ, ମାନଗୋବିନ୍ଦ ଜେନା, ରମେଶ ବାରିକ, ପ୍ରତାପ ଜେନା, ପ୍ରଦୀପ ରାଉତ, ତ୍ରିଲୋଚନ ରାଉତ, ବାମନ ଜେନା, ଲାଲା ମହାନ୍ତି, ଅଶୋକ ପଟ୍ଟନାୟକ, ପ୍ରମୋଦ ବେହେରା କେନ୍ଦୁଝର ଓ ଭଦ୍ରକ ଜିଲ୍ଲାପାଳଙ୍କ ଉଦ୍ୟମକୁ ପ୍ରଶଂସା କରିଛନ୍ତି।

# ନହଙ୍ଗି ନୀଳକଣ୍ଠେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା

ଆନନ୍ଦପୁର, ୬।୬(ସମିସ): କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ପଞ୍ଚାୟତର ନହଙ୍ଗି ଗ୍ରାମରେ ନୀଳକଣ୍ଠେଶ୍ୱର ମହାଦେବଙ୍କ ପ୍ରଥମ ବାର୍ଷିକ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଆଚାର୍ଯ୍ୟ ପଣ୍ଡିତ ବିଚିତ୍ରାନନ୍ଦ ଦାଶ, ସହଯୋଗୀ ପଣ୍ଡିତ ଉପେନ୍ଦ୍ର ପଣ୍ଡା, ମନ୍ଦିର ପୂଜକ ପ୍ରମୋଦ ତ୍ରିପାଠୀଙ୍କ ଦ୍ୱାରା ଯଜ୍ଞମଣ୍ଡପରେ ପୂଜା ନୀତିକାନ୍ତି ନିଷ୍ଠାର ସହ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ପ୍ରଚେଷ୍ଟା ଓ ସହଯୋଗ ଦ୍ୱାରା ଗ୍ରାମରେ ଏକ ଭବ୍ୟ ଶିବ ମନ୍ଦିର ପ୍ରତିଷ୍ଠାର ଏକ ବର୍ଷ ପୂର୍ତ୍ତି ହୋଇପାରିଛି। ଦୁଇ ଦିନ ଧରି ଭକ୍ତି ଅର୍ଘ୍ୟ ପ୍ରଦାନ ହୋମଯଜ୍ଞ ଆଡମ୍ବର ସହକାରେ ହୋଇଥିଲା। ଗ୍ରାମ ପୁଷ୍କରିଣୀରୁ ଶତାଧିକ ମହିଳା ଭକ୍ତ କଳସ ଶୋଭାଯାତ୍ରା ସହ ଗ୍ରାମ ପରିକ୍ରମା କରି ମନ୍ଦିରରେ ଘଟ ସ୍ଥାପନ କରି ନୀଳକଣ୍ଠେଶ୍ୱରଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ପ୍ରଥମ ବାର୍ଷିକ ମନ୍ଦିର ପ୍ରତିଷ୍ଠା



ଉତ୍ସବରେ ମୁଖ୍ୟ କର୍ତ୍ତା ଶୁଭ୍ରାଂଶୁ ଦେଓ, ସହଧର୍ମିଣୀ ମମତା ଦେଓ ଯଜ୍ଞ କଳସ ଧରି ସଂକଳ୍ପରେ ବସିଥିଲେ। ପ୍ରଥମ ଦିନ ପ୍ରାତଃ ଜଳଯାତ୍ରା ବେଦପାଠ, ପଞ୍ଚକର୍ମ, ସୂର୍ଯ୍ୟ ପୂଜା, ଗୋ-ପୂଜା, ବରୁଣ ପୂଜା ଗୁରୁପୂଜା, ଶାଳାପ୍ରବେଶ, ଯଜ୍ଞାଗ୍ନି ସ୍ଥାପନ କାର୍ଯ୍ୟକ୍ରମ ସମାପନ ହୋଇଥିଲା। ଦ୍ୱିତୀୟ ଦିବସରେ ପୂର୍ଣ୍ଣାହୁତି ସହ ମନ୍ଦିର ପ୍ରତିଷ୍ଠା ଉତ୍ସବ ଶେଷ ହୋଇଛି। ଗ୍ରାମର ଗୌର ଭକ୍ତଙ୍କ ଦ୍ୱାରା ଭଜନ କୀର୍ତ୍ତନରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପ୍ରତି ସନ୍ଧ୍ୟାରେ ଭଜନ ସନ୍ଧ୍ୟା, ଆଧ୍ୟାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରବଚନରେ ଆଖପାଖ ଗ୍ରାମରୁ ହଜାର ହଜାର ଭକ୍ତ ସମାଗମ ହୋଇଥିଲା। ସମସ୍ତ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ। ଗ୍ରାମବାସୀ ତଥା ଆଖପାଖରୁ ଆସୁଥିବା ଭକ୍ତଙ୍କ ପାଇଁ ଆନନ୍ଦ ବଜାରରେ ମଧ୍ୟାହ୍ନ ଓ ରାତ୍ରୀ କାଳରେ ଅନ୍ନଛତ୍ରର ବ୍ୟବସ୍ଥା କରାଯାଇଥିଲା। ନହଙ୍ଗି ମନ୍ଦିର କମିଟି ସଦସ୍ୟ ଓ ଯୁବଗୋଷ୍ଠୀ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

# ଅଜଣା ମୃତଦେହ ଉଦ୍ଧାର

କେନ୍ଦୁଝର, ୬।୬(ସମିସ): ସଦର ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୨୦ର ରାଇସୁଆଁ ରେଳ ଓଭରବ୍ରିଜ ନିକଟରୁ ସଦର ପୁଲିସ ଏକ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି। ମୃତ ବ୍ୟକ୍ତିଙ୍କ ପରିଚୟ ମିଳି ପାରିନାହିଁ। ତେବେ ମୃତକଙ୍କ ବୟସ ୩୦ରୁ ୩୫ ବର୍ଷ ମଧ୍ୟରେ ହେବ ବୋଲି ପୁଲିସ ସୂଚନା ଦେଇଛି। ସେ କଳା ରଙ୍ଗର ଫୁଲ୍ ପ୍ୟାଣ୍ଟ, ଧଳା ରଙ୍ଗର ଗଞ୍ଜି, ଖାକି ରଙ୍ଗର ବେଲ୍ଟ ଏବଂ ସବୁଜ ରଙ୍ଗର ଫୁଲ ସାର୍ଟ ପିନ୍ଧି ଥିବା ଦେଖିବାକୁ ମିଳିଛି। ଏନେଇ ପୁଲିସ କେସ ନମ୍ବର ୩୯/୨୦୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିବା ସହ ପରିଚୟ ସନ୍ଧାନ କରୁଛି ବୋଲି ସଦର ଥାନାଧିକାରୀ ଅମିତ କୁମାର ଭୂୟାଁ ସୂଚନା ଦେଇଛନ୍ତି।

# ବଢୁଛି ବାଇକ୍ ଚୋରି; ଟେର୍ ପାଉନି ପୁଲିସ

ଆନନ୍ଦପୁର, ୬।୬(ସମିସ): ଆନନ୍ଦପୁର ଓ ଘସିପୁରା ଥାନାଞ୍ଚଳରେ ଦିନକୁ ଦିନ ବାଇକ ଚୋରି ବଢ଼ି ଚାଲିଥିବା ବେଳେ ଚୋରଙ୍କ ଟେର ପାଉନି ପୁଲିସ। ବଜାର ଛକ ଓ ହାଟରୁ ବାଇକ ଚୋରି ହେଉଥିବା ବେଳେ ଗତ ଶୁକ୍ରବାର ରାତିରେ ଘସିପୁରା ଝାଡ଼େଶ୍ୱର ମନ୍ଦିର ସାମ୍ନାରୁ ଲୋକନାଥ ସାହୁଙ୍କ ବାଇକଟି ଚୋରି ହୋଇଥିବା ନେଇ ଘସିପୁରା ଥାନାରେ ଅଭିଯୋଗ ହୋଇଛି। ନିଜ ବାଇକ ନମ୍ବର ଓଡି ୦୯ ଏକ୍ସ ୭୦୬୮ ରଖି ମନ୍ଦିରରେ ରାତି ବାବାଙ୍କ ନିକଟରେ ଶୋଇଥିବା ବେଳେ ସକାଳେ ବାଇକ ନଥିବାରୁ ଅନେକ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ପୂର୍ବ ଦୁଇ ମାସରୁ ଶାଳପଡାରୁ ମଧ୍ୟ ତିନୋଟି ବାଇକ ଚୋରି ହୋଇଥିବା ବେଳେ ପୁଲିସ ଏ ସମ୍ପର୍କିତ ଅନୁସନ୍ଧାନରେ ସମ୍ପୂର୍ଣ୍ଣ ବିଫଳ ହେଉଥିବାରୁ ଜନସାଧାରଣଙ୍କ ଆସ୍ଥା ତୁଟିବାରେ ଲାଗିଛି।

# ଓଲଟିଲା ଅଟୋ; ୪ ଗୁରୁତର

ଚମ୍ପୁଆ, ୬।୬(ସମିସ): ଚମ୍ପୁଆ-ଯୋଡା ରାସ୍ତାର ଜଡିପଦା ନିକଟରେ ଭାରସାମ୍ୟ ହରାଇ ଅଟୋ ଓଲଟି ପଡିବାରୁ ଅଟୋ ଡ୍ରାଇଭର ସମେତ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତରଙ୍କୁ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଥିବା ବେଳେ ଅଧିକ ଗୁରୁତରଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ଚିକିତ୍ସାଳୟକୁ ପଠାଯାଇଛି। କୋଦଗାଡିଆ ଅଞ୍ଚଳରୁ ଏକ ଅଟୋଯୋଗେ ଲୋକେ ଚମ୍ପୁଆ ଅଞ୍ଚଳକୁ ଆସୁଥିବା ବେଳେ ଅଟୋଟି ଜଡିପଦା ବୁଲାଣିରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଅଟୋରେ ବସିଥିବା ତପସ୍ୱିନୀ କାଳନ୍ଦିଙ୍କ ଗୋଡ ଭାଙ୍ଗି ଯାଇଥିବା ବେଳେ ବିଜୁକାରୁଆଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ସେହିପରି ମାନସୀ କାଳନ୍ଦୀଙ୍କ ଆଖିରେ ଗଭୀର ଆଘାତ ଲାଗିଥିବା ବେଳେ ସନନୋହ ବେହେରା ଗୁରୁତର ଆହତ ହୋଇଛନ୍ତି।

# ଶ୍ରୀ ମେଟାଲିକ୍ସ ପ୍ଲାଣ୍ଟ ପକ୍ଷରୁ ୫୦୦ ଚାରା ରୋପଣ



ଯୋଡ଼ା, ୬।୬(ସମିସ): ବିଶ୍ୱ ପରିବେଶ ଦିବସ ଅବସରରେ ଲୋଇଡାପଦାସ୍ଥିତ ଶ୍ରୀ ମେଟାଲିକ୍ସ ପ୍ଲାଣ୍ଟ ପରିସରରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ସହ ପରିବେଶ ଦିବସ ପାଳନ କରାଯାଇଛି। ଏହି ଅବସରରେ ପ୍ଲାଣ୍ଟର ବରିଷ୍ଠ ଅଧିକାରୀ, କର୍ମଚାରୀ ଓ ଶ୍ରମିକମାନେ ପରିବେଶ ସୁରକ୍ଷା, ବୃକ୍ଷରୋପଣ ଏବଂ ପ୍ରଦୂଷଣ ନିୟନ୍ତ୍ରଣ ସମ୍ପର୍କରେ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପ୍ଲାଣ୍ଟର ଏଭିପି (ଟେକ୍ନିକାଲ) ଗଜେନ୍ଦ୍ର କୁଅଁର, ପ୍ଲାଣ୍ଟ ମ୍ୟାନେଜର ବିଜୟ ନାୟକ, ପ୍ରଦୀପ ଦାସ, ମାନବ ସମ୍ବଳ ଅଧିକାରୀ ଅନିରୁଦ୍ଧ ପଟ୍ଟନାୟକଙ୍କ ସମେତ ପ୍ଲାଣ୍ଟର ସମସ୍ତ କର୍ମଚାରୀ ଅଭିରାମ ସାହୁ, ପାର୍ଥସାରଥୀ ମିଶ୍ର, ସୋଭାଗ୍ୟ ମିଶ୍ର ଏବଂ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ପ୍ଲାଣ୍ଟ ପରିସରରେ ୫୦୦ଟି ଆମ୍ବ, ପଣସ ଓ ଲିଚୁ ଚାରା ରୋପଣ କରାଯାଇଥିଲା। ଏହାସହ ସମସ୍ତ ଅଂଶଗ୍ରହଣକାରୀ ଏକ ସବୁଜ, ସ୍ୱଚ୍ଛ ଓ ପ୍ରଦୂଷଣମୁକ୍ତ ପରିବେଶ ଗଠନ ପାଇଁ ଶପଥ ଗ୍ରହଣ କରିଥିଲେ। ପ୍ଲାଣ୍ଟ ମୁଖ୍ୟ ଶିଳ୍ପାୟନ ସହ ପରିବେଶର ସନ୍ତୁଳନ ରକ୍ଷା କରିବା ଆଜିର ସମୟର ପ୍ରମୁଖ ଆବଶ୍ୟକତା ରହିଥିବା ନେଇ ସଚେତନ କରିବା ସହ ପରିବେଶ ସୁରକ୍ଷା କେବଳ ସରକାର କିମ୍ବା ଶିଳ୍ପ ସଂସ୍ଥାର ଦାୟିତ୍ୱ ନୁହେଁ, ବରଂ ପ୍ରତ୍ୟେକ ନାଗରିକଙ୍କ ସାମୂହିକ ଦାୟିତ୍ୱ ବୋଲି ସେମାନେ ମତ ପ୍ରକାଶ କରିଥିଲେ।

# ସମୟଚକରେ ପୁଣି ବଢୁଛି ସାଇକଲ୍‌ର ଆଦର

ହାଟଡ଼ିହୀ, ୬।୬(ସମିସ):



ଆଧୁନିକ ଯୁଗରେ ଅନେକ ଯାନବାହନ ସୃଷ୍ଟି ହେଲାଣି ଓ ଲୋକଙ୍କ ରୁଚିରେ ମଧ୍ୟ ପରିବର୍ତ୍ତନ ଆସିଲାଣି। ସେସବୁ ଭିତରେ ହଜିବାକୁ ବସିଥିଲା ବିନା ପେଟ୍ରୋଲରେ ଦିଲ୍ଲୀଠାରୁ ପଲ୍ଲୀ ଯାଏଁ ବୁଲି ଆସୁଥିବା ଏକମାତ୍ର ଯାନ ସାଇକଲ। ଯାହାକୁ ଓଡ଼ିଆରେ ଶୂନ ଗାଡ଼ି ବୋଲି କୁହାଯାଇଥାଏ। ବର୍ତ୍ତମାନ ବିଶ୍ୱର ପରିସ୍ଥିତି ଓ ପରିବେଶ ସୁରକ୍ଷା ଦୃଷ୍ଟିରୁ ହଜିବାକୁ ବସିଥିବା ସାଇକଲର ଚାହିଦା ଦିନକୁ ଦିନ ବଢିବାରେ ଲାଗିଛି। ସାଇକଲ ଚଲାଇବା ଦ୍ୱାରା ଗାଡ଼ି ମାଟରରୁ ନିର୍ଗତ ହେଉଥିବା ବିଷାକ୍ତ ଧୂଆଁ କମିଥାଏ, ଯାହା ବାୟୁ ପ୍ରଦୂଷଣ ରୋକିବାରେ ସାହାଯ୍ୟ କରିଥାଏ। ପ୍ରତିଦିନ ସାଇକଲ ଚଲାଇବା ଦ୍ୱାରା ଓଜନ ନିୟନ୍ତ୍ରଣରେ ରହେ, ହୃଦଘାତ ଓ ମଧୁମେହ ଭଳି ରୋଗର ଆଶଙ୍କା କମିଥାଏ। ତତ୍‌ସହ ସାଇକଲ ଏକ ଶସ୍ତା ଓ ସହଜ ପରିବହନର ମାଧ୍ୟମ ହୋଇଥିବାରୁ ଏହା ପେଟ୍ରୋଲ ଓ ଡ଼ିଜେଲ ଖର୍ଚ୍ଚ ବଞ୍ଚାଇଥାଏ। ଏହି ସବୁକୁ ଆଖି ଆଗରେ ରଖି ଏହି ଶୂନ ଗାଡ଼ି ବାବଦରେ ସଚେତନତା ସୃଷ୍ଟି କରିବା ଓ ସାଇକଲ ବ୍ୟବହାରକୁ ପ୍ରୋତ୍ସାହିତ କରିବା ସହିତ ପରିବେଶର ସୁରକ୍ଷା ନିମନ୍ତେ ୨୦୧୮ ମସିହାରେ ମିଳିତ ଜାତିସଂଘ ଦ୍ୱାରା ଏହି ଦିବସରେ ଆରମ୍ଭ ହୋଇଥିଲା। ଏହି ସାଇକେଲ ସର୍ବପ୍ରଥମେ ୧୭୯୧ ମସିହାରେ ଫ୍ରାନ୍ସ ନାଗରିକ କୋମେଟ ମେଡ଼ଡ଼ି ସିଭରାଜ ନିର୍ମାଣ କରିଥିଲେ। ସମୟାନୁସାରେ ଏହାର ଲୁକ୍ସରେ ପରିବର୍ତ୍ତନ ଆସିଥିଲା ଏବଂ ବିଭିନ୍ନ ନିର୍ମାତାମାନେ ସାଇକଲକୁ ବିକଶିତ କରିବା ଲାଗି ଅନେକ ପ୍ରଚେଷ୍ଟା ମଧ୍ୟ କରିଥିଲେ। ତେବେ ୧୮୬୯ ମସିହା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ସାଇକଲ ଦେଖିବାକୁ ମିଳିଥିଲା। ସମୟ ଅନୁସାରେ ଲୋକମାନେ ଯାତାୟାତ କରିବା ଲାଗି ସାଇକଲ ଉପରେ ଆଉ ନିର୍ଭର କରୁନାହାନ୍ତି। କେଉଁଠି କାଁ ଭାଁ ଲୋକେ ସାଇକଲ ନେଇ ବଜାରକୁ ଆସୁଥିବା ଦେଖାଯାଉଛି। ଯଦ୍ୱାରା ଏହା ପିଲାଙ୍କ ପାଇଁ ଅଲୋଡ଼ା ହୋଇପଡ଼ିଛି। ସମୟଚକ୍ରରେ ସାଇକଲର ବ୍ୟବହାର ଦ୍ରୁତ ଗତିରେ ହ୍ରାସ ପାଇବାରେ ଲାଗିଥିଲା। କିନ୍ତୁ ବର୍ତ୍ତମାନ ବିଶ୍ୱରେ ଯେଉଁ ପରିସ୍ଥିତି ସୃଷ୍ଟି ହେବାରେ ଲାଗିଛି ଓ ତୈଳର ଯେଉଁ ଅଭାବ ଦେଖାଦେଇଛି ସେଥିରୁ ବର୍ତ୍ତିବାର ଏକମାତ୍ର ଉପାୟ ବର୍ତ୍ତମାନ ପାଲଟିଛି ସାଇକଲ। ତେଣୁ ଏକ ସବୁଜ ଏବଂ ସୁନ୍ଦର ଭବିଷ୍ୟତ ଲାଗି ସମସ୍ତେ ସାଇକଲକୁ ପୁଣି ବହୁଳ ଭାବରେ ବ୍ୟବହାର କରିବାକୁ ଚେଷ୍ଟିତ ହେବାକୁ ବିଭିନ୍ନ ମତ ପ୍ରକାଶ ପାଇଛି।

# କୁଶପଦାରେ ସା ନି ଧା ପା.. ପକ୍ଷରୁ କର୍ମଶାଳା

ଆନନ୍ଦପୁର, ୬।୬(ସମିସ): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ମନୋହରପୁର ପଞ୍ଚାୟତର ସାନ କୁଶପଦାରେ 'ସା ନି ଧା ପା' ଶାସ୍ତ୍ରୀୟ ସଂଗୀତ ମହାବିଦ୍ୟାଳୟର ଏକ ସାପ୍ତାହିକ ପାଠ୍ୟକ୍ରମ ପ୍ରଶିକ୍ଷଣ କର୍ମଶାଳାର ଶୁଭାରମ୍ଭ ହୋଇଛି। ଅନୁଷ୍ଠାନର ସଭାପତି ମଦନ ପାଣିଙ୍କ ତତ୍ତ୍ୱାବଧାନରେ ସଂଗୀତ ଗୁରୁ ହରିହର ଜେନା ଉଦ୍ୟୋକ୍ତାଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ସାନ କୁଶପଦା ଶାଖାର ଉଦ୍ୟୋକ୍ତା ଗଗନ ବିହାରୀ



ମହାନ୍ତ ଏହି ଶାଖାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ଅନୁଷ୍ଠାନରେ ପଞ୍ଜିକୃତ ହୋଇଥିବା ଶିକ୍ଷାର୍ଥୀଙ୍କୁ ପ୍ରବେଶ ଉତ୍ସବର ପ୍ରାରମ୍ଭିକ ସଂଗୀତ ଶିକ୍ଷା ଦିଆଯାଇଥିଲା। ଗୁରୁ ଦୀପ୍ତିକାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

ସୃଜନିକା
ସକାଳ THE SAKALA
www.sakalaepaper.com

# ଯମ ମୁହଁ



ସ୍ୱାଗତିକା ସ୍ୱାଇଁ

: କାଳୀ! ଆଉ ବସିଲୁ କାହିଁକି? ଦେଖୁଚୁ ତ' ରୋଷେଇବାସ ନାହିଁ। ନହେଲେ ତତେ ତୋରାଣି ମୁନ୍ଦିଏ ଦେଇଥା'ନ୍ତି। ମିଛଟାରେ ବସି ରହିବ ନା'। ଯାଆ, ପଳା ଯାଆ।

ପର୍ବତ ପ୍ରମାଣ ଦୁର୍ଭାଗ୍ୟ, ଦାରିଦ୍ର୍ୟ, ଅକାଳ, ଅନାହାର - ଏମାନେ ସମସ୍ତେ ମିଶିମାଶି ସୁଦ୍ଧା କାଳୀକୁ ଭାଙ୍ଗି ପକେଇବା କେହି କେବେ ଦେଖିନଥିବେ। ଦୁବାଇରେ ରଙ୍ଗ ମିସ୍ତ୍ରୀ ଖଟୁଥିବା ବାପାର ଚାରି ଝିଅଙ୍କ ଭିତରୁ ଜଣେ ଭାବରେ ତାକୁ ଯେତେବେଳେ ମାଆ ବରାଳ ଦେବୀ କ୍ୟାଣ୍ଟର ବସ୍ କ୍ଲିନର୍ ମହାଦେବ ସହିତ ହଁ କି ନାଁ ନପଚାରି ହାତକୁ ଦି ହାତ କରି ଦିଆଯାଇଥିଲା, ସେତେବେଳେ ନୁହେଁ। କିମ୍ବା ବସ୍ ଡ୍ୟୁଟିରେ ଭାରି ପରିଶ୍ରମ, ବରଂ ଫ୍ୟାକ୍ଟ୍ରି କାମ ଭଲ ଏକଥା କହି ନୂଆ ସ୍ତ୍ରୀ ସହିତ ସଂସାର ଗଢ଼ିବ ବୋଲି ମହାଦେବ ଯେତେବେଳେ ତାମିଲନାଡୁ ଚାଲିଯାଇଥିଲା ସେତେବେଳେ ବି ନୁହେଁ। କାଳୀକୁ କେହି କେବେ ଭାଙ୍ଗି ରୁଜି ଯିବାର ଦେଖିନି। ବରଂ ଆପଣା ଶିଖା ତେଜରେ ତରଳି ଯାଉଥିବା ମହମ ପରି ସେ ନିଜ ମୁଣ୍ଡ ଉପର ବିଷାଦମାନଙ୍କୁ ସମୟ ସୁଅରେ ପାଣି ପରି ବହେଇ ଦେଇଚି। କଷ୍ଟ ଭିତରେ ନିଜ ଭାଗର ବଳକା ସହଜ ଦିନ ଆଡ଼କୁ ନିସ୍ତି କରି ରାଜରାସ୍ତାକୁ ଓହ୍ଲେଇ ପଡ଼ିଚି। ଆଉ ଦମ୍ଭରେ ଅଣ୍ଟା ମୁହଁ, ଛାତି ମୁଣ୍ଡ ସଳଖ କରି ଛିଡ଼ା ହେଇଚି।

ନହେଲେ ନାକାରେ କ'ଣ ରେଜା ଅଭାବ? କିନ୍ତୁ ଯୋଡ଼େଇରେ କ'ଣ ଢଳେଇରେ କେତେ; କ'ଣ ନିମଟାଲ କି ପଲସ୍ତରା ମସଲାର ଭାଗମାପ ତାହା କାଳୀ ଠୁଁ କିଏ ଅଧିକା କହିପାରିବ? ସେତିକି ବୋଲି ନୁହେଁ ଓଳମ ଧରିବାରେ, କରଣି ହେଉ କି ଗଜ, ଓଷା ଏସବୁ ଚଳେଇବାରେ ସେ ଗୋଟିଏ ଅଧା ରାଜମିସ୍ତ୍ରୀ ଜାଣ। ତା'ର ସେ କଳା ଯିଏ ଦେଖିଚି ସିଏ ଜାଣିଚି। ଯେ' କାମ ପାଇଁ ତା' ପରି ସୁଠାମ ଚେହେରାର, ପାରିବାର ସ୍ତ୍ରୀ ଲୋକ ଜଣକୁ ପାଇବା କେତେ କଷ୍ଟ।



ହେଲେ ଜଣେ ହତଭାଗ୍ୟ ସ୍ତ୍ରୀ ଲୋକ ପାଇଁ ସବୁକିଛି କୋଉଠି ଏତେ ସହଜ! କାରଣ ଗୋଦର ଯେ ଏକ ନଛୋଡ଼ବନ୍ଧା ଦାଉ ସାଧିବାର ରୋଗ! ଯାହା ଗ୍ରାସି ଯିବ ତ ତମକୁ ଅଚଳ କରିପକେଇବ। ତମେ ଯେତେ କର୍ମଠ ହେଇଥାଅ, କ୍ଷଣିକେ ତମକୁ ଛାଟି ଦେଲା ଭଳି ଅଥର୍ବ କରି ଘରେ ବସେଇ ଦବ।

ସେଇଟା ଥିଲା 'ଭଗବାନ ଭରସା' କ୍ୟାନ୍ସର ହାସପାତାଲ ସମ୍ମୁଖ ରାସ୍ତା କଡ଼ର ଅରାଏ ସରକାରୀ ଅପନ୍ତରା। ଏମିତିରେ ତ' ଡାକ୍ତରଖାନାଟା ଅରଖ ନୂଆ। କିନ୍ତୁ ଏଠିକି ବହୁ ଦୂରଦୂରାନ୍ତରୁ ଏପରିକି ରାଜ୍ୟ ବାହାରୁ ରୋଗୀମାନେ କେମିତି ଆସି ପହଞ୍ଚିଥାନ୍ତି ତାହା ଅଜଣା। ଯଦି ତମ ହାତରେ ଅଳ୍ପ ସମୟ ଥିବ ଏବଂ ଆଗ୍ରହ!

ତେବେ ଏଠି ଆସି ଦାଖଲ ହେଉଥିବା ରୋଗୀ ଏବଂ ତାଙ୍କ ନିଜ ଲୋକଙ୍କୁ ଦଣ୍ଡେ ଚାହିଁବ। ଘଡ଼ିଏ ଚାହିଁ ଦେଖିବ ସେମାନଙ୍କର ମଳିନ ମୁହଁ, ଲୋଚାକୋଚା ଲୁଗାପଟାକୁ ମଧ୍ୟ। ଆଉ ପଚାରି ବୁଝିବ ତ ଭିତର କଥାଟି ବି ଜାଣିଯିବ।

"ଅମୁକ ଡାକ୍ତର କହିଲେ, ସମୁକ ଆମକୁ ଏଠି ଆଣି ପହଞ୍ଚେଇଲେ"- ଏଇ ଧାଡ଼ିକ ଆପ୍ତବାକ୍ୟ ତମକୁ ଦୋହରେଇ ଦୋହରେଇ ଶୁଣିବାକୁ ମିଳିବ।

ତେବେ ସେ ଯାହା ହଉ ନା କାହିଁକି ପଶାପାଲିମୟ ଏଇ ମିଛ ମାୟା ସଂସାରରେ କଠଉ ସାହୁ ଛାତିତଳେ ସତ କଲିଜାଟିଏ ଅଛି। ଯୋଉଥି ପାଇଁ ସେ' ଏଠା ତଳତଳିଆଙ୍କ ପାଇଁ ଆଉ କିଛି କରିପାରୁ ନପାରୁ ଶସ୍ତା ଦରବାଲା ଭାତ ଡାଲମା ହୋଟେଲ ଗୋଟିଏ ଖୋଲିଚି। ପିଞ୍ଛାଏ ତତଲା ଭାତ, ଦେଢ଼ ଚଟୁ ଡାଲମା ଆଉ ଚାମୁଚେ ରାମେୟା ଲୁଣି ଆଚାର। ମୂଲ୍ୟ ଚାଳିଶ ଟଙ୍କା ମାତ୍ର।

କାଳୀ ପ୍ରତିଦିନ ବଡ଼ି ଭୋଅରୁ ନିଜ ଗୋଦର ଗୋଡ଼ରେ ଧୀରେ ଧୀରେ ଚାଲି ଚାଲି ଆସି ହୋଟେଲ ପାଖରେ ପହଞ୍ଚେ। ପରିବାବୁହା କ୍ୟାରେଟ୍ ଗୋଟିଏ ଓଲଟେଇ ତା' ଉପରେ ବସି ଘଡ଼ିଏ ଥକ୍କା ମାରେ। କାନି ଖୋଲି ସେଥିରୁ ଚାଉଳ ଗୁଣ୍ଡି ପ୍ୟାକେଟ୍ କାଢ଼େ। ଚକିରେ ମଳି ପାଟିରେ ପକାଏ। ବାସନମଜା ପାଉଁଶ କଂସାରେ ନିରମା ଗୁଣ୍ଡ ମିଶାଏ। ଆଉ ତା'ପରେ ନିବିଷ୍ଟ ମନଧ୍ୟାନ ଦେଇ ବାସନ ମାଜି ଚାଲେ। ହାଣ୍ଡି ଡେକ୍‌ଚି, ପରାତ, କରଚୁଲୀ ଏବଂ ଆଉରି କେତେ କ'ଣ। ଯେତେ ବାସନ ସେତେ ନିର୍ଦ୍ଦିଷ୍ଟ ଧ୍ୟାନରତ ମନ।

ଠାକୁରଙ୍କ ଆଶୀର୍ବାଦ ଜାଣ। ନହେଲେ ଯେ' ବେମାରିଆ ଗୋଡ଼ ଦେହକୁ ଧରି ସେ ଆଉ କୋଉ କାମଟା ଏବେ କରିପାରିଥାନ୍ତା। ବସି ବସି ବାସନ ମାଜିବା ବ୍ୟତିରେକ। ଯୋଉଠି ମାସକୁ ଅଳ୍ପ ପଇସା ସହିତ ପ୍ରାୟତଃ ହୋଟେଲର ବଳକା ଭାତ ଡାଲମା ମିଳିଯିବ।

କିନ୍ତୁ ନିୟତି ବି ବଡ଼ ଦାରୁଣ, ନିଷ୍ଠୁର। ସବୁବେଳେ ଏଇ ଅସହାୟଙ୍କ ଉପରେ ହିଁ ଅହନ୍ତା ତା'ର। ନହେଲେ କହ ତ କାନ ଉଠିବା ଦିନଠୁଁ କିଏ କେବେ ଶୁଣିଥିବ ଯୁଦ୍ଧ ପାଇଁ ଜାଳ ମିଳିବନି ତ' ରୋଷେଇ ପତ୍ର ବନ୍ଦ ହୋଇଯିବ।

ବାସନ ମାଜିବାକୁ ସୁବିଧା ହେବ ବୋଲି ମାଙ୍କଡ଼ା ପଥର ଦି ପୁଞ୍ଜା ପକେଇ ଗୋଟିଏ ଜାଗା କରାଯାଇଛି। କାଳୀ ଦୀର୍ଘଶ୍ୱାସଟିଏ ନେଇ ସେ ଆଡ଼କୁ ଚାହିଁଲା। ଅନ୍ୟ ଦିନ ହେଇଥିଲେ ଜାଗାଟା ପାଣି ପଚପଚ ହେଇ ଚଳଚଞ୍ଚଳ ଥାଆନ୍ତା। ମାତ୍ର ଆଜି ସେଇ ଅରାକ ସୂର୍ଯ୍ୟଙ୍କ ଖରାତେଜରେ ବିବାକ୍ ଶୁଖିଲା ପଡ଼ିଥିଲା।

ସେ ହାରିଯିବାର ସ୍ତ୍ରୀ ଲୋକ ନୁହେଁ। କୁଆଡୁ କିଛି ନପାଇ ସେ ଘରେ ବସି ଯାଇନଥିଲା। ବଡ଼ ସୁନାଖେଳା ବେପାରୀଙ୍କଠୁଁ ଶୁଖୁଆ ଦି ଝୁଡ଼ି ଆଣି ଷ୍ଟାଡିୟମ୍ ସାମ୍ନାରେ ପସରା ପକେଇଥିଲା। ମାତ୍ର ଆଜି ପୂର୍ଣ୍ଣମୀ, କାଲି ସଂକ୍ରାନ୍ତି, ପହରଦିନ ନବମୀ, ଦୋକାନ ଉଠା - କହି ପାଟିଲା ଗାମୁଛା ବାଲାଏ ବହୁତ ହଇରାଣ ହରକତ କଲେ। ବଟି ମାଗିଲେ। ନାଲି ଆଖି ଦେଖେଇଲେ।

ଦୀର୍ଘଶ୍ୱାସଟିଏ ନେଇ କାଳୀ ଏବେ ନିଜ ଚାରିପାଖକୁ ଚାହିଁଲା। ଖରାଦିନର ସୂର୍ଯ୍ୟଙ୍କ ପ୍ରଖର କିରଣ। ତା'ସାଙ୍ଗକୁ ବହୁତ ଦିନରୁ ବର୍ଷାର ଚିହ୍ନବର୍ଣ୍ଣ ନାହିଁ। ତେଣୁ ଗଛ ପତ୍ର ସବୁ ଧୂଳିମାଡ଼ ଖାଇ ମଳିନ, ଧୂସର ଆଉ ଝୋଲା ମାରିବା ପରି ଦିଶୁଥିଲେ। ଯଦିଓ ରାଧାଚୂଡ଼ା ଗଛମାନଙ୍କରେ ଫୁଲ ଭର୍ତ୍ତି ହେଇଥିଲା। ମାତ୍ର ସେମାନେ ବି ଏ ଖରା ଧାସ, ଧଳି ଧୂଆଁକୁ ଆଉ କେତେ ସହିବେ। କେବଳ ଫୁଟିବାକୁ ହବ ବୋଲି ବାଧ୍ୟ ହେଇ ଫୁଟିଥିଲେ।

କାଳୀକୁ ପ୍ରବଳ ଭୋକ ହଉଥିଲା। ଖଟିଲେ ଖାଇବା ମଣିଷ ସିଏ। ଯେହେତୁ ହାତରେ କାମ ନାହିଁ ତେଣୁ ସେ କେତେଦିନ ହେଲାଣି ଠିକ୍‌ରେ ଗଣ୍ଡିଏ ଖାଇବାକୁ ପାଇନି। ସତ କହିଲେ, ଗଲା ଦି ଦିନ ହେଲା ତା' ପାଖରେ ପାଟିରେ ଦବାକୁ କିଛି ହେଲେ କିଛି ନାହିଁ।

: ଯୁଦ୍ଧ କେବେ ସରିବ?

ସେଠି ଅଳ୍ପ ଦୂରରେ ଚାଳିଆ ତଳେ କଠଉ ଆଣ୍ଠୁ ଯୋଡ଼ିକ ଯାକି ବସି ବିଡ଼ି ଟାଣୁଥିଲା। କାଳୀ ତାକୁ ଚାହିଁ ପଚାରିଲା।

: କେଜାଣି ତା' କିଏ କହିବ! ବଡ଼ ବଡ଼ିଆ ନେତାଙ୍କ କଥା। ସେଇମାନେ ଜାଣି ଥିବେ।

ଭୋକ ଗୋଟିଏ ଏମିତି ଚିଜ ଯୋଉଥିପାଇଁ ତମକୁ ହାଇପୋଗ୍ଲାଇସିମିଆ ଗ୍ରାସିବାକୁ ବେଶି ବେଳ ଲାଗେ ନାହିଁ। ମୁଣ୍ଡକୁ ପିତ୍ତ ଚଢ଼ିଯାଏ। ଆଉ ସେଇଟା ବିଷ ଚରିଯିବା ଭଳି କାମ କରିବାକୁ ଲାଗେ। ସତେ ଯେମିତି ଏ ସଂସାର, ମଣିଷ, ଈଶ୍ୱର, ଭାଗ୍ୟ ପ୍ରତି ତମ ମନରୁ କରୁଣାର ଚିହ୍ନବର୍ଣ୍ଣ ଲୋପ ପାଇଯାଉଚି। ସେହିପରି ଗରଳ ଉଗାଳିବା ପରି କେତୋଟି ନିର୍ଦ୍ଦୟ ଶବ୍ଦ ତମ କଣ୍ଠ ବାଟ ଦେଇ ବାହାରି ଯାଆନ୍ତି।

-କୋଉ ବଡ଼ବଡ଼ିଆ, କୋଉ ନେତା ! ଗରିବଙ୍କ ପେଟକଟା; ତମକୁ ଚିଲ, ଶାଗୁଣା ଝୁଣିବେ। କୁକୁର, ବିଲୁଆ ଟାଣିବେ। ବଡ଼ ରୋଗିଆ; ତମେ ଅକାଳରେ ଯମ ମୁହଁରେ ପଡ଼ିବ। ତମକୁ ଧର୍ମ ସହିବ ନାହିଁ।

ଭାଗ୍ୟ ଆଦରି ଜୀବନ ବାହିବା ମଣିଷ ସିଏ, କାଳୀ ! କେବେ କାହାରି ଅନିଷ୍ଟ ପାଞ୍ଚି ଚାରିପଦ କହିବା ତାକୁ କେହି ଦେଖିନି। ଅଥଚ ଆଜି ଏମାନେ କୋଉଠି ଥିଲେ। ତା' ପାଟିରୁ ଶବ୍ଦ ହେଇ ବାହାରିଗଲେ!! ସେ ଆଶ୍ଚର୍ଯ୍ୟ ହେଲା।

କିନ୍ତୁ ରାଧାଚୂଡ଼ା ଗଛରେ ଭର୍ତ୍ତି ହୋଇଥିବା ହଳଦିଆ ରଙ୍ଗର ଫୁଲମାନେ ଏବେ କେମିତି ଟିକିଏ, ଅଧିକା ପ୍ରଫୁଲ୍ଲ ଦିଶିଲେ। ସେଇ ଖରା, ସେଇ ଧୂଳି ଧୂଆଁ କିନ୍ତୁ ସେମାନେ ହସନ୍ତ ଲାଗୁଥିଲେ। ବୋଧହୁଏ କଥାଟା ତାଙ୍କ ମନକୁ ପାଇଥିଲା। ■

ଜଗନ୍ନାଥ ସାହି
ଇନ୍ଦିରା ଗାନ୍ଧୀ ମହିଳା କଲେଜ ପାଖ
ଚାନ୍ଦିନୀ ଚୌକ କଟକ-୨
ମୋ: ୯୪୩୭୬୦୪୨୮୦

## ପୁସ୍ତକ ପରିଚୟ

### ନଈର ଏକୂଳ ସେକୂଳ

ପ୍ରଦ୍ୟୁମ୍ନ ପଟ୍ଟନାୟକ




ପକ୍ଷୀଘର ପ୍ରକାଶନୀ
ମଧୁସୂଦନ ନଗର, ଭୁବନେଶ୍ୱର-୦୧
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୯୫ ଟଙ୍କା

ମଣିଷ ଜୀବନ ବେଶ୍ ବୈଚିତ୍ର୍ୟମୟ। ବହୁ ସଂଘର୍ଷମୟ ଜୀବନର ଚଲାପଥ। ତଥାପି ଜୀବନ ଜୀଇଁବାରେ ଅଛି ଆନନ୍ଦ। ଏମିତି ଜୀବନର କିଛି ସୁଖ, ଦୁଃଖ, ଆନନ୍ଦ, ବିଷାଦ, ପ୍ରେମ, ଆଶା, ନିରାଶାକୁ ନେଇ ଗତିଶୀଳ ହୋଇଛି ପ୍ରଦ୍ୟୁମ୍ନ ପଟ୍ଟନାୟକଙ୍କ 'ନଈର ଏକୂଳ ସେକୂଳ' ପୁସ୍ତକର ଗପଗୁଡ଼ିକ। ଏହି ପୁସ୍ତକରେ ମୋଟ ୧୭ଟି ଭିନ୍ନ ସ୍ୱାଦର ଗଳ୍ପ ସଂକଳିତ ହୋଇଛି। ପ୍ରତିଟି ଗପରେ ଭରି ରହିଛି ଜୀବନମୟତା। ନିରୁପାୟ, ଆଖି, ନିରବ କଳରବ, ବିଡ଼ମ୍ବିତ ମାତୃତ୍ୱ, ମରୀଚିକା, ମଲାନଈ, ସନ୍ତାନ, ଅଫଳନ୍ତି ଗଛ, ସୁଖସ୍ୱପ୍ନ, ଅସତ ଧନ, ମାଷ୍ଟ୍ରାଣୀ, ଗେଷ୍ଟ ହାଉସ୍, ବୟସ, ଲିଭ୍-ଇନ୍ ରିଲେସନ୍, ନଈର ଏକୂଳ ସେକୂଳ ଆଦି ଗପଗୁଡ଼ିକରେ ମାନବୀୟ ଭାବାବେଗ, ପାରିବାରିକ ସମ୍ପର୍କ, ସାଂପ୍ରତିକ ସମାଜର ବାସ୍ତବ ଚିତ୍ର, ମଣିଷ ଜୀବନର ନାନା ସମସ୍ୟା ଓ ସଂଘର୍ଷ କଥା ବର୍ଣ୍ଣିତ ହୋଇଛି। 'ବିଡ଼ମ୍ବିତ ମାତୃତ୍ୱ' ଏକ ହୃଦୟସ୍ପର୍ଶୀ ଗପ। ଏହି ଗପରେ ମାତୃ ହୃଦୟର ସ୍ପନ୍ଦନକୁ ନିବିଡ଼ ଭାବେ ଅନୁଭବ କରିହୁଏ। ସେହିପରି 'ଅଫଳନ୍ତି ଗଛ' ମଧ୍ୟ ଏକ ମାର୍ମିକ ଗପ। ଏହି ଗପରେ ମଧ୍ୟ ଗାଳ୍ପିକ ମା' ହେବାର ଦୁର୍ବାର ଆକାଂକ୍ଷା ଓ ଚରମ ଆନନ୍ଦକୁ ଚମତ୍କାର ଭାବେ ଗାଳ୍ପିକ ପ୍ରସ୍ଫୁଟିତ କରିଛନ୍ତି। 'ନଈର ଏକୂଳ ସେକୂଳ'ର ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

### ବୁଲିଥିଲି ଭୁଲି ନାହିଁ

ଗୋପାଳ ଚନ୍ଦ୍ର ମିଶ୍ର




ଶିଳାଶ୍ରୀ ପବ୍ଲିକେଶନ
ଭୀମ ଟାଙ୍ଗୀ, ଭୁବନେଶ୍ୱର-୨
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୨୫୦ ଟଙ୍କା

ଅନେକ ଭ୍ରମଣପ୍ରିୟ ବ୍ୟକ୍ତି ଅଛନ୍ତି। ଯେଉଁମାନେ ବିଭିନ୍ନ ଦେଶ ଭ୍ରମଣ କରି ସେଠାକାର ପ୍ରାକୃତିକ ପରିବେଶ, ଦର୍ଶନୀୟ ସ୍ଥାନର ଅପୂର୍ବ ସୌନ୍ଦର୍ଯ୍ୟକୁ ମନ ଭରି ଉପଭୋଗ କରିଥାନ୍ତି। ପରବର୍ତ୍ତୀ ସମୟରେ ସେଇ ଭ୍ରମଣ ଅନୁଭୂତିକୁ ପୁସ୍ତକ ଆକାରରେ ପ୍ରକାଶ କରିଥାନ୍ତି। ଏହି କ୍ରମରେ ପ୍ରକାଶ ପାଇଛି ଗୋପାଳ ଚନ୍ଦ୍ର ମିଶ୍ରଙ୍କ 'ବୁଲିଥିଲି ଭୁଲି ନାହିଁ' ଭ୍ରମଣ କାହାଣୀ ପୁସ୍ତକ। ଲେଖକ ଶ୍ରୀଯୁକ୍ତ ମିଶ୍ର ୨୦୧୭ ରୁ ୨୦୨୫ ମସିହା ମଧ୍ୟରେ ସିଙ୍ଗାପୁର, ମାଲେସିଆ, ଭୁଟାନ, ଦୁବାଇ, ଥାଇଲାଣ୍ଡ, ଇଣ୍ଡୋନେସିଆ ଆଦି ବିଭିନ୍ନ ଦେଶ ଭ୍ରମଣ କରି ବେଶ୍ ଆନନ୍ଦ ଅନୁଭବ କରିଛନ୍ତି। ସେଇ ଭ୍ରମଣ ଅନୁଭୂତିକୁ ଅତି ଚମତ୍କାର ଭାବେ ସେ ବର୍ଣ୍ଣନା କରିଛନ୍ତି 'ବୁଲିଥିଲି ଭୁଲି ନାହିଁ' ପୁସ୍ତକରେ। ଲେଖକ ଯେଉଁ ଯେଉଁ ଦେଶ ବୁଲିଛନ୍ତି, ସେଇ ଦେଶଗୁଡ଼ିକର ନିୟମ କାନୁନ, ଖାଦ୍ୟପେୟ, ଚାଲିଚଳଣି, ପରମ୍ପରା, ଦର୍ଶନୀୟ ସ୍ଥାନ, ପ୍ରାକୃତିକ ପରିବେଶ, ଐତିହାସିକ କୀର୍ତ୍ତିରାଜି ଆଦି ସଂପର୍କରେ ଏହି ଭ୍ରମଣ ସ୍ମୃତି ଆଲେଖ୍ୟରେ ପ୍ରକାଶ କରିଛନ୍ତି। ଏହି ପୁସ୍ତକଟି କେବଳ ବିବରଣୀ ନୁହେଁ, ନିଜ ହୃଦୟର ବିପୁଳ ଆବେଗ ଦେଇ ଲେଖକ ବିଦେଶ ଭ୍ରମଣର ସୁଖଦ ଅନୁଭୂତିକୁ ଖୁବ୍ ଚମତ୍କାର ଭାବେ ଲିପିବଦ୍ଧ କରିଛନ୍ତି। ଅନ୍ୟଦେଶର କଳା, ସଂସ୍କୃତି, ପର୍ଯ୍ୟଟନ, ଚାଲିଚଳଣି ସଂପର୍କରେ ଲେଖକ ଅତି ମାର୍ମିକ ଭାବେ ବର୍ଣ୍ଣନା କରିଛନ୍ତି। ଓଡ଼ିଆ ଭ୍ରମଣ କାହାଣୀ ସାହିତ୍ୟ ଜଗତରେ 'ବୁଲିଥିଲି ଭୁଲି ନାହିଁ' ପୁସ୍ତକଟି ଏକ ନୂତନ ସଂଯୋଜନ ହୋଇରହିବ ନିଶ୍ଚୟ। ■

# ବାପାଲୋ



ଜୟନ୍ତୀ ରଥ

ପିଣ୍ଡାରେ ଖଟ ଉପରେ
ଶୋଇଥିଲେ ବାପପୁଅ
ତଳେ ଶୋଇଥିଲା ମାଆ
ଅଧରାତିରେ ପୁଅ କହିଲା
ବାପାଲୋ ମୋତେ କ'ଣ ଗୋଟେ
କାମୁଡ଼ି ଦେଲା
ତୁନି ହୋଇ ଶୋଇପଡ଼
ମଶାଗୁଡ଼ା ଭାରି ଉତ୍ପାତିଆ ହେଲେଣି

ବାପା ନିଦ ମଳ ମଳ
ଆଖିରେ ଉଠି
ଚାଦରଟା ଢାଙ୍କି ଦେଲା
ପୁଅ ଦେହରେ

ବଡ଼ି ଭୋଅରୁ
ମାଆ ରାହା ଧରି କାନ୍ଦୁଥିଲା
କୁଆଡ଼େ ଗଲୁରେ
ମୋ ଧନ
ମୁଁ ପୋଡ଼ାମୁହଁ
ମୋତେ ବି କାଳ ନିଦ ଘାରିଲା
ମୁଁ ନ ମଲି କିଆଁ
ତା' କାନ୍ଦରେ

ବାପର ନିଦ ଭାଙ୍ଗିଲା
ପୁଅର ପ୍ରାଣହୀନ ଦେହ ଉପରେ
ହାତ ବୁଲେଇ
ସେ ଖୋଜୁଥିଲା
କାମୁଡ଼ା ଦାଗ।

ମୁଁ ଜାଣେ
ପୃଥିବୀର ବଡ଼ ବଡ଼ ଦୁଃଖର ତାଲିକାରେ
ଏଇ ଦୁଃଖ ଦେଖା ଯିବନି
ଥରେ ଥରେ
ନିଦ ନ ହେଉଥିବା ରାତିରେ
ମୋତେ ଶୁଣାଯାଏ।
ଗୋଟେ କଅଁଳ କରୁଣ ସ୍ୱର
ବାପାଲୋ...
ମୁଁ ନିରବରେ ଆଖି ବୁଜି ଦିଏ। ■

ଭୁବନେଶ୍ୱର
ମୋ: ୮୮୯୫୬୭୧୭୯୫୬



# ନିଦାରୁଣ ଖରା



ପିନାକୀ ମିଶ୍ର

ଫଟାଭୂଇଁ, ତପ୍ତବସୁଧା
ଝାଞ୍ଜିରେ ଜୀବନ ବେହାଲ୍,
ଗଛ ଦେଇପାରୁନି ଛାଇସାନ୍ତ୍ୱନା
ଆଖି ତରାଟୁଛି - ଡହକ ଖରାର କୋପ ।

ନଈରେ ପାଣିନାହିଁ
ପଶୁପକ୍ଷୀ ଡହଳବିକଳ
ଚୂଆପାଣି କହିବ ନଈର ଗୁମର
ଚାଲିଛି ବାଲିବୁହା, ଗଡୁଛି ବୋତଲ,
କାହିଁ ଜହ୍ନ ଗାଧୁଆ, ସଂଜ କୁଆଁରୀ ଖେଳ ?

ନିଦାରୁଣ ନିଆଁତାତି
ଖଟୁଆ ମେହେନତି
ଆହାପଦେ ପାଇବୁନି କାହାଠୁ
ପେଟର କୁହାଟ ଖରାଠୁ ବେଶୀ ନାଟ କରେ ।

ମୁହଁପୋତି କୁଆଡ଼େ ଯାଉଛୁ ମାଧବୀ ?
ସୁକୋମଳ ତନୁ ଝାଇଁ ମାରିନେବ,
ଘରେ କି ବସିପାରୁନୁ ନୀରବରେ !
ରାସ୍ତାରେ ଯେ' କେହିନାହିଁ
ଖରା ରୋକି ପାରେନି ପ୍ରେମର ମହୁଆଡ଼ାକ ।

ମେଘ ବସିଛି
ମାମୁଁଘର ତାଳଗଛ ଡାଳରେ,
କେବେ ଆସିବ କେଜାଣି ?

ଉପରବାୟୁ ଟେକୁଛି ଜେଜେଙ୍କୁ
ଆକାଶ ଧୂସର, ମାଟି ମଉନ, ନାହିଁ ପକ୍ଷୀଉଡ଼ାଣ ,
ଲୋଭର ନିଆଁ
ମଣିଷକୁ ଅଧା ଜାଳି ସାରିଲାଣି ।

ଖରା ଦେଖେ ବିଧବାକପାଳ
ମୁକଦିଅଁଙ୍କ ପଥର ଦେଉଳ
ବନବାସୀର ବଧିଆପିଠି
ଦୁଃଖିନୀମାଆର ଟ୍ରଙ୍କ ସାଇତାଚିଠି,
ସମୁଦ୍ର ଶୁଖି ଯାଏନା
ଛାତି ଫୁଟୁଥାଏ ତତଲାବାଲି ପରି,
ରାତିପାହେ କିନ୍ତୁ ଦୁଃଖଦୋହା ସରେନା । ■

'ଶୂନ୍ୟନୀଳ'
ଚର୍ଚ୍ଚ ପାଖ, ଜେଲ୍ ରୋଡ୍, କେନ୍ଦୁଝର
ମୋ: ୯୪୩୮୧୧୮୩୯୭

ମୁଁ କାହିଁକି ଲେଖେ

# "କବିତା ରଚନାର ପ୍ରେରଣା କାହିଁକି, କେମିତି, କେଉଁଠୁ ଆସେ ଜାଣେନା"



ପ୍ରଦୀପ କୁମାର ପଣ୍ଡା

'ମୁଁ କାହିଁକି କବିତା ଲେଖେ ପ୍ରଶ୍ନର ସରଳତମ ଉତ୍ତର ବୋଧହୁଏ ଏହା ଯେ ସର୍ଜନ ପ୍ରେରଣା ଆସେ ବୋଲି ମୁଁ ଲେଖେ। କିନ୍ତୁ ଏ ଉତ୍ତରର ଜଟିଳତମ ପ୍ରତିପ୍ରଶ୍ନ ହେଉଛି ପ୍ରେରଣା କାହିଁକି ଆସେ, କେଉଁଠୁ ଆସେ ଓ କେମିତି ଆସେ ? ପୁଣି ପ୍ରତିପ୍ରଶ୍ନ ଏହା ବି ହୋଇପାରେ କି ପ୍ରେରଣା ଆପଣାର ଭିତରୁ ଆସେ ନା' ବାହାର ଜଗତରୁ ଆସେ ?

ପ୍ରଶ୍ନ ପରେ ପ୍ରଶ୍ନ, ପ୍ରତିପ୍ରଶ୍ନର ପାହାଚ ଥାକଥାକ ଗଢ଼ିହୁଏ ଅପହଞ୍ଚ ଉତ୍ତର ଆଡ଼କୁ। ପ୍ରେରଣା କିନ୍ତୁ ଆସେ, ଜଗତର ପ୍ରତ୍ୟେକ ଚେତନଶୀଳ ପ୍ରାଣୀର ପାଖକୁ। କିଏ ଲେଖେ, କିଏ ଆଙ୍କେ, କିଏ ନିହଣ ଧରି ତୁଚ୍ଛା ଠୁକୁର୍ ଠାକୁର୍ କରୁଥାଏ, କାଳେ ଛାଏଁ ଗଢ଼ି ହୋଇଯିବ ଅଧାଗଢ଼ା ଦିଅଁଟିଏ।

ମୁଁ ଏବେ କରିବି କ'ଣ; ସେ ଅପହଞ୍ଚ ପାହାଚ ଚଢ଼ିବି ନା ପାହାଚ ତଳେ ଅପେକ୍ଷା କରିରହିବି ପ୍ରେରଣାଗୁଡ଼ିକର ଓହ୍ଲାଣ ପାଇଁ ?

ଗୋଟିଏ ନଈ ଅଛି, ଅଦୃଶ୍ୟ। ଶୁଖିଲା, କୂଳହୀନ। ଭିଜାଏ ସଭିଙ୍କୁ, ପହଁରାଏ, ଉବୁଟୁବୁ କରେ। ଭସାଇନିଏ।

ଗୋଟିଏ ବଂଶୀ ଅଛି, ସେ ବି ଅଦୃଶ୍ୟ। ତା' ନିଜର ସ୍ୱର ବୋଲି କିଛି ନାହିଁ। ଶୁଖିଲା ପତ୍ରଟିଏ ପଡୁଛି ଯେମିତି ମାଟିରେ ହଲିଝୁଲି କେଉଁ ପ୍ରାଚୀନ କାଳରୁ। ମାତାଲ୍ ବଧିର ଲୋକମାନେ ଧାଉଁଛନ୍ତି ତାକୁ ଶୁଣିବାକୁ।

ଫୁଲଟିଏ ଫୁଟିଛି କାହାର ଆତ୍ମାରେ। ନିଶ୍ୱାଖୁଡ଼ା, ମହକହୀନ ଓ ତା' ବି ଅଦୃଶ୍ୟ। କାହିଁ କେତେ ଦୂରରେ, ଲିଭି ଯାଇଥିବା ରଙ୍ଗରେ ଆଲୋକିତ କରୁଛି ପୃଥିବୀକୁ, ପୋଡ଼ିଯାଉଛି ଆଖି।

ଗୋଟିଏ ମାତ୍ର ଧଳାପର ଅଛି ସେ ଡାମରା କାଉର। ସୂର୍ଯ୍ୟକିରଣ ଛୁଇଁ ପାରେନା ତାକୁ, କାରଣ ସେ ଅଦୃଶ୍ୟ। ଝରପାଣିରେ ଗାଧାଏ, କରେ ନାହିଁ କାଳାପ, ଉଡ଼ିଯାଏ। ଜଣେ କେହି ଦେଖିଛି ସେଇ ଧଳା ପରକୁ ଡେଣାହୀନ ତା'ର କଙ୍କାଳରେ। ସେ ଜଣକ ହୁଏତ ଅନ୍ଧ।

ଲେଖା ହୋଇନଥିବା ଏକ କବିତା ଅଛି। ଆଲୋକ ଆଲୋକ ବର୍ଷ ଦୂରରେ, କେଉଁ ଏକ ଅନଭମଣ୍ଡଳରେ ସୂର୍ଯ୍ୟର ଛାଇ ପରି ତା'ର କାରୁ। ପୋଡ଼ି ସାରିଥିବା କୋଇଲା, ଚମଡ଼ାଗନ୍ଧ, ପଲକ ନଥିବା ଆଖି, ଶୂନ୍ୟ ଯୂପରେ ଉଞ୍ଚେଇ ହୋଇଥିବା କୁରାଢ଼ି, ପଥହୀନ ନିକାଞ୍ଚନରେ ଅଭଙ୍ଗା ଏକ ଟିକେଟ ଘର, ଆଗକୁ ଯିବାକୁ। ନିଃଶ୍ୱାସରେ ଯା'ର ଜଳେ ଛାତିର ଭାତି, ରୁଗୁରୁଗୁ, ଅହରହ। ମୋ ଭିତରର ସେ ନଈ, ସେ ବଂଶୀ, ସେ ଫୁଲ, ସେ କାଉ, ସେ ଅଲେଖା କବିତାଟି ହୁଏତ ପ୍ରେରଣା ଯିଏ ମତେ କଲମ ଧରାଇ ଶ୍ରୁତଲିଖନ ଡାକେ କବିତାର।

ନିଜ ଭାଗ୍ୟ ନେଇ ଆସେ କବିତା। ଆସେ ମୋର କପାଳରେ। କବିତା ବଡ଼ ଅହଂକାରୀ। କାହାରି ବିବେଚନା, କାହାରି ଶୃଂଖଳ, ଫିଟା ଅର୍ଗଳ, ପରସ୍ପର ଠେଲାପେଲା ହୋଇ ଅଣନିଶ୍ୱାସୀ ଧାଉଁଥିବା ଲୋକମାନଙ୍କର ଛାଟକାଟ ଚିରାୟତ ବାଟକୁ ଆଡ଼ ଆଖିରେ ସେ ଅନାଏନା।

ନିଜ ଅହଂକାରର କୋଦାଳରେ ନିଜ ଶରୀରକୁ ସେ ଖୋଦେ, ରକ୍ତ ଉପୁଜାଏ ଓ ନିଜର ଶୋଷ ମେଣ୍ଟାଏ। କବିତା ଏକାନ୍ତ ଆତ୍ମପ୍ରବଣ, ନିଜ ସୌନ୍ଦର୍ଯ୍ୟରେ ଉଲ୍ଲସିତ ନାର୍ସିସସ୍। ଇତିହାସ ପ୍ରତି ତା'ର ଯେତିକି ଆବେଗ, ସଂପ୍ରତି ପ୍ରତି ସେ ସେତିକି ବାବଦୂକ। ସେ ଯେତେବେଳେ ଆସେ ମୁଁ ସ୍ୱଇଚ୍ଛାରେ ତୋଳିବସେ ଏକ ନିଆଁର ନୀଡ଼, ଲାଗେ ପୃଥିବୀ ବ୍ରହ୍ମାଣ୍ଡ ମୃତ୍ୟୁ ଜନ୍ମ ସ୍ମୃତି ଇତିହାସ ଶୂନ୍ୟ ଶୂନ୍ୟ ନିରବ ନିରବ କଳା ଗର୍ତ୍ତ ସମୂହର ରହସ୍ୟ ଫେଇବାରେ ମୁଁ ମଗ୍ନ ଅଛି, ମୁଁ ଅନୁପସ୍ଥିତ ଅଛି। ମୋର ଭୋକ ପସରାଏ ତା'ର କୋଳ ମତେ ଗେଲ କରେ, ତା'ର ବୋକ ଖାଇ ଖାଇ ପୂରିଯାଏ ମୋର ଉଦର। କେହି ମୋତେ ବିଶ୍ୱାସ କର ବା ନକର ଅଥବା କର ମତେ ଈର୍ଷା, ମୋର ନିଜ ଘରପୋଡ଼ିର ନିଆଁ ପୋଉଁ ପୋଉଁ କେତେ କେତେ କବିତାର ବୀଜ ମୁଁ ଅଙ୍କୁରାଇଛି। ମୁଁ ଭାବିଛି, ମୁଁ ଯାହାକୁ ଛୁଉଁଛି ସେ ପାଆଁଳି ଯାଉଛି। ସେ ମରଣ ଜ୍ୱାଳାରେ ଛଟପଟ ଜୀବନ ଜିଉଁଛି। ଚାହିଁ ଦେଲେ ରକ୍ତ ଅଥବା ବରଫ ପାଲଟି ଯାଉଛି ସୂର୍ଯ୍ୟ, ବୋକା ବୋକା ତାରା ଓ ଏକୋଇର ବେହିଆ ଜହ୍ନକୁ ପୂରାଇ ଅଣ୍ଟିରେ ମୁଁ ସ୍ୱପ୍ନ ଦେଖୁଛି। ମତେ ଲାଗେ, ଏଇ ନିକଟରେ, ନିପଟ ସଇତାନ ବସ୍ତିରେ ମୋର ଘର ଓ ମୋର କହିବାକୁ ଇଚ୍ଛାହୁଏ ଦୂର୍ ହଟ ଦୂର୍ ହଟ ଇନ୍ଦ୍ରୀହୀନ ଈଶ୍ୱର, ହଟିଯାଅ କାମାସକ୍ତ ଦେବତାମାନେ, ଭାଗ ପଳାଅ ସୁରମ୍ୟା ଦେବୀମାନେ, ମୁଁ ଏବେ ହୁଏତ କେଉଁ କୁତ୍ସିତ ଅସୁରୁଣୀ ସହ ମୈଥୁନରେ ମତ୍ତ ଅଛି।

ସତ କହୁଛି କବିତା ବା କବିତାର ସେ ପ୍ରେରଣା କାହିଁକି ଆସେ, କେମିତି ଆସେ, କେଉଁଠୁ ଆସେ ମୁଁ ଜାଣେନା। କିନ୍ତୁ ଯେତେବେଳେ ଆସେ, ଶୁଖିଲା ଭୂଇଁରେ, ଧୁ ଧୁ ଖରାରେ ମୁଣ୍ଡ ଟେକି ଠିଆ ହୋଇଥିବା ପୋଢ଼ର ପିଠିରେ ବଗଟିଏ ପରି ଗ୍ରୀବା ଟେକି ଆକାଶ ଓ ତା' ପରର ଆକାଶ ଗଣିବାର ସ୍ପର୍ଦ୍ଧାରେ ମୁଁ ହାଁ ଠିଆ ହୋଇଥାଏ। ■

ବୃନ୍ଦାବନ ବିହାର, ସରଳା
ପୋ. ଧନକଉଡ଼ା
ସମ୍ବଲପୁର-୭୬୮୦୦୬
ମୋ: ୯୪୩୭୧୪୮୭୦୯

# ପୁଣି ଚାକିରିରେ ଯୋଗ ଦେଲେ ଆଇଏଏସ ଧିମାନ ଚକମା

■ ଗତ ବର୍ଷ ଜୁନରେ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଇ ଜେଲ ଯାଇଥିଲେ

■ ହାଇକୋର୍ଟରୁ ମିଳିଥିଲା ଜାମିନ



ଭୁବନେଶ୍ୱର, ୬।୬ (ସମିସ): ଲାଞ୍ଚ ନେବା ଅଭିଯୋଗରେ ଗିରଫ ସହ ନିଲମ୍ବିତ ହୋଇଥିବା ୨୦୨୧ ମସିହା ବ୍ୟାଚର ଆଇଏଏସ ଅଧିକାରୀ ଧିମାନ ଚକମା ପୁଣିଥରେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ରାଜସ୍ୱ ବିଭାଗର ଉପ ସଚିବ ଭାବେ ତାଙ୍କୁ ନିଯୁକ୍ତି ଦିଆଯାଇଛି।ଗତ ବର୍ଷ ଜୁନ ୯ ତାରିଖରେ ଏହି ଆଇଏଏସ ଅଧିକାରୀ ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। କଳାହାଣ୍ଡି ଜିଲ୍ଲା ଧର୍ମଗଡର ସବ କଲେକ୍ଟର ଥିବା ବେଳେ ତାଙ୍କ ସରକାରୀ ବାସଭବନରେ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରା ପଡିଥିଲେ। ଏପରିକି ସର୍ଚ୍ଚ ବେଳେ ତାଙ୍କ ଘରୁ ୪୭ ଲକ୍ଷ ଟଙ୍କାର କ୍ୟାସ ବି ଜବତ ହୋଇଥିଲା। ଭିଜିଲାନ୍ସ ହାତରେ ଗିରଫ ହେବା ପରେ ତାଙ୍କୁ ଚାକିରିରୁ ନିଲମ୍ବିତ କରିଥିଲେ ରାଜ୍ୟ ସରକାର। ଏପରିକି କିଛି ଦିନ ଜେଲରେ ରହିବା ପରେ ତାଙ୍କୁ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ୍ ମିଳିଥିଲା । ତେବେ ଏବେ ପୁଣି ସେ ଚାକିରିରେ ଯୋଗ ଦେଇଛନ୍ତି। ରାଜସ୍ୱ ବିଭାଗରେ ଉପ ସଚିବ ଭାବେ ତାଙ୍କୁ ମେ ମାସ ୨୧ ତାରିଖରେ ନିଯୁକ୍ତି ମିଳିବା ପରେ ଏବେ ସେ କାର୍ଯ୍ୟରେ ଯୋଗ ଦେଇଥିବା ଜଣାପଡ଼ିଛି। ଅପରପକ୍ଷେ ଶ୍ରୀ ଚାକମାଙ୍କ ନିଯୁକ୍ତିକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗିରଫଦାରୀ ଏବଂ ଜେଲକୁ ମାତ୍ର ବର୍ଷଟେ ନପୁରୁଣୁ ସରକାର ତାଙ୍କୁ ପୁନଃ ନିଯୁକ୍ତି ପ୍ରଦାନ କରିବାକୁ ନେଇ ବିଭିନ୍ନ ମହଲରେ ଆଶ୍ଚର୍ଯ୍ୟ ପ୍ରକାଶ ପାଇଛି।

# ଛାତ୍ରଛାତ୍ରୀଙ୍କ ପ୍ରଯୁକ୍ତିବିଦ୍ୟା ଦକ୍ଷତା ବୃଦ୍ଧି କରିବ ମାଇଁ ଭାରତ ପୋର୍ଟାଲ

ଭୁବନେଶ୍ୱର, ୬।୬ (ସମିସ): ଉଚ୍ଚ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ପ୍ରଯୁକ୍ତିବିଦ୍ୟା ସହ ସେମାନଙ୍କ ଦକ୍ଷତା ବୃଦ୍ଧି କରିବା ପାଇଁ ଗୋଟିଏ ପ୍ଲାଟଫର୍ମରେ ଏକତ୍ର କରାଯିବ। ଏଥିପାଇଁ ମାଇଁ ଭାରତ (ମେରା ଯୁବ ଭାରତ) ପୋର୍ଟାଲରେ ଛାତ୍ରଛାତ୍ରୀଙ୍କ ନାମ ପଞ୍ଜିକରଣ ବୃଦ୍ଧି କରିବା ପାଇଁ ସ୍ୱତନ୍ତ୍ର ମିଶନ ମୋଡ୍‌ରେ ଅଭିଯାନ ଚଳାଇବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ସରକାରୀ, ଅନୁଦାନପ୍ରାପ୍ତ ଓ ବେସରକାରୀ ଡିଗ୍ରୀ କଲେଜ ଏବଂ ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପ୍ରତିଷ୍ଠିତ ଏହି ପ୍ରଯୁକ୍ତିଭିତ୍ତିକ ଜାତୀୟ ପ୍ଲାଟଫର୍ମରେ ଯୁବପିଢ଼ିଙ୍କୁ ଯୋଡ଼ାଯିବ। ନିଜର କୌଶଳ ବିକାଶ ସହ ଦେଶର ବିକାଶମୂଳକ କାର୍ଯ୍ୟରେ ସିଧାସଳଖ ଭାବେ ଭାଗ ନେଇପାରିବେ। ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି ଯେ 'ମାଇ ଭାରତ ପୋର୍ଟାଲ'ରେ ଅଧିକରୁ ଅଧିକ ଛାତ୍ରଛାତ୍ରୀଙ୍କୁ ପଞ୍ଜୀକୃତ କରିବା ପାଇଁ ସଚେତନତା କାର୍ଯ୍ୟକ୍ରମ, ପଞ୍ଜୀକରଣ ଶିବିର, କର୍ମଶାଳା ଓ ସାମାଜିକ ଗଣମାଧ୍ୟମ ଅଭିଯାନ ଆୟୋଜନ କରାଯିବ। ବିଶେଷକରି ଏନ୍‌ଏସ୍‌ଏସ୍, ଏନ୍‌ସିସି, ୟୁଥ ରେଡକ୍ରସ୍, ରୋଭର୍ସ ଓ ରେଞ୍ଜର୍ସ ସମେତ ବିଭିନ୍ନ ଛାତ୍ର ସଂଗଠନର ସଦସ୍ୟଙ୍କ ନାମ ପଞ୍ଜୀକରଣକୁ ଗୁରୁତ୍ୱ ଦିଆଯିବ। ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ଜଣେ ନୋଡାଲ ଅଫିସର୍ ନିଯୁକ୍ତ କରି ପ୍ରଗତି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଅବଶିଷ୍ଟାଂଶ

## କ୍ରିକେଟ ଜଗତର...

ଦୃଷ୍ଟି ଆକର୍ଷଣ କରିଥିଲେ। ଯେଉଁଥିରେ ସେ ଗୋଟିଏ ବିଧ୍ୱଂସୀ ଶତକୀୟ ପାଳି ଓ ୫ଟି ଅର୍ଦ୍ଧଶତକ ମାରିଥିଲେ। ସେହିଭଳି ୭୨ଟି ଛକା ମାରି ଆଇପିଏଲ୍ ଇତିହାସର ସର୍ବକାଳୀନ ରେକର୍ଡ ପ୍ରତିଷ୍ଠା କରିଥିଲେ। ଏହି ପ୍ରଦର୍ଶନ ବଳରେ ସେ ଭାରତୀୟ ସିନିଅର ଦଳରେ ସ୍ଥାନ ପାଇବା ଲାଗି ଦୃଢ଼ ଦାବିଦାର ଥିଲେ। ଭାରତୀୟ ସିନିଅର ପୁରୁଷ ଦଳରେ ପଦାର୍ପଣ କରିବାରେ ବୈଭବ ଏବେ ସର୍ବକନିଷ୍ଠ ଖେଳାଳି ହେବାକୁ ଯାଉଛନ୍ତି। ୧୯୮୯ରେ ସଚିନ ତେନ୍ଦୁଲକର ଯେତେବେଳେ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ ସେତେବେଳେ ତାଙ୍କୁ ୧୬ ବର୍ଷ ବୟସ ହୋଇଥିଲା।

ଅପରପକ୍ଷରେ ବିସିସିଆଇ ଅନ୍ୟ ଏକ ବଡ଼ ନିଷ୍ପତ୍ତିକ୍ରମେ ବୈଭବଙ୍କ ସହ ତାଙ୍କ ପିତାମାତାଙ୍କୁ ଆୟର୍ଲାଣ୍ଡ ଓ ଇଂଲଣ୍ଡ ଗସ୍ତ ଲାଗି ଭାରତୀୟ ଦଳ ସହ ଯିବାକୁ ଅନୁମତି ଦେଇଛି। ବୈଭବଙ୍କ ବୟସ ବହୁତ କମ୍ ହୋଇଥିବାରୁ ଅନ୍ତର୍ଜାତୀୟ କ୍ରିକେଟର ଚାପ ଏବଂ ବାହାର ପରିବେଶ ସହ ନିଜକୁ ଖାପଖୁଆଇ ଚଳିବାରେ ପରିବାରର ଉପସ୍ଥିତି ସହାୟକ ହେବ ବୋଲି ବିସିସିଆଇ ଅନୁଭବ କରିଛି। ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି ଯେ, ବୈଭବ ଜଣେ ଶିଶୁ ହୋଇଥିବାରୁ ତାଙ୍କ ପିତାମାତାଙ୍କୁ ସାଙ୍ଗରେ ଯିବାକୁ ଅନୁମତି ଦିଆଯାଇଛି। ସେମାନଙ୍କର ସମସ୍ତ ଗସ୍ତ ଖର୍ଚ୍ଚ ବୋର୍ଡ ବହନ କରିବ।

## ପ୍ରଶାନ୍ତ ମହାସାଗରରେ...

ଥରେ ଆମେରିକା ଆଡ଼କୁ ମାଡ଼ିଚାଲେ। ଏହି ତାପମାତ୍ରା ବୃଦ୍ଧି ପୃଥିବୀର ପାଣିପାଗ ଏବଂ ବର୍ଷା ଚକ୍ରକୁ ସମ୍ପୂର୍ଣ୍ଣ ବିଗାଡ଼ି ଦେଇଥାଏ। ଭାରତ ପାଇଁ ଏଲ୍ ନିନୋର ଆଗମନ କେବେ ହେଲେ ଶୁଭ ସଙ୍କେତ ଆଣି ନ ଥାଏ। ଅତୀତର ଇତିହାସ ଦେଖିଲେ ଜଣାପଡ଼ ଯେ, ଯେତେବେଳେ ବି ଏହି ପ୍ରକ୍ରିୟା ସକ୍ରିୟ ହୋଇଛି, ସେତେବେଳେ ଭାରତରେ ମରୁଡ଼ି ସଦୃଶ ସ୍ଥିତି ଉପୁଜିଛି।

ଚଳିତ ବର୍ଷ ମୌସୁମୀ ବାୟୁ କେରଳ ଉପକୂଳକୁ ଛୁଇଁବାରେ ଚାରି ଦିନ ବିଳମ୍ବ କରିଛି। ଜୁନ୍ ୧ ବଦଳରେ ଏହା ଜୁନ୍ ୪ ରେ କେରଳରେ ପହଞ୍ଚିଛି। ପାଣିପାଗ ବିଜ୍ଞାନୀମାନଙ୍କ ଅନୁସାରେ, ପ୍ରଶାନ୍ତ ମହାସାଗରର କେନ୍ଦ୍ରୀୟ ଅଞ୍ଚଳରେ ତାପମାତ୍ରା ଶୂନ ଦଶମିକ ପାଞ୍ଚ ଡିଗ୍ରୀ ସେଲସିୟସରୁ ଅଧିକ ବୃଦ୍ଧି ପାଇଛି, ଯାହା ବିପଦର ସଙ୍କେତ ଅଟେ। ଭାରତୀୟ ପାଣିପାଗ ବିଭାଗ ମଧ୍ୟ ପୂର୍ବାନୁମାନ କରିଛି ଯେ ଚଳିତ ବର୍ଷ ସ୍ୱାଭାବିକାରୁ କମ୍ ବର୍ଷା ହେବ। ଦୀର୍ଘକାଳୀନ ହାରାହାରି ବର୍ଷାର ମାତ୍ର ପ୍ରାୟ ନବେ ପ୍ରତିଶତ ବର୍ଷା ହେବାର ସମ୍ଭାବନା ରହିଛି। ଏଲ୍ ନିନୋ ପ୍ରଭାବରେ କେବଳ ଭାରତ ନୁହେଁ, ବରଂ ସାରା ବିଶ୍ୱର ପାଣିପାଗ ପ୍ରଭାବିତ ହେବ। ଏହା ଦ୍ୱାରା କେତେକ ସ୍ଥାନରେ ପ୍ରବଳ ବନ୍ୟା ହେଉଥିବା ବେଳେ ଭାରତ ଭଳି କୃଷିପ୍ରଧାନ ଦେଶରେ ସ୍ୱଳ୍ପ ବୃଷ୍ଟିପାତର ଆଶଙ୍କା ରହିଛି। ବର୍ତ୍ତମାନ ପରିସ୍ଥିତିରେ ପାଣିପାଗ ସଂସ୍ଥା ଏବଂ ସରକାରୀ ବିପର୍ଯ୍ୟୟ ପରିଚାଳନା ବିଭାଗ ଗୁଡ଼ିକ ଏହି ବଦଳୁଥିବା ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି, ଯେପରି ଆଗାମୀ ଦିନରେ ଜଳ ସଙ୍କଟ ଏବଂ ଚାଷ କାର୍ଯ୍ୟ ପାଇଁ ଉପଯୁକ୍ତ ରଣନୀତି ପ୍ରସ୍ତୁତ କରାଯାଇପାରିବ।

## ରଜରେ ଭିଜିବ...

ଅପରପକ୍ଷେ ଗତ କିଛିଦିନ ହେବ ପ୍ରଚଣ୍ଡ ତାତିରେ ରାଜଧାନୀ ଭୁବନେଶ୍ୱରବାସୀ ସନ୍ତୁଳି ହେଉଥିବା ବେଳେ ଶନିବାର ସେଥିରୁ ବଡ଼ ଆଶ୍ୱସ୍ତି ମିଳିଛି। ଅପରାହ୍ନରେ ରାଜଧାନୀରେ ୪୦ରୁ ୫୦ କିଲୋମିଟର ବେଗରେ ପବନ ସହ ପ୍ରବଳ ବର୍ଷା ହୋଇଥିବା ବେଳେ ତାପମାତ୍ରାରେ ମଧ୍ୟ ଅଚାନକ ବଡ଼ ହ୍ରାସ ଦେଖିବାକୁ ମିଳିଥିଲା। ପବନ, ବର୍ଷା ସହ କୁଆପଥର ମାଡ଼ କାରଣରୁ ପାଗ ସମ୍ପୂର୍ଣ୍ଣ ଭାବେ ବଦଳିଯାଇଥିବା ବେଳେ ତାତି ୪୦.୭ ଡିଗ୍ରୀରୁ ପ୍ରାୟ ୧୪ ଡିଗ୍ରୀ କମି ୨୬ଡିଗ୍ରୀକୁ ଖସି ଆସିଥିଲା। କାଳବୈଶାଖୀ ପ୍ରଭାବରୁ ରାଜଧାନୀର ତାପ ସୂଚକାଙ୍କ ୨୨ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ହ୍ରାସ ପାଇଥିବା ନେଇ ପାଣିପାଗ ବିଭାଗର ବରିଷ୍ଠ ବିଜ୍ଞାନୀ ଡ. ଉମାଶଙ୍କର ଦାସ ସୂଚନା ଦେଇଛନ୍ତି। ଆସନ୍ତା ୧୦ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିବ। ରବିବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ସୁନ୍ଦରଗଡ଼, ଝାରସୁଗୁଡା, ବରଗଡ, ସମ୍ବଲପୁର, ଦେବଗଡ, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ନବରଙ୍ଗପୁର, ରାୟଗଡା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡରେ କାଳବୈଶାଖୀ ସମ୍ଭାବନା ରହିଛି। ଉପରୋକ୍ତ ୨୪ ଜିଲ୍ଲାରେ ୪୦ରୁ ୫୦ କିମି ବେଗରେ ପବନ ବହିବା ସହ ବର୍ଷା ହେବାର ସମ୍ଭାବନା ଥିବାବେଳେ ଏଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ଯନ୍ତ୍ରୀଙ୍କ ଲକର୍‌ରେ...

ବୈକୁଣ୍ଠଙ୍କ ଏତେ ସମ୍ପତ୍ତି ଦେଖି ଭିଜିଲାନ୍ସ ଅଧିକାରୀ ଜଲକା ହୋଇଯାଇଛନ୍ତି। ଲକର୍‌ରୁ ବାହାରିଥିବା ଟଙ୍କାକୁ ଗଣିବାରେ ସେମାନେ ଫେଲ୍ ମାରିବା ପରେ ଟଙ୍କାଗଣା ମେସିନ୍‌ର ବ୍ୟବହାର କରାଯାଇଛି। ଖବର ଲେଖା ହେବା ସୁଦ୍ଧା, ଭିଜିଲାନ୍ସ ବୈକୁଣ୍ଠଙ୍କ ସମସ୍ତ ସମ୍ପତ୍ତିର ଆକଳନ କରିନାହିଁ। ତେବେ ବର୍ତ୍ତମାନ ସୁଦ୍ଧା ମିଳିଥିବା ସମ୍ପତ୍ତିର ପରିମାଣ ୨୦କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି।

ଚଢ଼ଉ ହୋଇଥିବା ୯ ଠିକଣା ମଧ୍ୟରେ ରହିଛି ଭୁବନେଶ୍ୱର ଚନ୍ଦ୍ରଶେଖରପୁର ନୀଳାଦ୍ରି ବିହାରଠାରେ ଏକ ବିଳାସପୂର୍ଣ୍ଣ ଚାରି ମହଲା କୋଠା, ଶୈଳଶ୍ରୀ ବିହାରର କୈଳାସବିହାରସ୍ଥିତ ଏକ ବୃହତ୍ ତିନି ମହଲା ବାସଭବନ, ପଟିଆ କାନନ ବିହାରରେ ବୈଦ୍ୟନାଥ ମେମୋରିଆଲ୍ ହସ୍ପିଟାଲ ନିକଟରେ ଥିବା ଏକ ଦୁଇ ମହଲା କୋଠା, ଚନ୍ଦ୍ରଶେଖରପୁରରେ ଏକ ଦୁଇ ମହଲା ବାସଭବନ ରହିଛି। ସେହିପରି ଯାଜପୁର ଜିଲ୍ଲା ଧର୍ମଶାଳା କଲେଜ ନିକଟ ପାଣ୍ଡୁଆରେ ନିଜ ପୈତୃକ ଜମିରେ ଦୁଇ ମହଲା କୋଠା, ମୟୂରଭଞ୍ଜ ଜିଲ୍ଲା ବାରିପଦା ଟାଉନ୍ ଦେଉଳ ସାହି ଏବଂ ଯାଜପୁର ପାଣ୍ଡୁଆ ଠାରେ ତାଙ୍କର ଦୁଇ ଜଣ ସମ୍ପର୍କୀୟଙ୍କ ଘରେ ମଧ୍ୟ ଚଢ଼ଉ ଜାରି ରହିଛି। ସେହିପରି କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସ୍ଥିତ ଆଇଟିଡିଏ ଅଫିସ୍‌ରେ ଥିବା ବେହେରାଙ୍କ ନିଜସ୍ୱ କାର୍ଯ୍ୟାଳୟ କକ୍ଷ ଏବଂ ନିକଟରେ ଥିବା ତାଙ୍କ ସରକାରୀ ଆବାସରେ ଭିଜିଲାନ୍ସ ଟିମ୍ ତନ୍ନତନ୍ନ କରି ଯାଞ୍ଚ କରିଥିଲେ।

ଉଲ୍ଲେଖଯୋଗ୍ୟ, ୧୯୯୯ ମସିହାରେ ବୈକୁଣ୍ଠନାଥ ଜଣେ କନିଷ୍ଠ ଯନ୍ତ୍ରୀ ଭାବେ ସରକାରୀ ଚାକିରିରେ ଯୋଗ ଦେଇଥିଲେ। ସେତେବେଳେ ତାଙ୍କର ଦରମା ମାତ୍ର ୬ ହଜାରେ ଟଙ୍କା ଥିଲା। ପରବର୍ତ୍ତୀ ସମୟରେ ଜେଇ ଭାବେ ଉଦଳା, କୁସୁମଗୁଡ଼ା ବ୍ଲକ୍, ଦେବୁଗାଁ ବ୍ଲକରେ କାମ କରିଥିଲେ। ପରେ ପୁଣି ପଦୋନ୍ନତି ପାଇଁ ଏଇ ଏବଂ ଏଇଇ ଭାବେ ବାଲିଗୁଡାରେ କାର୍ଯ୍ୟ କରୁଥିଲେ। ତେବେ ମାତ୍ର ୨୬ ବର୍ଷ ଚାକିରିକାଳ ମଧ୍ୟରେ କୋଟିକୋଟି ସମ୍ପତ୍ତି ଠୁଳ କରି ଭୁବନେଶ୍ୱର ଏବଂ ଯାଜପୁରରେ ନିବେଶ କରିଛନ୍ତି। ଯେଉଁଠିକି ବଦଳି ହୋଇ ଯାଇଛନ୍ତି, ସେଠାରେ ସେ ମୁକ୍ତହସ୍ତରେ ପକେଟରେ ପୂରାଇଛନ୍ତି ବୋଲି ଅଭିଯୋଗ ହୋଇଛି।

## ଦିଲ୍ଲୀରେ ଗର୍ଜିଲା...

ବ୍ୟବସ୍ଥା ଅତ୍ୟନ୍ତ କଡ଼ାକଡ଼ି କରାଯାଇଥିଲା। କେନ୍ଦ୍ରୀୟ ଦିଲ୍ଲୀର ଆ।ାନ୍ଦୋଳନ ସ୍ଥଳ ଏବଂ ଏହାର ଆଖପାଖ ଅଞ୍ଚଳରେ ପ୍ରାୟ ଦୁଇ ହଜାରରୁ ଅଧିକ ପୋଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଥିଲା। ଆନ୍ଦୋଳନ ସ୍ଥଳରେ ସଂଗଠନ ପକ୍ଷରୁ ବଣ୍ଟାଯାଇଥିବା ଏକ ପତ୍ରିକା (ଲିଫ୍‌ଲେଟ୍) ମାଧ୍ୟମରେ ସରକାରଙ୍କ ଉତ୍ତରଦାୟିତ୍ୱ ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ନ୍ୟାୟ ଦାବି କରାଯାଇଛି। ସେମାନଙ୍କ କହିବା ଅନୁଯାୟୀ, ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ସେମାନେ ଆରମ୍ଭ କରିଥିବା ଅନଲାଇନ୍ ଅଭିଯାନରେ ଏପର୍ଯ୍ୟନ୍ତ ପ୍ରାୟ ଆଠ ଲକ୍ଷରୁ ଅଧିକ ଲୋକ ସ୍ୱାକ୍ଷର କରି ନିଜର ସମର୍ଥନ ଜଣାଇଛନ୍ତି। ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ ପ୍ରସିଦ୍ଧ ଶିକ୍ଷାବିତ୍ ତଥା ପରିବେଶ ପ୍ରେମୀ ସୋନମ୍ ୱାଙ୍ଗଚୁକ୍ ମଧ୍ୟ ଏଥିରେ ସାମିଲ ହୋଇଥିଲେ। ସଭା ଚାଲିଥିବା ବେଳେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବାସଭବନରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।

ସୂଚନାଯୋଗ୍ୟ ଯେ, ଗତ ମେ ୧୫ ତାରିଖରେ ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ କୋର୍ଟରେ ଶୁଣାଣି ବେଳେ ବେକାର ଯୁବକମାନଙ୍କୁ ଉଦ୍ଦେଶ୍ୟ କରି 'ଅସରପା' ଏବଂ 'ପରଜୀବୀ' ବୋଲି ଏକ ମୌଖିକ ଟିପ୍ପଣୀ ଦେଇଥିଲେ। ଏହି ବୟାନର ପ୍ରତିବାଦରେ ମେ ୧୬ ତାରିଖରେ ଅଭିଜିତ୍ ଦୀପକେ ସାମାଜିକ ଗଣମାଧ୍ୟମରେ ଏକ ବ୍ୟଙ୍ଗାତ୍ମକ ସଂଗଠନ ଭାବେ 'କକ୍ରୋଚ୍ ଜନତା ପାର୍ଟି'ର ଗଠନ କରିଥିଲେ। ମାତ୍ର କେଇ ଘଣ୍ଟା ମଧ୍ୟରେ ଏଥିରେ ଲକ୍ଷ ଲକ୍ଷ ଲୋକ ସାମିଲ ହୋଇଥିଲେ। ଏବେ ଏହା ଏକ ବଡ଼ ଜନ ଆନ୍ଦୋଳନର ରୂପ ନେଇଛି।

## ଗୋଠଛଡ଼ା ଦନ୍ତା...

ମହିଳା ଯଶୋଦା ମଲ୍ଲିକ ସକାଳୁ ଆମ୍ବ ଗୋଟାଇବାକୁ ଯାଇଥିବା ବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ। କିନ୍ତୁ ସେ ହାତୀ କବଳରୁ ଖସି ଆସିଥିଲେ। ଏହି ଖବର ପ୍ରଘଟ ହେବା ପରେ ବନ ବିଭାଗ ସହାୟତାରେ ଗ୍ରାମବାସୀ ହାତୀକୁ ଘଉଡ଼ାଇ ଦେଇଥିଲେ। କିନ୍ତୁ ମଞ୍ଜୁଙ୍କ ମୃତ୍ୟୁ ସମ୍ପର୍କରେ କେହି ଜାଣିପାରିନଥିଲେ। ଫେରିବାରେ ବିଳମ୍ବ ହେବାରୁ ପରିବାରଲୋକେ ଖୋଜାଖୋଜି କରିବାରୁ ତୋଟାରେ ମଞ୍ଜୁଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଖବର ପାଇ ଡିଏଫ୍‌ଓ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଉପସ୍ଥିତିରେ ବନବିଭାଗ କର୍ମଚାରୀ ହାତୀର ଗତିବିଧି ଲକ୍ଷ୍ୟ କରିବା ସହ ହାତୀକୁ ସ୍ଥାନୀୟ ଜଙ୍ଗଲକୁ ଘଉଡ଼ାଇ ଦେଇଥିବା ସୂଚନା ମିଳିଛି। ମୃତକଙ୍କ ପରିବାରକୁ ବନବିଭାଗ ପକ୍ଷରୁ ୧୦ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରାଯିବା ନିମନ୍ତେ ବନାଧିକାରୀ ସୂଚନା ପ୍ରଦାନ କରିଛନ୍ତି। ଗୋଠଛଡ଼ା ଏହି ଦନ୍ତାଟି ବର୍ତ୍ତମାନ ବାଉଁଶଗଡ଼ ଦେଇ ସାତକୋଶିଆ ଜଙ୍ଗଲମୁଁହା ହୋଇଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ମା'କୁ ଘରେ...

ଲିଖିତ ଭାବେ କରିଛନ୍ତି। ପୂର୍ବରୁ ଜୀବନରୁ ମାରିଦେବାକୁ ଅଭିଯୁକ୍ତମାନେ ଧମକ ଦେଉଥିଲେ। ପୀଡ଼ିତ ପରିବାରର ଅଭିଯୋଗ ଅନୁଯାୟୀ, ମାଣିଖମ୍ବ ନିବାସୀ ପ୍ରଦୀପ କୁମାର କମିଳାଙ୍କ ନାବାଳିକା ଝିଅ ଟ୍ୟୁସନ ଯାଉଥିବା ସମୟରେ ସ୍ଥାନୀୟ କିଛି ଯୁବକ ତାଙ୍କୁ ଦୀର୍ଘଦିନ ହେବ ହଇରାଣ ହରକତ କରିବା ସହ ଧମକଚମକ ଦେଇ ଆସୁଥିଲେ। ଏପରିକି ନାବାଳିକାର ବାପା ଓ ଭାଇଙ୍କୁ ଜୀବନରୁ ମାରିଦେବା ପାଇଁ ଅଭିଯୁକ୍ତମାନେ ବାରମ୍ବାର ଧମକ ଦେଉଥିଲେ। ଏ ନେଇ ପୂର୍ବରୁ ପରିବାର ଲୋକେ ଅଭିଯୁକ୍ତଙ୍କ ଘରକୁ ଯାଇ ଆପତ୍ତି ଉଠାଇବା ସହ ପୁଲିସର ଦ୍ୱାରସ୍ଥ ମଧ୍ୟ ହୋଇଥିଲେ। ପୁଲିସ ଗତଥର ଝିଅକୁ ଉଦ୍ଧାର କରି ପରିବାରକୁ ହସ୍ତାନ୍ତର କରିଥିଲେ ମଧ୍ୟ ସେମାନଙ୍କର ସାହସ କମି ନଥିଲା। ଅଭିଯୁକ୍ତମାନେ ପ୍ରଭାବଶାଳୀ ଓ ଗୁଣ୍ଡା ଶ୍ରେଣୀର ହୋଇଥିବାରୁ ସେମାନେ ପୂରା ପରିବାରକୁ ଜୀବନରୁ ମାରିଦେବାକୁ ସର୍ବଦା ଧମକ ଦେଉଛନ୍ତି, ଯାହାଫଳରେ ସମ୍ପୂର୍ଣ୍ଣ ପରିବାର ଏବେ ଭୟଭୀତ ଅବସ୍ଥାରେ ଅଛନ୍ତି। ନାବାଳିକା ଝିଅକୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିବାର ପକ୍ଷରୁ କାନ୍ଦି କାନ୍ଦି ଗଣମାଧ୍ୟମ ଓ ପୁଲିସ ପ୍ରଶାସନ ନିକଟରେ ଗୁହାରି କରାଯାଇଛି। ପୁଲିସ ୨୨୭/୨୬ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ଘାରିଲା ଅର୍ଥନୀତି...

ଅର୍ଥନୀତିକୁ ରକ୍ଷା କରିବା। ଏଥିପାଇଁ, ବୈଠକରେ ଅନେକ ନୂତନ ଚିନ୍ତାଧାରା ଏବଂ ପଦକ୍ଷେପ ଉପରେ ଖୋଲାଖୋଲି ଭାବରେ ଆଲୋଚନା କରାଯାଇଥିଲା। ବୈଠକରେ ସାଧାରଣ ଲୋକଙ୍କ ଜୀବନକୁ ସହଜ କରିବା ଏବଂ ବ୍ୟବସାୟ ନିୟମକୁ ସରଳ କରିବା ପାଇଁ ପ୍ରମୁଖ ସଂସ୍କାର ଉପରେ ଆଲୋଚନା କରାଯାଇଥିଲା। ଅର୍ଥନୀତି ପରାମର୍ଶଦାତା ପରିଷଦର ସଦସ୍ୟମାନେ ପ୍ରଧାନମନ୍ତ୍ରୀଙ୍କୁ ଏହି ସଂଘର୍ଷ ଭାରତ ଏବଂ ବିଶ୍ୱ ଉପରେ ପଡୁଥିବା ପ୍ରଭାବର ଏକ ମୂଲ୍ୟାଙ୍କନ ପ୍ରଦାନ କରିଥିଲେ। ଭାରତ ଏହାର ଅତ୍ୟାବଶ୍ୟକ ସାମଗ୍ରୀର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବିଦେଶରୁ ଆମଦାନୀ କରେ। ଏପରି ପରିସ୍ଥିତିରେ, ଦୀର୍ଘକାଳୀନ ଅସ୍ଥିରତା ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ଏବଂ ଅନ୍ତର୍ଜାତୀୟ ବାଣିଜ୍ୟକୁ ବାଧା ସୃଷ୍ଟି କରିପାରେ। ଏହି ପରିପ୍ରେକ୍ଷୀରେ, ନୀତି ଆୟୋଗ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) କୁ ଏକ ସ୍ୱତନ୍ତ୍ର ପ୍ରଭାବ ମୂଲ୍ୟାଙ୍କନ ରିପୋର୍ଟମଧ ଦାଖଲ କରିଛି। ଏହି ରିପୋର୍ଟରେ ପଶ୍ଚିମ ଏସିଆରେ ଏହି ସଙ୍କଟ ଦୀର୍ଘକାଳୀନ ହେଲେ ଆମର ବାଣିଜ୍ୟ, କ୍ଷୁଦ୍ର ଶିଳ୍ପ (ଏମ୍‌ଏସ୍‌ଏମ୍‌ଇ), କୃଷି ଏବଂ ବୃହତ ଶିଳ୍ପ କ୍ଷେତ୍ର ଉପରେ କି ପ୍ରଭାବ ପକାଇବ ତାହା ବର୍ଣ୍ଣନା କରାଯାଇଛି।

ସୂଚନାଯୋଗ୍ୟ ଯେ ଅର୍ଥନୀତିର ଗୁରୁତର ସ୍ଥିତି ଅନୁଭବ କରି ଭାରତୀୟ ରିଜର୍ଭ ବ୍ୟାଙ୍କ ମୁଦ୍ରା ନୀତି କମିଟି ବୈଠକରେ ନୀତି ରେପୋ ହାରକୁ ୫.୨୫%ରେ ଅପରିବର୍ତ୍ତିତ ରଖିବାକୁ ନିଷ୍ପତ୍ତି ନେଇଥିଲା। ଏହାସହିତ କମିଟି ଏହା ମଧ୍ୟ ସତର୍କ କରାଇ ଦେଇଛି ଯେ ଭବିଷ୍ୟତ ନିଷ୍ପତ୍ତି ଆଗାମୀ ଘଟଣା ଉପରେ ନିର୍ଭର କରିବ। ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କହିଥିଲେ ଯେ ରେପୋ ହାର ୨୦୨୬ରେ ସ୍ଥିର ରହିବ ଏବଂ ୨୦୨୭ରେ ୫୦ ବେସିସ୍ ପଏଣ୍ଟ ବୃଦ୍ଧି ପାଇବ। ମଧ୍ୟ ପ୍ରାଚ୍ୟ ସଙ୍କଟରେ ବୃଦ୍ଧି ପାଉଥିବା ଶକ୍ତି ମୂଲ୍ୟ ଏବଂ ବାଣିଜ୍ୟ ନୀତି ଅନିଶ୍ଚିତତା ୨୦୨୬-୨୭ରେ ଭାରତର ଚଳନ୍ତି ଖାତା ନିଅଣ୍ଟ(ସିଏଡି) ବୃଦ୍ଧି ପାଇଁ ବିପଦ ସୃଷ୍ଟି କରୁଛି। ଆରବିଆଇ ବିଦେଶୀ ପୁଞ୍ଜି ପ୍ରବାହକୁ ଆକର୍ଷିତ କରିବା ପାଇଁ ଅନେକ ପଦକ୍ଷେପ ଘୋଷଣା କରିଛି, ଯାହା ପେମେଣ୍ଟ ନିଅଣ୍ଟ ସନ୍ତୁଳନକୁ ପୂରଣ କରିବାରେ ସାହାଯ୍ୟ କରିବ ବୋଲି କୁହାଯାଉଛି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ନଂ. CAOCRSPBBS-28-2026

କାର୍ଯ୍ୟର ନାମ : (1) ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧୀନସ୍ଥ ହାଓଡ଼ା-ବିଶାଖାପାଟଣା ମେନ୍ ଲାଇନରେ ଖଲିକୋଟ (KIT) ଏବଂ ରମ୍ଭା (RBA) ଷ୍ଟେସନ ମଧ୍ୟରେ କି.ମି. 543/29-31 ଠାରେ ଉଭୟ ପାର୍ଶ୍ୱରେ RE ୱାଲ ଆପ୍ରୋଚ ସହିତ କେଶପୁର / NH-16 ପାର୍ଶ୍ୱରେ 13 X 20.040 M ଏବଂ ଡେକୁଳିଆପଡ଼ା ଗାଁ ପାର୍ଶ୍ୱରେ 10 X 20.040 Mର ପ୍ରସ୍ତାବିତ ସ୍ପାନ ଏବଂ ଲେଭେଲ କ୍ରସିଙ୍ଗ ନଂ. 270 ପରିବର୍ତ୍ତେ କି.ମି. 543/35-37 ଠାରେ ରେଳବାଇ ଅଂଶ ନିମନ୍ତେ (1 X 60.0 M କ୍ୟାମେଲ ବ୍ୟାକ ଟାଇପ୍ ଟ୍ରସ୍ ଗର୍ଡର) ରୋଡ଼ ଓଭର ବ୍ରିଜ୍ (ROB)ର ନିର୍ମାଣ।

(2) ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧୀନସ୍ଥ ହାଓଡ଼ା-ବିଶାଖାପାଟଣା ମେନ୍ ଲାଇନରେ ଖଲିକୋଟ (KIT) ଏବଂ ରମ୍ଭା (RBA) ଷ୍ଟେସନ ମଧ୍ୟରେ କି.ମି. 554/7-9 ଠାରେ ଆପ୍ରୋଚ ଅଂଶ ନିମନ୍ତେ NH-16 ପାର୍ଶ୍ୱରେ 4 X 25.04 M ଏବଂ ସାବୁଲିଆ ଗାଁ ପାର୍ଶ୍ୱରେ 9 X 25.04 Mର ପ୍ରସ୍ତାବିତ ସ୍ପାନ ଏବଂ ଲେଭେଲ କ୍ରସିଙ୍ଗ ନଂ. 273 ପରିବର୍ତ୍ତେ କି.ମି. 554/3-5 ଠାରେ ରେଳବାଇ ଅଂଶ ନିମନ୍ତେ 1 X 60.00 M କ୍ୟାମେଲ ବ୍ୟାକ ଟାଇପ୍ ଟ୍ରସ୍ ଗର୍ଡର + 1 X 24.00 M କମ୍ପୋଜିଟ୍ ଗର୍ଡର ସହିତ ରୋଡ଼ ଓଭର ବ୍ରିଜ୍ (ROB)ର ନିର୍ମାଣ।

ବିଜ୍ଞାପିତ ମୂଲ୍ୟ : ₹ 125,66,46,642.67, EMD : ₹ 2,51,32,900/-, ଶେଷ ହେବା ଅବଧି: 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.17.06.2026ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.01.07.2026ରିଖ 1200 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର କାଗଜପତ୍ର ସହିତ ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ।

ଉପ ମୁଖ୍ୟ ଯନ୍ତ୍ରୀ / ନିର୍ମାଣ / RSP / ଭୁବନେଶ୍ୱର

PR-78/CJ/26-27



**AFFIDAVIT**

I, SANJIB KUMAR MONDAL, S/O THAKURDAS MANDAL, resident of At- Khanda, UV-12, PO/PS - Umarkote, Dist - Nabarangpur, Pin - 764073, Odisha, declare by this Affidavit No. 2251, Dated 05/06/2026, that now onwards I shall be known as **SANJIB KUMAR MANDAL** for all future purposes.

**ହଜିଯାଇଛି**

ମୁଁ **ଅନିଲ କୁମାର ସାହୁ** ଘୋଷଣା କରୁଛି କି ମୋର ମୂଳ କବଲାର ଯାହାର ନଂ- ୧୦୩୯୧୩୦୦୬୧୭, ତା- ୨୮.୦୧.୨୦୧୩ ଏରିଆ ୪.୯ଡିସିମିଲର କାଗଜପତ୍ର କେଉଁ ଆଡେ ନରାଜ ଖଣ୍ଡପୁର ରୋଡରେ ହଜିଯାଇଛି। ଏ ବିଷୟରେ ମୁଁ ଗୋବିସାହି ଥାନାରେ ଲିଖିତ ଅଭିଯୋଗ କରି ଅଛି। ଯାହାର କେସ୍ ନଂ ୧୨ ତା-୦୩.୦୬.୨୦୨୬ ଅଟେ। ଯଦି କୌଣସି ବ୍ୟକ୍ତି ପାଆନ୍ତି ତେବେ ଉକ୍ତ ନଂ ୮୯୧୭୬୯୯୦୨୧ ରେ ଯୋଗାଯୋଗ କରିପାରିବେ। ମୁଁ ଏତଦ୍ୱାରା ଘୋଷଣା କରୁଅଛି କି ଉକ୍ତ କବଲା କୌଣସି ବ୍ୟାଙ୍କ ବା ବ୍ୟକ୍ତିଙ୍କ ପାଖରେ ବନ୍ଧକ ରଖାଯାଇ ନାହିଁ।

**AFFIDAVIT**

I, Suman Agrawal @Sumanbai Agrawala, W/o- Mahesh Kumar Agrawal, resident of Lastala, Po./Ps.- Attabira, Dist.- Bargarh, Odisha declare by this affidavit No. 6620, Dated 14th June 2026 that, now onwards I shall be known as **Suman Agrawal, DOB- 03.06.1985** for all future purposes. In my passport my father's name has been mentioned as Golap Chandra Agrawal and in my Aadhar card my father's name has been mentioned as Golab Chandra Agrawal. That **Golab Chandra Agrawal** and **Golap Chandra Agrawal** is one and same person.

**AFFIDAVIT**

I, SRITI MANDAL, W/O SANJIB KUMAR MANDAL, resident of At - Khanda, UV-12, PO/PS - Umarkote, Dist - Nabarangpur, Pin - 764073, Odisha declare by this Affidavit No.2252, Dated - 05/06/2026, that now onwards I shall be known as **SIRITI MONDAL** for all future purposes.

**AFFIDAVIT**

I, JAGADDHATRI PANIGRAHI, W/o-Bikash Kumar Das, resident of At-College Square(mill-campus), PO/PS-Soro, Dist-Balasore, Odisha, Pin-756045 declare by this affidavit No.1645, dtd. 05/06/2026 that now onwards I shall be known as **JAGADHATRI PANIGRAHI** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 897, dated 05-06-2026, I, ANAMU BHATRA, S/o - Jaya Bhatra, permanent resident of Village - Bhatrachikili, PO - Badakumuli, PS - Papadahandi, Dist - Nabarangpur, Odisha, Pin - 764059, declare that I have changed the name of my Son from PRAKESH BHATARA to PRAKASH BHATRA. Henceforth, he shall be known as **PRAKASH BHATRA** for all purposes.

Sd/- Anamu Bhatra

**AFFIDAVIT**

By virtue of an affidavit sworn before the Notary Public, Phulbani, on dtd.05.06.2026, I, Sasmita Kanhar, formerly known as Rashmita Kanhar, At- Saulapada, Po-Kiamunda, P.S.- Phiringia, Dist.-Kandhamal, hereby declare that I have changed my name from Rashmita Kanhar to Sasmita Kanhar. Henceforth I shall be known as **Sasmita Kanhar** for all purposes.

SASMITA KANHAR



**TPWODL**

**TP WESTERN ODISHA DISTRIBUTION LIMITED**

(A Joint Venture of Tata Power and Government of Odisha)

Corporate Office : Burla, Dist.-Sambalpur (Odisha)-768017

**Corrigendum to Notice Inviting Tender (NIT)**

Tender Notice No. TPWODL/IA/O/SITC/2500001178 Date: 30-04-2026

**SITC of 33/11 kV Underground Cable system and associated electrical work under SDMF – III**

The time period is hereby extended for Submission of Tender Participation Fee and Authorization Letter through e-mail till 9th June 2026, 15:00 Hrs, after which link from e-Tender system shall be shared. A Corrigendum to the said notice has been uploaded in our website www.tpwesternodisha.com. Prospective bidders are requested to visit the website for detailed amendment and updated tender document.

Sd/- Head-Contracts and Procurement



**AFFIDAVIT**

I, Mahesh Kumar Agrawala, S/o- Biharilal Agrawal, resident of Lastala, Po.- Lastala, Ps./Tah- Attabira, Dist.- Bargarh, Odisha declare by this affidavit No. 6621 Dated 5th June 2026 that, now onwards I shall be known as **Mahesh Kumar Agrawal, DOB- 06.06.1980** for all future purposes.



**Office of the Principal-in-Charge**

**Science Higher Secondary School, Gudari (Rayagada)**

UDISE CODE-21271200241

Email ID- principalinchargesjcg@gmail.com

Letter No.- 147 SHSS/26 Dated-04/06/2026

**Walk-in-Interview**

A walk-in-interview for engagement of guest faculty one each of the subjects **English, Economics, Chemistry, Zoology & Mathematics** for the academic session **2026-27** will be held on **21.06.2026 at 11 AM** in the institution premises. Eligible candidates having at least 55% of marks at P.G level and having B.Ed from a recognized university may attend the walk-in-interview with all Original Documents in support of their educational qualification.

Candidates without B.Ed. may be considered for selection in case of non-availability of such candidates.

**No TA/DA** will be admissible for attending the interview.

Candidates may send their resume to **principalinchargesjcg@gmail.com.**

The authority reserves the right to cancel/modify/postpone the interview without assigning any reason thereof.

Principal-in-Charge-cum-Secretary
Science Higher Secondary School
Gudari, Dist-Rayagada



**AFFIDAVIT**

I, **ADARSH DAS**, S/o Rajendra Kumar Das, resident of Plot No. 928, Uparasahi Sikharpur, Cuttack, Cuttack Urban, Pin- 753003, Odisha, India declare by this affidavit Sl. No- 3439, Dated 19/05/2026, that now onwards I shall be known as **ADARSH RANJAN DAS** for all future purposes.

Sd/- ADARSH RANJAN DAS



**ODISHA HYDRO POWER CORPORATION LTD.**

O/o Sr. GENERAL MANAGER, HIRAKUD HYDRO ELECTRIC PROJECT

POST BOX NO. 5, BURLA - 768017, DISTRICT : SAMBALPUR (ODISHA), INDIA

4001/131/2627

No. HHEP/Tech-PUR-129/ 4455 Date : 02.06.2026

**NOTICE INVITING TENDER NO. HHEP-49/2026**

Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed Manufacturers/ Authorized Distributors / Authorized channel partner only for supply of the following materials as mentioned below.

| Description of work | Cost of tender paper (Non-refundable) in Rs. | EMD in shape of DD/BC only (Refund-able) in Rs. |
|---|---|---|
| Supply of different size of Power Cables, Control Cables and Jointing Kits to HHEP, Burla as per tender specification | 11,800/- (Rs. 10,000 + GST @ 18%) | 51,050/- |

- Period of Sale / Download of tender paper : 08.06.2026 (10.00AM) to 22.06.2026 upto 05:30PM
- Last Date & Time of Receipt of tender document : 23.06.2026 upto 03.30PM
- Date & time of opening of bid : 23.06.2026 at 04.00PM

For details of the tender documents, terms and conditions please visit our website www.ohpc.co.in

Sd/-
C & P Head, HHEP, Burla

OIPR-4001/4007/1/26-27/0013



**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, CF. NO - 52, dated 06/06/2026, I **KHAIRUNNISA BIBI**, W/o SK Sabiruddin resident of At- Sukarapada, Po- Sukarapara, Sub District. Salepur, Dist: Cuttack, Odisha, PIN: 754209, declare that I have changed my minor Son's name from **DANIYAL SABIR (Old Name)** to **SHAZIM ZOHAN (New Name)**. Henceforth, he shall be known as **SHAZIM ZOHAN** for all purposes.

Sd- **KHAIRUNNISA BIBI**



GOVERNMENT OF ODISHA
OFFICE OF THE SUPERINTENDING ENGINEER,
MALKANGIRI (R&B) DIVISION, MALKANGIRI
**E-Procurement Notice**

34001/310/2627

Bid Identification No. S.E (R&B)-MLK-05/2026-27

No. 3257 Date. 27.05.2026

| | |
|---|---|
| 1. Name of the work: | Civil Work |
| 2. Total No. of Works: | 01 Nos. |
| 3. Estimated cost: | 41.18 lakhs |
| 4. Period of completion: | 03(Three) months |
| 5. Date & time of availability of bid document in the portal: | From 11.00 hrs. of 08.06.2026 To 16.00 hrs. Of 16.06.2026 |
| 6. Last date / Time for receipt of bids in the Portal; | 16.00 hours of 16.06.2026 |
| 7. Date of opening of Tender; | 10.00 hours of 17.06.2026 |
| 8. Name and address of the Officer Inviting Bid: | Superintending Engineer Malkangiri(R&B) Division |

**Further details can be seen from the e-procurement portal https://tendersorissa.gov.in**

Superintending Engineer
Malkangiri(R&B) Division

OIPR-34001/34063/1/26-27/0005



**AFFIDAVIT**

I, Chhaya rani jena, aged about 64 years, W/o- Balaram Jena, resident of At- Satya Nagar, Semiliguda, Po- Semiliguda, Ps- Sunabeda, Dist - Koraput, Pin-764036, Odisha declared by this affidavit No. 1151, dtd- 05/06/2026 that now onwards I shall be known as **CHAYARANI JENA** for all future purposes.



25001/340/2627

**OFFICE OF THE SUPERINTENDING ENGINEER RURALWORKS DIVISION, BALLIGUDA**

Government of Odisha e-Procurement Notice

Bid Identification No. Online Tender-03/EERWD BLG/2026-27

rw_balliguda@yahoo.com

Letter No. 3932 / RWDBLG Date 03.06.2026

| | | | |
|---|---|---|---|
| 1 | Name of the work | :: | Building Work |
| 2 | Estimated cost | :: | Rs.30.86 Lakhs |
| 3 | Period of Completion | :: | As per Annexure |
| 4 | Date & Time of availability of Bid documents in the Portal | :: | From 08.06.2026 at 10.00 AM to 17.06.2026 up to 5.00 PM |
| 5 | Last Date/ Time for receipt of Bids in the Portal | :: | 17.06.2026 up to 5.00 PM |
| 6 | Name and address of the Officer Inviting Bid | :: | Executive Engineer, Rural Works Division, Balliguda |

The Bidders have to participate in **ONLINE** bidding only. Further details can be displayed from the e-procurement portal website https://www.tendersodisha.gov.in . Any addendum / corrigendum / cancellation of tender can also be seen in the said website only.

Executive Engineer
Rural Works Division
Balliguda

OIPR-25001/25164/1/26-27/0003



**AFFIDAVIT**

I, Mohamed Mustaqueem, aged about 43 years, S/o Late Mohammed Aliraja, resident of Plot No.76/2877, Meherpalli, Near Hanuman Temple, Ps- Laxmisagar, Bhubaneswar, Dist- Khordha, Pin-751006, Odisha declared by this affidavit No. 134, dtd- 29/05/2026, that now onwards I shall be known as **MOHAMMED MUSTAQUEEM** for all future purposes.

ସକାଳ
THE SAKALA



# ବସ୍‌କୁ ଧକ୍କାଦେଲା ଟ୍ରକ୍; ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

ଯୋଡ଼ା, ୬।୬(ସମିସ):



କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥ ଲହଣ୍ଡା ଓଭରବ୍ରିଜ ନିକଟରେ ବଡ଼ବିଲରୁ ତୁରୁମୁଙ୍ଗା ଯାଉଥିବା ବିଳାସିନୀ ନାମକ ଯାତ୍ରୀବାହୀ ବସକୁ ଶନିବାର ସକାଳ ପ୍ରାୟ ସାଢେ ୮ଟାରେ ଦ୍ରୁତ ଗତିରେ ଆସୁଥିବା ଏକ ଲୁହା ପଥର ବୋଝେଇ ଟ୍ରକ ଧକ୍କା ଦେଇଥିଲା । ଏହି ଧକ୍କାରେ ବସଟି ରାସ୍ତାରେ ବୁଲିପଡି ପ୍ରାୟ୩୦ ଫୁଟ ତଳ ସୁନାନଦୀ ଗର୍ଭକୁ ଖସିବା ପରି ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ରାଜପଥ ପାର୍ଶ୍ୱରେ ଥିବା ସୁରକ୍ଷା ବାଡ଼ରେ ଅଟକି ଯାଇଥିଲା । ଫଳରେ ବସରେ ଯାତ୍ରା କରୁଥିବା ୩୦ରୁ ଅଧିକ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡିଛି । ଦୁର୍ଘଟଣା ପରେ ସେଠାରେ ରାସ୍ତା ଅବରୋଧ ହୋଇ ଦୀର୍ଘ ସମୟ ଧରି ଜାମ ରହିଥିଲା । ୫୨୦ ଜାତୀୟ ରାଜପଥର ଯୋଡ଼ା ଅଞ୍ଚଳରେ ଗତ ମାସକ ମଧ୍ୟରେ ଏହା ତୃତୀୟ ଘଟଣା ବୋଲି ଜଣାପଡିଛି । ଯା'ଫଳରେ ରାଜରାସ୍ତାରେ କ୍ରମାଗତ ଦୁର୍ଘଟଣା ବୃଦ୍ଧି ଏବଂ ଯାତ୍ରୀଙ୍କ ସୁରକ୍ଷାକୁ ନେଇ ଆଶଙ୍କା ବଢ଼ିବାରେ ଲାଗିଛି ।

ଗତ ମେ ୧୧ ତାରିଖ ଭୋର ସକାଳ ସମୟରେ ଭୁବନେଶ୍ୱରରୁ ଯୋଡ଼ା ଅଭିମୁଖେ ଯାଉଥିବା ଅନିମା ନାମକ ଏକ ରାତ୍ରିକାଳୀନ ଯାତ୍ରୀବାହୀ ବସକୁ ଏକ ଟ୍ରେଲର ଧକ୍କା ଦେବା ଫଳରେ ବସର ବାମ ଭାଗଟି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିଲା । ତେବେ ବସରେ କେବଳ ୫/୬ ଜଣ ଯାତ୍ରୀ ଥିବାରୁ କାହାର କିଛିକ୍ଷତି ହୋଇ ନ ଥିଲା । ଖବର ପାଇ ଯୋଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରେଲରଟିକୁ ଜବତ କରିଥିଲା । ଗତ ମେ ୧୯ ତାରିଖ ମଧ୍ୟାହ୍ନ ସମୟରେ ଯୋଡ଼ା ଡିଏଭି ଛକ ନିକଟରେ ଯୋଡ଼ାରୁ ଝାଡ଼ଖଣ୍ଡ ପ୍ରଦେଶର ଚକ୍ରଧରପୁର ଅଭିମୁଖେ ଯାଉଥିବା ନିହାରିକା ନାମକ ଏକ ଯାତ୍ରୀବାହୀ ବସକୁ ବିପରୀତ ଦିଗରୁ ଆସୁଥିବା ଏକ ହାଇୱା ଟ୍ରକ ଧକ୍କା ଦେଇ ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଲୋକେ ହାଇୱାଟିକୁ ଅଟକ ରଖି ଯୋଡ଼ା ଥାନାକୁ ଖବର ଦେଇଥିଲେ । ସୌଭାଗ୍ୟ ବଶତଃ କୌଣସି ଯାତ୍ରୀଙ୍କ କିଛି କ୍ଷତି ହୋଇ ନ ଥିଲା । ତେବେ ୫୨୦ ନମ୍ବର ଜାତୀୟ ରାଜପଥ ଓ ଯୋଡ଼ା ଅଞ୍ଚଳରେ ବାରମ୍ବାର ଏପରି ଦୁର୍ଘଟଣା ଘଟୁଥିବା ବେଳେ ସାଧାରଣ ଯାତ୍ରୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ୫୨୦ ଜାତୀୟ

### ଯାତ୍ରୀଙ୍କ ସୁରକ୍ଷା ଆଶଙ୍କା ବୃଦ୍ଧି

ରାଜପଥଟି ଉକ୍ତ ସ୍ଥାନରେ ସଂକୁଚିତ ଥିବା ନେଇ ବାରମ୍ବାର ଏମିତି ଦୁର୍ଘଟଣା ଘଟୁଥିବା ବେଳେ ବେପରୁଆ ଗାଡି ଚାଳନା ଓ ବେଆଇନ ପାର୍କିଂ ଏହାର ମୁଖ୍ୟ କାରଣ ବୋଲି ଦୀର୍ଘଦିନ ହେଲା ଅଭିଯୋଗ ହୋଇଆସୁଛି । ଏଥିସହିତ ନୋଏଣ୍ଟ୍ରି ସମୟରେ ମଧ କେତେକ ଗାଡି ମାଲିକ ଓ ଗାଡି ଚାଳକ ନୋଏଣ୍ଟ୍ରି ବ୍ୟବସ୍ଥାକୁ ନ ମାନିବା ଏହା ମଧ ଦୁର୍ଘଟଣାର ଅନ୍ୟ ଏକ କାରଣ ବୋଲି ସ୍ଥାନୀୟ ଅଞ୍ଚଳରେ ମତ ପ୍ରକାଶ ପାଉଛି । ତେଣୁ ପ୍ରଶାସନ ସେଥିପ୍ରତି ଦୃଷ୍ଟି ଦେବା ନିମନ୍ତେ ସାଧାରଣରେ ଦାବି ହେଉଛି ।

### ଏନ୍‌ଜିଟି ନିର୍ଦ୍ଦେଶ ଉଲ୍ଲଙ୍ଘନ ଘଟଣା

# ଜେସିବି ମେସିନ୍ ଦ୍ୱାରା ଗଛ କଟା ଓ ପ୍ରମାଣ ନଷ୍ଟ ଅଭିଯୋଗ

ବାରିପଦା, ୬।୬(ସମିସ): ବାରିପଦାରେ ପ୍ରସ୍ତାବିତ ବସ୍‌ଷ୍ଟାଣ୍ଡ ପାଇଁ ଗଛ କଟା ମାମଲାରେ ଜାତୀୟ ସବୁଜ ଟ୍ରିବ୍ୟୁନାଲ (ଏନ୍‌ଜିଟି) ପୂର୍ବାଞ୍ଚଳ ବେଞ୍ଚ ସମ୍ମୁଖରେ ଚାଲିଥିବା ମାମଲା ମଧ୍ୟରେ ଜେସିବି ମେସିନ୍ ବ୍ୟବହାର କରି ଗଛ କଟା ଓ ପ୍ରମାଣ ନଷ୍ଟ କରାଯାଇଥିବା ଅଭିଯୋଗ ଉଠିଛି । ଅଭିଯୋଗକାରୀ ପ୍ରମୋଦ କୁମାର ହେମ୍ବ୍ରମ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ, ମୟୂରଭଞ୍ଜ ଜିଲ୍ଲାପାଳ, ବାରିପଦା ବନଖଣ୍ଡ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ଉଚ୍ଚ ଅଧିକାରୀଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରେରଣ କରିଛନ୍ତି ।



ପ୍ରମୋଦ ହେମ୍ବ୍ରମଙ୍କ ଅଭିଯୋଗ ଅନୁଯାୟୀ, ଜୁନ୍ ୫ ତାରିଖରେ ଦୁଇଟି ଜେସିବି ମେସିନ୍ ଦ୍ୱାରା ପୂର୍ବରୁ କଟାଯାଇଥିବା ଗଛର ମୂଳ ଉପୁଡ଼ାଯିବା ନୂତନ ଗଛ କଟା କରାଯାଇଥିଲା । ତେବେ ବର୍ଷା ପରେ ସମସ୍ତ ଗଛ ମୂଳ ଗଣ୍ଡିରୁ ପୁଣି କୁଆଁ କହଁଳୁଥିଲା । ବିଶ୍ୱ ପରିବେଶ ଦିବସ ୫ ତାରିଖ ଓ ଆଜି ୬ ତାରିଖରେ ତିନୋଟି ଜେସିବି ମେସିନ୍ ସ୍ଥଳରେ କାମ କରୁଥିବା ଦେଖାଯାଇଛି । ପ୍ରମାଣ ନଷ୍ଟ ଉଦ୍ଦେଶ୍ୟରେ ସମସ୍ତ ଗଛ ଗଣ୍ଡି ଉପାଡ଼ି ମାଟି ସମତଳ କରାଯାଉଛି । ଏନ୍‌ଜିଟି ଓରିଜିନାଲ ଆପ୍ଲିକେସନ୍ ନମ୍ବର ୨୧୩/୨୦୨୫ରେ ଏହି ମାମଲାର ଶୁଣାଣି ଚାଲିଛି । ମାର୍ଚ୍ଚ ୩୦ ତାରିଖରେ ଶୁଣାଣି ହୋଇ ରାଜ୍ୟ ସରକାରଙ୍କୁ ଜବାବ ଦାଖଲ କରିବାକୁ ସମୟ ଦିଆଯାଇଥିଲା । ପରବର୍ତ୍ତୀ ଶୁଣାଣି ଜୁଲାଇ ୭ ତାରିଖରେ ନିର୍ଦ୍ଧାରିତ ରହିଛି । ଏହି ସମୟ ମଧ୍ୟରେ ଏପରି କାର୍ଯ୍ୟକଳାପ ଜାରି ରହିବା ଏନ୍‌ଜିଟି ନିର୍ଦ୍ଦେଶର ସ୍ପଷ୍ଟ ଉଲ୍ଲଙ୍ଘନ ବୋଲି ଅଭିଯୋଗରେ ଶ୍ରୀ ହେମ୍ବ୍ରମ ଦର୍ଶାଇଛନ୍ତି । ଅଭିଯୋଗକାରୀ ଜେସିବି ମେସିନ୍ କାମ କରୁଥିବା ସ୍ଥଳର ଫଟୋ ପ୍ରଦାନ କରିଛନ୍ତି । ଫଟୋରେ ସ୍ପଷ୍ଟ ଭାବେ ଦୁଇଟି ଜେସିବି ଓ ଉପୁଡ଼ା ଯାଇଥିବା ଗଛ ମୂଳ ଦେଖାଯାଉଛି । ଅଭିଯୋଗକାରୀ ଶ୍ରୀ ହେମ୍ବ୍ରମ୍ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି ଯେ, ଏନ୍‌ଜିଟି ଶୁଣାଣି ପୂର୍ବରୁ ଏହି କାର୍ଯ୍ୟକଳାପକୁ ତୁରନ୍ତ ବନ୍ଦ କରିବା ଓ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି । ଏହି ଘଟଣା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ହୋଇଛି । ପରିବେଶପ୍ରେମୀ ଏହାକୁ ଗମ୍ଭୀର ପରିବେଶ ଅପରାଧ ବୋଲି କହୁଛନ୍ତି । ଜିଲ୍ଲା ପ୍ରଶାସନ ଓ ବନ ବିଭାଗରୁ ଏ ପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ମିଳିନାହିଁ ।

### ● ବଲାଣିପଶି ଅଙ୍ଗନବାଡ଼ି ଗୃହ ବିବାଦ

# ପ୍ରଶାସନର ହସ୍ତକ୍ଷେପରେ ସାମୟିକ ସମାଧାନ



ତୁରୁମୁଙ୍ଗା, ୬।୬(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ ସିଲିପଦା ପଞ୍ଚାୟତ ବଲାଣିପଶି ଅଙ୍ଗନବାଡ଼ି ଗୃହ ବିବାଦ ପରେ ଛାତ୍ରଛାତ୍ରୀମାନେ ଗତ ଗୁରୁବାର ଅସହ୍ୟ ଗରମ ଗୁଲୁଗୁଳିରେ ଗଛ ମୂଳରେ ପାଠ ପଢିବା ସହ ଗଛ ତଳେ ଖାଦ୍ୟ ଖାଇଥିଲେ । ଏହାପରେ ଶନିବାର ଗ୍ରାମରେ ପ୍ରଶାସନ ପକ୍ଷରୁ ଏକ ବୈଠକ କରାଯାଇ ଏ ସଂକ୍ରାନ୍ତରେ ଆଲୋଚନା ହୋଇଛି । ସହକାରୀ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସୁଦ୍ଧା ଗୋସ୍ୱାମୀ, ସାହାରପଡା ସିଡିପିଓ ଦୀପ୍ତିମୟୀ ନାୟକ, ଅତିରିକ୍ତ ତହସିଲଦାର ଚରଣ ନାଏକ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପୂର୍ବାଶା ପ୍ରିୟଦର୍ଶିନୀ ପାତ୍ର, ସିଲିପଦା ସରପଞ୍ଚ ଜୟନ୍ତୀ ମୁଣ୍ଡା ଅଙ୍ଗନବାଡ଼ି କର୍ମୀ ଏବଂ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ । ବର୍ତ୍ତମାନ ପରିସ୍ଥିତିରେ ପ୍ରାଥମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହରେ ଅଙ୍ଗନବାଡ଼ି ଚାଲୁ ରହିବ ବୋଲି ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସୁଦ୍ଧା ଗୋସ୍ୱାମୀ କହିଛନ୍ତି । ଉକ୍ତ ଅଙ୍ଗନବାଡି ଗୃହକୁ ନିଜ ପଟ୍ଟା ଜାଗାରେ ଥିବା ଦାବିକରି ଗ୍ରାମର ରମେଶଚନ୍ଦ୍ର ମହାନ୍ତ ଏପ୍ରିଲ ୨୫ ତାରିଖରୁ ଏହି ଗୃହକୁ ତାଲା ପକାଇ ରଖିଥିବା ଅଙ୍ଗନବାଡ଼ି କର୍ମୀ ସୁରେଖା ନାଏକ କହିଛନ୍ତି । ୧୬ ବର୍ଷ ପୂର୍ବରୁ ଅଙ୍ଗନବାଡି ଗୃହ ନିର୍ମାଣ ସମୟରେ ରମେଶଙ୍କ ପରିବାରର ଲୋକଙ୍କୁ ଚାକିରି ଦେବା ଆଶ୍ୱାସନ ମିଳିଥିଲା, କିନ୍ତୁ ସେହି ପ୍ରତିଶ୍ରୁତି ପୂରଣ ନ ହେବାରୁ ସେ ଗୃହକୁ କବଜା କରି ରଖି ସେଠାରେ ସାଇକଲ ମରାମତି କେନ୍ଦ୍ର କରିବା ସହ ନିଜ ପରିବାରକୁ ନେଇ ରହୁଛନ୍ତି ।

# ଆଡ଼ଙ୍ଗାପାଳ ନଦୀଶଯ୍ୟାରୁ ୩ ଟ୍ରାକ୍ଟର ଜବତ



ଚମ୍ପୁଆ, ୬।୬(ସମିସ): ଚମ୍ପୁଆ ଅଞ୍ଚଳରେ ଦୀର୍ଘଦିନ ଧରି ଚାଲିଆସୁଥିବା ବେଆଇନ ବାଲି ଚୋରା ଚାଲାଣ ଉପରେ ଚମ୍ପୁଆ ରାଜସ୍ୱ ବିଭାଗ ପକ୍ଷରୁ ଏକ ବଡ଼ ଚଢ଼ଉ କରାଯାଇଛି । ଆଡ଼ଙ୍ଗାପାଳ ନଦୀଶଯ୍ୟାରୁ ବେଆଇନ ଭାବେ ବାଲି ଲୁଟ୍ କରୁଥିବା ସମୟରେ ୩ଟି ବାଲି ଟ୍ରାକ୍ଟରକୁ ଜବତ କରିଛନ୍ତି ଚମ୍ପୁଆ ତହସିଲ୍‌ଦାର ସତ୍ୟବ୍ରତ ସାହୁ । ସୂଚନା ଅନୁଯାୟୀ, ମାଫିଆମାନେ ବିନା ଅନୁମତିରେ ଟ୍ରାକ୍ଟର ଓ ବଡ଼ ଗାଡ଼ି ସାହାଯ୍ୟରେ ବାଲି ଚାଲାଣ କରୁଥିଲେ । ତହସିଲଦାର ନିଜ ଟିମ୍ ସହ ଘଟଣାସ୍ଥଳରେ ହଠାତ ଚଢ଼ଉ କରି ଟ୍ରାକ୍ଟର ଗାଡ଼ିଗୁଡ଼ିକୁ ଜବତ କରିଛନ୍ତି । ପ୍ରଶାସନର ଏହି କଡ଼ା ଆଭିମୁଖ୍ୟ ଯୋଗୁଁ ବେଆଇନ ଖଣିଜ ସମ୍ପଦ ଲୁଟେରାଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି । ୩ଟି ଟ୍ରାକ୍ଟରକୁ ଜବତ କରି ମାଇନିଙ୍ଗ ଭିବାଗକୁ ହସ୍ତାନ୍ତର କରାଯାଇଥିବା ତହସଲଦାରଙ୍କ ସୂତ୍ରରୁ ପ୍ରକାଶ ।

# ଟାୟାର ପାଇଁ ଆମ୍ବୁଲାନ୍ସ ଅଚଳ; ରୋଗୀସେବା ବାଧାପ୍ରାପ୍ତ

ଚମ୍ପୁଆ, ୬।୬(ସମିସ): ରୋଗୀସେବାକୁ ପ୍ରାଥମିକତା ଦେଇ ସରକାର ଡାକ୍ତରଖାନାକୁ ଜରୁରୀ ସେବା ପାଇଁ ଆମ୍ବୁଲାନ୍ସ ଯୋଗାଇ ଦେଇଛନ୍ତି । ମାତ୍ର ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନାରେ ଉକ୍ତ ଆମ୍ବୁଲାନ୍ସ ସେବା ପାଇବାରୁ ରୋଗି ବଞ୍ଚିତ ହେଉଥିବା ଦେଖାଯାଇଛି ।




ଟାୟାର ନଥିବାରୁ ଆମ୍ବୁଲାନ୍ସ ଡାକ୍ତରଖାନା ପରିସରରେ ପଡ଼ିରହିଛି । ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନା ଏକ ରେଫରାଲ ଡାକ୍ତରଖାନା ଭାବରେ ପରିଚିତ ହୋଇଥିବାବେଳେ ଏହି ଡାକ୍ତରଖାନା ଉପରେ ପଡ଼ୋଶୀ ଝାଡଖଣ୍ଡ ରାଜ୍ୟ, ମୟୂରଭଞ୍ଜ ଜିଲ୍ଲା ସହ ସ୍ଥାନୀୟ ଅଞ୍ଚଳର ରୋଗୀ ନିର୍ଭର କରିଆସୁଛନ୍ତି । ଜରୁରିକାଳୀନ ସେବା ଯୋଗାଇବା ପାଇଁ ଏହି ଚିକିତ୍ସାଳୟରେ ୨ଟି ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଥିବା ବେଳେ କିଛି ଦିନ ହେବ ଆମ୍ବୁଲାନ୍ସ ନଂ ଓଡି୦୨ ଡିକେ ୩୧୮୧ ଗାଡିଟି ଟାୟାର ଖରାପ ପାଇଁ ପଡିରହିଛି । ଫଳରେ ଗୋଟିଏ ଗାଡିରେ ସେବା ଦିଆଯାଉଥିବା ବେଳେ ଅନେକ ସମୟରେ ରୋଗୀସେବା ପାଇବାରୁ ବଞ୍ଚିତ ହେଉଛନ୍ତି । ଏନେଇ ଦାୟିତ୍ୱରେ ଥିବା ସୁବ୍ରତ କୁମାରଙ୍କୁ ପଚାରିବାରୁ ଦିନେ କିମ୍ବା ୨ ଦିନ ଭିତରେ ଟାୟାର ଲଗାଯାଇ ସେବା ଯୋଗାଇ ଦିଆଯିବ ବୋଲି ସୂଚନା ଦେଇଛନ୍ତି ।

# ବଜ୍ରାଘାତରେ ଦିବ୍ୟାଙ୍ଗ ଯୁବତୀଙ୍କ ମୃତ୍ୟୁ

ବେତନଟୀ, ୬।୬(ସମିସ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅନ୍ତର୍ଗତ ବିଦୁକୁଡ଼ିଆ ଗ୍ରାମରେ ଗତକାଲି ଅପରାହ୍ନରେ କାଳବୈଶାଖୀ ବର୍ଷା ସମୟରେ ବଜ୍ରାଘାତରେ ଜଣେ ଦିବ୍ୟାଙ୍ଗ ଯୁବତୀଙ୍କ ମୃତ୍ୟୁ ହୋଇଛି । ମୃତକ ହେଉଛନ୍ତି ବିଦୁକୁଡ଼ିଆ ଗ୍ରାମର ସ୍ୱର୍ଗତ ବଂଶୀଧର ପାତ୍ରଙ୍କ କନ୍ୟା ଝୁନୁ ପାତ୍ର (୩୭) । ଝୁନୁ ମୂକ ଓ ବଧିର ଥିଲେ । ଗତକାଲି ଅପରାହ୍ନ ପ୍ରାୟ ସାଢ଼େ ଚାରିଟା ସମୟରେ ଗ୍ରାମରେ ହଠାତ୍ କାଳବୈଶାଖୀ ଆରମ୍ଭ ହୋଇ ଘନଘନ ବଜ୍ରପାତ ହୋଇଥିଲା । ଘର ବାହାରେ ଚରୁଥିବା ଗାଈକୁ ଆଣିବା ପାଇଁ ଝୁନୁ ବାହାରକୁ ଯାଇଥିଲେ । ସେ ସମୟରେ ବଜ୍ରାଘାତର ଶିକାର ହୋଇ ସେ ତଳେ ପଡ଼ିଯାଇଥିଲେ । ଭାଇ ଲମ୍ବୋଦର ପାତ୍ର ଆସି ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ବୈଶିଙ୍ଗା ଡାକ୍ତରଖାନା ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ବୈଶିଙ୍ଗା ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଗ୍ରାମବାସୀ ମୃତକଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ କରିବା ପାଇଁ ଦାବି କରିଛନ୍ତି । ଏପରି ଅକାଳ ମୃତ୍ୟୁ ଗ୍ରାମବାସୀଙ୍କ ମଧ୍ୟରେ ଶୋକର ଛାୟା ଖେଳାଇ ଦେଇଛି ।



# ହାଇୱା ଧକ୍କାରେ ଯୁବକ ମୃତ

ଯୋଡ଼ା, ୬।୬(ସମିସ): କେନ୍ଦୁଝର ଜିଲ୍ଲା ୫୨୦ ନମ୍ବର ଜାତୀୟ ରାଜପଥ ରୁଗୁଡି ଥାନା ଅନ୍ତର୍ଗତ ଗନ୍ଧଲପଦା ନିକଟରେ ଶନିବାର ମଟର ସାଇକଲରେ ଯାଉଥିବା ବେଳେ ଏକ ହାଇୱା ଧକ୍କାରେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ବଡ଼ବିଲ ପଞ୍ଜାବିପଡ଼ାସ୍ଥିତ ଗୁରୁଦେବ ସିଂଙ୍କ ପୁତ୍ର ଆମ୍ରିତ୍ ପାଲ୍ ସିଂ । ଆମ୍ରିତ୍ କୋଇଡ଼ା ଅଭିମୁଖେ ଯାଉଥିବା ବେଳେ ପ୍ରାୟ ୧୨ଟା ସମୟରେ (ଓଡି-୦୯-ଜେଡ଼-୫୫୩୬) ନମ୍ବର ଏକ ହାଇୱା ବେପରୁଆ ଢ଼ଙ୍ଗରେ ଗାଡ଼ି ଚାଳନା କରି ମୋଟର ସାଇକଲଟିକୁ ପଛପଟୁ ଧକ୍କା ଦେଇ ଚଢ଼ିଯାଇଥିଲା । ଯୁବକ ଜଣକ ଗୁରୁତର ଆହତ ହୋଇଥିଲେ । ରୁଗୁଡ଼ି ପୁଲିସ୍ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରି ଆମ୍ରିତ୍‌ଙ୍କୁ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠେଇଥିଲେ । ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ସୂଚନା ଦେଇଛନ୍ତି ।

# ପରିବେଶ ପ୍ରେମରେ ଅବସରପ୍ରାପ୍ତ ଶିକ୍ଷକ



ଉଦଳା/ଖୁଣ୍ଟା, ୬।୬(ସମିସ): ଅବସରପ୍ରାପ୍ତ ଶିକ୍ଷକ ଦୁଲାରାମ ହାଁସଦାଙ୍କ ନିଆରା ନିଶା । ପରିବେଶ ପାଇଁ ନିଜେ ଗଛ ଲଗାଇବା ସହ ଅନ୍ୟମାନଙ୍କୁ ଗଛ ଲଗାଇବା ପାଇଁ ଦେଉଛନ୍ତି ପରାମର୍ଶ । ଶହ ଶହ ଗଛ ଲଗାଇ ଆଜି ସେ ଗଛ ମଣିଷ ଭାବେ ପରିଚିତ । ନିଜେ ଗଛ ଲଗାଇବା ସହ ଅନ୍ୟମାନଙ୍କୁ ଗଛ ଲଗାଇବାକୁ ପ୍ରବର୍ତ୍ତାଉଛନ୍ତି । ଗଛ ରହିଲେ ପରିବେଶ ସୁସ୍ଥ ରହିବ ଓ ଜୀବଜଗତ ସୁସ୍ଥ ରହିବେ ବୋଲି ବାର୍ତ୍ତା ଦେଇଆସୁଛନ୍ତି । ଗଛ ପ୍ରେମରେ ପାଗଳ ଦୁଲାରାମ । ଘର ହେଉ କି ସ୍କୁଲ ହେଉ ବିଭିନ୍ନ ସ୍ଥାନରେ ଗଛ ଲଗାଇ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ବ୍ଲକ ଗଡିଗାଁ ଗ୍ରାମର ଏ ହେଉଛନ୍ତି ଦୁଲାରାମ ହାଁସଦା । ଦୁଲାରାମ ସାର୍ ଜଣେ ସରଳ ମଣିଷ ଭାବେ ଜୀବନ ଅତିବାହିତ କରୁଥିବାବେଳେ ଗଛ ଲଗାଇବା ତାଙ୍କ ପାଇଁ ନିଶା ପାଲଟିଯାଇଛି । ଦୁଲାରାମ ଶିକ୍ଷକ ଭାବେ ଅବସର ଗ୍ରହଣ କରିଛନ୍ତି । ଚାକିରି ସମୟରୁ ସେ ବିଭିନ୍ନ ସ୍ଥାନରେ ଗଛ ଲଗାଇବା ସହ ପରିବେଶ କିପରି ସୁସ୍ଥ ରହିବ ସେଥିପାଇଁ ସମସ୍ତଙ୍କୁ ଦେଇଥାନ୍ତି ପରାମର୍ଶ । ଭିନ୍ନ ଚିନ୍ତାଧାରା ତାଙ୍କୁ ସାମାଜ ପାଇଁ ଦେଉଛି ଭିନ୍ନ ପରିଚୟ । ପରିବେଶ ସୁସ୍ଥ ରହିଲେ ଜୀବଜଗତ ସୁସ୍ଥ ରହିବେ । ଏହାର ବାର୍ତ୍ତା ସମସ୍ତଙ୍କ ପାଖରେ ପହଞ୍ଚିବା ପାଇଁ ଚେଷ୍ଟା ଜାରି ରଖିଛନ୍ତି ।

# ଉଦଳା ରୋଟାରୀ କ୍ଲବ୍ ବୈଠକ



ଉଦଳା, ୬।୬(ସମିସ): ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଉପଖଣ୍ଡ ଉଦଳା ରୋଟାରିଆନଙ୍କ ବୈଠକ ସନ୍ଧାନ ଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି । ରୋଟାରିଆନ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ରୋଟାରିଆନ ମନୋଜ କୁମାର ତ୍ରିପାଠୀ, ମଧୁସ୍ମିତା ତ୍ରିପାଠୀ ଯୋଗ ଦେଇଥିଲେ । ୨୨୦ଟି ଦେଶରେ ରୋଟାରୀ କ୍ଲବ୍ ୫୦୦୦ ଜିଲ୍ଲାରେ ସମାଜର ବହୁବିଧ ସେବା ଓ ସଚେତନତା ବାର୍ତ୍ତା ସହିତ ଗଠନମୂଳକ କାର୍ଯ୍ୟକ୍ରମ ହାତକୁ ନେଇ ପୃଥିବୀରେ ଖ୍ୟାତି ଅର୍ଜନ କରିଛି । ଉଦଳାରେ ରୋଟାରୀ କ୍ଲବ୍ ପକ୍ଷରୁ ଡାଇଗୋନିଷ୍ଟ ସେଣ୍ଟର, ପାରା ମେଡିକାଲ ପାଠ୍ୟକ୍ରମ, ଦୁର୍ଗମ ଅଞ୍ଚଳରେ ରୋଗୀସେବା ପାଇଁ ବାଇକ୍ ଆମ୍ବୁଲାନ୍ସ, ୧ ଏକର ୩୦ ଡିସିମିଲ ଜମିରେ ବୃଦ୍ଧାଶ୍ରମ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଚଳିତ ବର୍ଷ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦନ କରାଯାଇଛି । ଉତ୍ତମ ଶିକ୍ଷାଦାନ ଦେଉଥିବା ଶିକ୍ଷକଙ୍କୁ ସମ୍ମାନୀତ କରାଯାଇଛି । ବୃକ୍ଷରୋପଣ, ବିଶୁଦ୍ଧ ପାନୀୟଜଳ ଉଦଳାର ବସ୍‌ଷ୍ଟାଣ୍ଡ ଓ ଉଦଳା ଥାନା ସମ୍ମୁଖରେ ପ୍ରଦାନ କରାଯାଇଛି । ଏଭଳି ଆଗକୁ ବହୁବିଧ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ସମ୍ପାଦକ ସୁଦର୍ଶନ ପ୍ରଧାନ ମତବ୍ୟକ୍ତ କରିଥିଲେ । ବୃଦ୍ଧାଶ୍ରମ ପାଇଁ ଇଂ ସୁବାସ ପଣ୍ଡା ନିଜ ଜମି ବୃଦ୍ଧାଶ୍ରମକୁ ପ୍ରଦାନ କରିଛନ୍ତି । ବହୁ ସଂଖ୍ୟକ ମହିଳାଙ୍କୁ ଉଦଳା ରୋଟାରୀ କ୍ଲବରେ ସାମିଲ ପାଇଁ ଉତ୍ସବର ଅତିଥି ମଧୁସ୍ମିତା ତ୍ରିପାଠୀ ମତବ୍ୟକ୍ତ କରିଥିଲେ ।

### ଆଖଡ଼ାଶାଳ ଗ୍ରାମକୁ ନାହିଁ ସରକାରୀ ରାସ୍ତା

# ଗାଁଲୋକ ଓ ସମାଜସେବୀ ମିଶି କଲେ ରାସ୍ତା

କଳାବାଡ଼ିଆ,୬।୬(ସମିସ): ବାଙ୍ଗିରିପୋଷି ବ୍ଲକ୍ କଳାବାଡ଼ିଆ ପଞ୍ଚାୟତ ଆଖଡ଼ାଶାଳ ଗ୍ରାମରେ ୩୫ରୁ ଊର୍ଦ୍ଧ୍ୱ ପରିବାର ବସବାସ କରନ୍ତି । ଏହି ପରିବାର ମୌଳିକ ସୁବିଧାରୁ ବଞ୍ଚିତ । ୧୦୦ରୁ ଊର୍ଦ୍ଧ୍ୱ ଗାଁ ଲୋକ ଦିନମଜୁରୀ କରି ପରିବାର ପ୍ରତିପୋଷଣ କରନ୍ତି । ଗାଁକୁ ଯିବା ପାଇଁ ସରକାରୀ ରାସ୍ତା ନାହିଁ । ଗାଁ ପାଖ ଦେଇଯାଇଥିବା ସୁବର୍ଣ୍ଣରେଖା ଶାଖା କେନାଲ ଆଡି ମୁଖ୍ୟ ରାସ୍ତା । କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବାରୁ ଏହି ମାଟି ରାସ୍ତା ଖାଲଢିପରେ ଭର୍ତ୍ତି ହୋଇରହିଥିଲା । ବର୍ଷାଦିନେ ଗାଁର ଛାତ୍ରଛାତ୍ରୀ, ମହିଳାଙ୍କ ସହିତ ଜନସାଧାରଣ ନାହିଁ ନ ଥିବା କଷ୍ଟ ଭୋଗୁଥିଲେ । ବାରମ୍ବାର ଅଭିଯୋଗ ପରେ ମଧ କେହି ଶୁଣୁଥିଲେ । ଜଗନ୍ନାଥ ଖୁଣ୍ଟା ଗ୍ରାମର ସମାଜସେବୀ ସନ୍ତୋଷ କଳିଆଙ୍କୁ ଅନୁରୋଧ କରିବାରୁ ସେ ସହାୟତାର ହାତ ବଢ଼ାଇଛନ୍ତି । ମେସିନ ଓ ଟ୍ରାକ୍ଟର ସାହାଯ୍ୟରେ କେନାଲ ରାସ୍ତାରେ ମୁରୁମ ପକାଇଲା ପରେ ଗାଁ ଲୋକ ଶ୍ରମଦାନ କରି ରାସ୍ତାକୁ ତିଆରି କରିଛନ୍ତି । ଶ୍ରୀ କଳିଆଙ୍କୁ ଜନସାଧାରଣ ଧନ୍ୟବାଦ ଜଣାଇବା ସହିତ ଗାଁଠାରୁ ଅଙ୍ଗନବାଡ଼ି, ବିଦ୍ୟାଳୟ ଏକ କିଲୋମିଟରରୁ ଊର୍ଦ୍ଧ୍ୱ ହେଉଥିବାବେଳେ ପ୍ରତ୍ୟେକ ଦିନ ଗାଁର ଛାତ୍ରଛାତ୍ରୀ ଜାତୀୟ ରାଜପଥ ୧୮ର କଳାବାଡିଆ-ଝାରପୋଖରିଆ ରାସ୍ତା ବିପଦପୂର୍ଣ୍ଣ ଭାବେ ଅତିକ୍ରମ କରି ଯାଇଥା'ନ୍ତି ।



ଗାଁରେ ଏକ ଅଙ୍ଗନବାଡି ଖୋଲିବାକୁ ଗାଁର କଟିଆ ସିଂ, କାଳିଆ ସିଂ, ବାବୁ ସିଂ, ପକ୍ଷୀ ସିଂ, ଟିକିନା ବିନ୍ଧାଣି ଦାବି କରିଛନ୍ତି ।

# ଅବ୍ୟବସ୍ଥା ଘେରରେ ଠାକୁରମୁଣ୍ଡା ବ୍ଲକ୍ କାର୍ଯ୍ୟାଳୟ

ମହୁଲଡିହା,୬।୬(ସମିସ):

ସରକାର ବଦଳିବା ପରେ ସାଧାରଣ ଲୋକଙ୍କ ଧାରଣା ଅନେକ କିଛି ପରିବର୍ତ୍ତନ ହେବ । ବିକାଶର ଧାରା ଆହୁରି ଅଧିକ ତ୍ୱରାନ୍ୱିତ ହେବ । ଦୁଇବର୍ଷ ପୂର୍ବେ ତଳ ସ୍ତରରେ ଯାହା ବିକାଶ ହୋଇଥିଲା, ସେଥିରେ ବିଶେଷ କିଛି ପରିବର୍ତ୍ତନ ଦେଖି ମିଳୁନି । ବରଂ ବିଭିନ୍ନ କାରଣରୁ ପ୍ରଗତି ଆଗକୁ ନ ଯାଇ ଠପ ହୋଇଯାଇଥିବା କୁହାଯାଉଛି । ଠାକୁରମୁଣ୍ଡା ବ୍ଲକ ପରିସରରେ ସୁଦ୍ଧା ପରିବର୍ତ୍ତନ ଆସିପାରୁନାହିଁ । ସଂପ୍ରତି ରୌଦ୍ରତାପରେ ପାଣି ମୁନ୍ଦେ ମିଳୁନି । ଥଣ୍ଡା ପାନୀୟଜଳ ବ୍ୟବସ୍ଥା ହୋଇଛି ସତ, ତାହା କାର୍ଯ୍ୟକାରୀ ହୋଇପାରୁନି । କେବଳ ଯେ ପାଣି ସମସ୍ୟା ସେ କଥା ନୁହେଁ, ଶୌଚାଳୟଟିଏ ନାହିଁ । ସ୍ୱଚ୍ଛ ଭାରତର ଡିଣ୍ଡିମ ପିଟୁଥିବା ସରକାର ଏଯାବତ ଖୋଲା ସ୍ଥାନରେ ବ୍ଲକ ପରିସରରେ ମହିଳା, ପୁରୁଷ ପରିସ୍ରା କରୁଛନ୍ତି । ଲକ୍ଷ




ଲକ୍ଷ ଟଙ୍କା ବ୍ୟୟରେ ବ୍ଲକ୍ ପରିସରରେ ଥିବା ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଘରେ ରହିଛି ବ୍ଲକର ସଭା ଗୃହ । ସଭା ଗୃହ ପାଇଁ ନିର୍ମିତ ଶୌଚାଳୟ ବ୍ୟବହାରଯୋଗ୍ୟ ନୁହେଁ । ସେହିପରି ସଭାଗୃହରେ ଲାଗିଥିବା ଏସି କାମ କରୁ ନ ଥିବାବେଳେ ଲାଗିଥିବା ସାଉଣ୍ଡ ବ୍ୟବସ୍ଥା ଅଚଳ । ଏଥିପାଇଁ ଥିବା ସ୍ୱତନ୍ତ୍ର ଡିଜି ପ୍ରାୟ ବର୍ଷାଧିକ କାଳ ହେଲା ଅଚଳ ପଡ଼ିଛି । ସେହି ଗୃହରେ ଅନ୍ୟ କୋଠରୀରେ ମନରେଗା କର୍ମଚାରୀ ବସି କାମ କରନ୍ତି । ବିଦ୍ୟୁତ ଚାଲିଗଲେ ବିକଳ୍ପ ଭାବେ ଇନଭର୍ଟର ରହିଛି । ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ତାହା କାମ କରୁନାହିଁ ।

ନିକଟରେ ବ୍ଲକ ସଭାଗୃହରେ ବିପର୍ଯ୍ୟୟ ପରିଚାଳନା ସଂକ୍ରାନ୍ତୀୟ ସ୍ୱେଚ୍ଛାସେବୀଙ୍କ ୭ ଦିନିଆ ତାଲିମ ଅନୁଷ୍ଠିତ ହୋଇଥିଲା । ସମସ୍ତେ ପାଣି, ଶୌଚାଳୟ ଓ ଗରମ କାରଣରୁ ଅକଥନୀୟ ଦୁର୍ଦ୍ଦଶାର ଶିକାର ହୋଇଥିବା କହିଛନ୍ତି । ବ୍ଲକ ପରିସରରେ ରହିଛି ତହସିଲ, କୃଷି, ମତ୍ସ୍ୟ, ଆଇସିଡିଏସ, କୋର୍ଟ ଆଦି ବହୁ କାର୍ଯ୍ୟାଳୟ । ଦୈନିକ ଶହ ଶହ ଲୋକ ନିଜର କାମ ପାଇଁ ଆସୁଥିଲେ ମଧ ସର୍ବନିମ୍ନ ସୁବିଧା ଯୋଗାଇ ପାରୁନି ପ୍ରଶାସନ । ନୂଆ ସରକାରରେ ଏହା ନୂଆ ଉପଲବ୍ଧି ବୋଲି କହୁଛନ୍ତି ଲୋକ । ପ୍ରଶାସନ ଏଠାରେ ଏକପ୍ରକାର ସ୍ଥାଣୁ ଅବସ୍ଥାକୁ ଆସିଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ବ୍ଲକ ବିଜେଡି ସଭାପତି ଚନ୍ଦ୍ରଶେଖର ପଣ୍ଡା କହିଛନ୍ତି, ବର୍ତ୍ତମାନ ପ୍ରଶାସନ ଥିବା ଭଳି ଅନୁଭବ ହେଉନାହିଁ । ମନମୁଖୀରେ ଶାସନ ଚାଲିଛି । କେବଳ ଉଦଘାଟନ ହେଉଛି, ତା'ପରେ ସବୁ ଅଚଳ । ବିଚିତ୍ର ସ୍ଥିତି ବ୍ଲକରେ । କାମ କ୍ଷେତ୍ରରେ ମଧ ପ୍ରଶାସନର ନିୟନ୍ତ୍ରଣ ନାହିଁ ବୋଲି ସମାଲୋଚନା କରିଛନ୍ତି । ରାଜ୍ୟ ମହିଳା କଂଗ୍ରେସ ଉପସଭାନେତ୍ରୀ ଜବାମଣୀ ଟୁଡୁ କହିଛନ୍ତି, ସରକାରୀ ଅପାରଗତା କାରଣରୁ ତଳ ସ୍ତରରେ ସ୍ଥାଣୁତା ଆସିଯାଇଛି । ଠାକୁରମୁଣ୍ଡା ବ୍ଲକରେ ଆମ ଅବସ୍ଥା ଦୟନୀୟ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା କରଞ୍ଜିଆ ବିଧାୟକ ଠାକୁରମୁଣ୍ଡା ବ୍ଲକର । ଏହାସତ୍ତ୍ୱେ ସ୍ଥିତି ଚିନ୍ତାଜନକ । ବ୍ଲକ୍ କଂଗ୍ରେସ ସଭାପତି ରବୀନ୍ଦ୍ର ତ୍ରିପାଠୀ କହିଛନ୍ତି, ୨୪ ବର୍ଷ ସରକାରଙ୍କୁ ପ୍ରତ୍ୟଖ୍ୟାନ କରି ଲୋକେ ଅନେକ କିଛି ଆଶା କରିଥିଲେ । ମାତ୍ର ଦୁଇ ବର୍ଷରେ କୌଣସି ସଫଳତା ମିଳିପାରିଲାନାହିଁ । ପ୍ରଶାସନ ବ୍ୟବସ୍ଥାକୁ ଚାଲୁ ରଖିବାରେ ମଧ ସରକାର ବିଫଳ ହୋଇଛି ।

## ଚେକ୍ ଡ୍ୟାମ୍ କାମରେ ଅନିୟମିତତା

# ଚାଷୀଙ୍କୁ ଅଣଦେଖା ଓ ନିମ୍ନମାନର ସାମଗ୍ରୀ ବ୍ୟବହାର ଅଭିଯୋଗ

ବଡ଼ସାହି, ୬।୬(ସମିସ): ବଡସାହି ବ୍ଲକ ଅଧୀନ କୋଚିଲାଖୁଣ୍ଟା ପଞ୍ଚାୟତ ବାଘମରା ଗ୍ରାମର ବହୁ ଆଦିବାସୀ ଲୋକଙ୍କ ଉଚ୍ଚ ଜମି ରହିଛି। ଏହି ଜମିରେ ଜଳଧାରଣା ଶକ୍ତି ନ ଥିବାରୁ ବର୍ଷା ଜଳ ଧରି ରଖି ଚାଷ କାର୍ଯ୍ୟରେ ବିନିଯୋଗ କରିବା ପାଇଁ ଚାଷୀଙ୍କ ପକ୍ଷରୁ ବାରମ୍ବାର ଦାବି ହୋଇଆସୁଥିଲା। ଚାଷୀଙ୍କ ଦାବିକୁ ବିଚାର କରି ଆଇଟିଡିଏ ବିଭାଗ ପକ୍ଷରୁ ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ଚେକ୍ ଡ୍ୟାମ ନିର୍ମାଣ କାମ ଚାଲିଛି। ତେବେ ଏହି କାମ ନିମ୍ନମାନର ହେଉଥିବା

**■ ଲାଗିନି ସୂଚନା ଫଳକ**
**■ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି**

ଅଭିଯୋଗ ହୋଇଛି। ଚାଷୀଙ୍କୁ ଅଣଦେଖା କରି ନିକାମ କରାଯାଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

ଚେକ୍ ଡ୍ୟାମ ପାଇଁ ୫୦ ଲକ୍ଷ ଟଙ୍କ ବ୍ୟୟ ଅଟକଳ ହୋଇଥିଲେ ହେଁ ଚୁକ୍ତି ଅନୁଯାୟୀ କାମ ହେଉ ନ ଥିବାରୁ ପ୍ରକୃତ ଉଦ୍ଦେଶ୍ୟ ସାଧିତ ହେବ ନାହିଁ ବୋଲି ଚାଷୀ ଅଭିଯୋଗ କରିଛନ୍ତି। ଏହି କାମରେ ନିମ୍ନମାନର ମେଟାଲ, ଚିପ୍ସ ଓ ସିମେଣ୍ଟ ବ୍ୟବହାର କରାଯାଉଥିବାବେଳେ



ଏହାର ମୂଳଦୁଆ ମଧ୍ୟ ଅଟକଳ ଅନୁସାରେ ପଡ଼ିନାହିଁ। ଫଳରେ ଏହି ଚେକ୍ ଡ୍ୟାମର ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠିଛି। ତ୍ରୁଟିପୂର୍ଣ୍ଣ ଅଟକଳ ଓ ନିର୍ମାଣ ସମୟରେ ସ୍ଥାନୀୟ ଚାଷୀଙ୍କ ପରାମର୍ଶକୁ ଅଣଦେଖା କରାଯାଉଥିବାରୁ ବହୁ ଜମିରେ ପାଣି ମାଡିବ ନାହିଁ। କାର୍ଯ୍ୟସ୍ଥଳୀରେ କୌଣସି ସୂଚନା ଫଳକ ନ ଥିବାର କାର୍ଯ୍ୟ ସମ୍ପର୍କରେ ଚାଷୀ ପ୍ରକଳ୍ପ ସୂଚନା ମଧ୍ୟ ଜାଣି ପାରୁନାହାନ୍ତି। ଯନ୍ତ୍ରୀ କିମ୍ବା ବିଭାଗୀୟ ଅଧିକାରୀଙ୍କୁ କାର୍ଯ୍ୟସ୍ଥଳରେ ଦେଖିବାକୁ ମିଳୁନାହିଁ। କାର୍ଯ୍ୟାଳୟକୁ ଗଲେ ଦେଖା ମିଳୁ ନ ଥିବାବେଳେ ସେମାନଙ୍କୁ ଅନ୍ଧାରରେ ରଖାଯାଉଛି। ଫଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଚାଷୀ ଏ ସମ୍ପର୍କରେ ଜିଲ୍ଲାପାଳ, ଭିଜିଲାନ୍ସ ଓ ପିଏ ଆଇଟିଡିଏଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଚାଷୀଙ୍କ ସହିତ ଆଲୋଚନା ନ କରି ଚେକ୍ ଡ୍ୟାମ୍ ଠିକାଦାରଙ୍କୁ ସୁହାଇବା ଭଳି ସ୍ଥାନରେ ନିର୍ମାଣ କରାଯାଇଥିବା ସେମାନେ ଅଭିଯୋଗ ହୋଇଛି। ଫଳରେ ଚେକ୍ ଡ୍ୟାମ ଉପରକୁ ରହି ଯାଉଥିବା ବହୁ ଜମିରେ ପାଣି ମାଡିବାର ସମ୍ଭାବନା ନ ଥିବାବେଳେ ସେହି ଚାଷଜମି ପଡ଼ିଆ ପଡ଼ିବ ବୋଲି ସେମାନେ ପ୍ରକାଶ କରିଛନ୍ତି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ନିର୍ମାଣ ସମୟରେ ଠିକାଦାର ସେମାନଙ୍କ କଥାକୁ ଭ୍ରୂକ୍ଷେପ କରୁ ନ ଥିବାରୁ ଲକ୍ଷଲକ୍ଷ ଟଙ୍କାରେ ନିର୍ମିତ ପ୍ରକଳ୍ପକୁ ନେଇ ସମସ୍ତ ଚାଷୀ ଉପକୃତ ହେବେ ନାହିଁ ବୋଲି ଜଣାପଡ଼ିଛି। ସ୍ଥାନେ ସ୍ଥାନେ ଚେକ୍ ଡ୍ୟାମର ଢେଇଇ ୱାଲ ଅତ୍ୟନ୍ତ କମ୍ ଭାଗ ମାପରେ ନିର୍ମାଣ ହୋଇଥିବାବେଳେ ଫାଟ ସୃଷ୍ଟି ହେବାକୁ ବସିଲାଣି। ଏତଦବ୍ୟତୀତ ଚେକ୍ ଡ୍ୟାମରୁ ଜଳ ନିଷ୍କାସନ ହୋଇ କେନାଲ ମାଧ୍ୟମରେ ଚାଷ ଜମିରେ କିପରି ସଠିକ୍ ଭାବେ ପହଞ୍ଚିବ, ସେ ନେଇ ଚାଷୀଙ୍କ ସହିତ ଆଲୋଚନା କରିବାକୁ ଦାବି ହୋଇଛି। ତେଣୁ ଏଷ୍ଟିମେଣ୍ଟ ଅନୁଯାୟୀ ଯଦି କାମ ନ ହୁଏ, ତେବେ ଗ୍ରାମବାସୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରକାଶ କରିଛନ୍ତି।

## ଯବାନଙ୍କୁ ଜନ୍ମମାଟିରେ ଭବ୍ୟ ସ୍ୱାଗତ



ଉଦଳା, ୬।୬(ସମିସ): ସେନାବାହିନୀରୁ ଅବସର ଗ୍ରହଣ ପରେ ଜନ୍ମମାଟିକୁ ଫେରିଛନ୍ତି ଜଗନ୍ନାଥ ହେମ୍ବ୍ରମ। ସେ ପରିବାର ସହ ଗାଁରେ ପହଞ୍ଚିବା ପରେ ଗ୍ରାମର ଲୋକେ ତାଙ୍କୁ ଭବ୍ୟ ସ୍ୱାଗତ କରିଛନ୍ତି। ଡିଜେ ଓ ମାଦଳର ତାଳେ ତାଳେ ଶୋଭାଯାତ୍ରାରେ ସ୍ୱାଗତ କରାଯାଇଛି। ମୟୂରଭଞ୍ଜ ଜିଲ୍ଲା ଉଦଳା ବ୍ଲକ କଦଳୀବାଡିଆ ଗ୍ରାମର ଜଗନ୍ନାଥ ହେମ୍ବ୍ରମଙ୍କୁ ସ୍ୱାଗତ କରିବାକୁ ଗ୍ରାମବାସୀ ଏକ ଭବ୍ୟ ଉତ୍ସବ ଆୟୋଜନ କରିଥିଲେ। ଏହି ସ୍ୱାଗତ ପାଇଁ ସମସ୍ତଙ୍କ ମଧ୍ୟରେ ଖୁସି କହିଲେ ନ ସରେ। ସେ ୧୯୮୮ରେ ରାଜସ୍ଥାନରେ ସିଆରପିଏଫ ୭୧ ବାଟାଲିୟନରେ ଯୋଗ ଦେଇଥିଲେ। ପରେ ଆସାମ, ଛତିଶଗଡ଼ ଓ ଜମ୍ମୁ-କାଶ୍ମୀରରେ ନିଜର କାର୍ଯ୍ୟ ସମ୍ପାଦନ କରିଥିଲେ। ୩୮ ବର୍ଷ ଚାକିରି କରିବା ପରେ ଆଜି ନିଜ ଜନ୍ମ ମାଟିକୁ ଫେରିଥିଲେ। ଗ୍ରାମର ଛୁଆଠୁ ବୟସ୍କ, ମହିଳା ଓ ପୁରୁଷଙ୍କ ସହ ଯୁବକ ସଂଘ ସଦସ୍ୟ ଗାଁ ମୁଣ୍ଡରେ ଅପେକ୍ଷା କରିଥିଲେ। ଜଗନ୍ନାଥ ଓ ତାଙ୍କ ପତ୍ନୀ ପଦ୍ମାବତୀ ଗାଁରେ ପହଞ୍ଚିବା ପରେ ସେମାନଙ୍କ ଗୋଡ଼ ଧୋଇବା ସହ ଫୁଲ ଚନ୍ଦନ ଦେଇ ବନ୍ଦାପନା କରି ସ୍ୱାଗତ କରିଥିଲେ। ପରେ ସେଠାରୁ ଶୋଭାଯତ୍ରାରେ ଗାଁ ପରିକ୍ରମା କରାଯାଇଥିଲା।

# ମନରେଗା କାମରେ ଦୁର୍ନୀତି ଅଭିଯୋଗ

ରାଇରଙ୍ଗପୁର, ୬।୬(ସମିସ): ଆଦିବାସୀ ବହୁଳ ବାମନଘାଟି ଉପଖଣ୍ଡରେ ଦିନକୁ ଦିନ ଦୁର୍ନୀତି ମାତ୍ରା ବୃଦ୍ଧି ପାଇବାରେ ଲାଗିଲାଣି। ବହଳଦା ବ୍ଲକରେ ମନରେଗା କାମରେ ଦୁର୍ନୀତି ନେଇ ଅଭିଯୋଗ ହୋଇଛି। ଗ୍ରାମୀବାସୀଙ୍କୁ ଗ୍ରାମ ନିକଟରେ ରୋଜଗାର ଯୋଗାଇବା ପାଇଁ ସରକାର ଉକ୍ତ ଯୋଜନା କାର୍ଯ୍ୟକାରୀ କରିଥିବାବେଳେ ସେଥିରେ ଦୁର୍ନୀତି ନେଇ ଅଭିଯୋଗ ହୋଇଛି। ଫଳରେ ଉନ୍ନତି ସାଧିତ ହେବା ବଦଳରେ ଦୁର୍ନୀତି କରି ଲକ୍ଷାଧିକ ଟଙ୍କା ଚଲୁ କରାଯାଉଛି। କେବଳ ନିର୍ମାଣ କାର୍ଯ୍ୟର ସୂଚନା ଫଳକ କରି ୧୦,୦୦୦ରୁ ଊର୍ଦ୍ଧ୍ୱ ଟଙ୍କାର ବିଲ ଉଠାଣ ହୋଇଛି। କେଉଁଠି ମେଟାଲ ବଦଳରେ ମୋରମ ପକାଇ ଲକ୍ଷାଧିକ ଟଙ୍କା ଆତ୍ମସାତ ହୋଇଛି। ସମ୍ପୂର୍ଣ୍ଣ ବ୍ଲକରେ ଅନେକ କାମ ସମାନ ଭାବେ ନ ହୋଇ ବିଲ୍ ଉଠାଣ ନେଇ ଅଭିଯୋଗ ହୋଇଛି। ଯାହାକୁ ନେଇ ଗ୍ରାମବାସୀ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।

ବହଳଦା ବ୍ଲକ ଅନ୍ତର୍ଗତ ବଡ଼ପଳସା ପଞ୍ଚାୟତର ବୁରୁପଳସା ଗ୍ରାମରେ ଦୁର୍ନୀତିର ଗନ୍ଧ ବାରି ହାଇଛି। ଗ୍ରାମ୍ୟ ବିକାଶ ମନ୍ତ୍ରାଳୟ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ରିପୋର୍ଟ ଅନୁସାରେ ବୁରୁପଳସା ଗ୍ରାମରେ ୧ ଲକ୍ଷ ୫୨ ହଜାର ଟଙ୍କା ବ୍ୟୟରେ ୫୦ ପରିବାର ନିମନ୍ତେ ସଫିଟ୍ ନିର୍ମାଣ ହେବା କଥା। ସେଠାରେ ଏକ ସୂଚନା ଫଳକ ନିର୍ମାଣ କରି ଅଣକୁଶଳୀ ଶ୍ରମିକ ନାମରେ ୧୦, ୧୯୧ ଟଙ୍କା ବିଲ କରାଯାଇଛି। କିନ୍ତୁ ସଫିଟ୍ ନିର୍ମାଣ ହୋଇନାହିଁ। ସେହିପରି ଗ୍ରାମରେ ଚଳିତ ବର୍ଷ ଜାନୁଆରୀ ୧ ତାରିଖରେ ବଡ଼ସାହିଠାରୁ ଘାରିମୁଡୁ ପର୍ଯ୍ୟନ୍ତ ୫ ଲକ୍ଷ ଟଙ୍କାର ମୋରମ ପକାଇ ରାସ୍ତା ମରାମତି କରାଯିବା କଥା। ୫ ମାସ ଭିତରେ ଉକ୍ତ ସ୍ଥାନରେ ସୂଚନା ଫଳକ ମଧ୍ୟ ଲାଗିନାହିଁ କି ମୋରମ ମଧ ପଡ଼ିନାହିଁ। ଯଦିଓ ରାସ୍ତାଟି ନାଲି ଦେଖାଯାଉଛି ତାହା ଡିଆରଡିଏ ମାଧ୍ୟମରେ ପୂର୍ବରୁ ମୋରମ ପଡ଼ିଛି। ରିପୋର୍ଟ ଅନୁସାରେ, ଅଣକୁଶଳୀ ଶ୍ରମିକ ନାମରେ ୨ ଲକ୍ଷ ୩୫ ହଜାର ୫ ଶହ ୯୯ ଟଙ୍କା ଉଠାଯାଇଛି। ଯଦି କାମ ହୋଇନି ତେବେ ଅଣକୁଶଳୀ ଶ୍ରମିକ ନାମରେ ବିଲ ଉଠିଲା କେମିତି ବୋଲି ଗ୍ରାମର ଚରଣ ହେମ୍ବ୍ରମ, ବାରିସା ହେମ୍ବ୍ରମ, ମାସାଙ୍ଗ ହାଁସଦାଙ୍କ ସମେତ ଅନ୍ୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ବର୍ଷାଦିନେ କାଦୁଅ ରାସ୍ତା ପାଇଁ କଲବଲ ହେଉଥିବାବେଳେ ବାରମ୍ବାର ଅଭିଯୋଗ କରିବାରୁ ୯ ଲକ୍ଷ ୯୬ ହଜାର ୫ ଶହ ୬୧ ଟଙ୍କା ବ୍ୟୟରେ ବଡ଼ପଳସା ପଞ୍ଚାୟତଠାରୁ ବୁରୁପଳସା ଗ୍ରାମ ପର୍ଯ୍ୟନ୍ତ ମୋରମ ଓ ମେଟାଲ ରାସ୍ତା ପାଇଁ ଅନୁମୋଦନ ହୋଇଥିଲା। ମାତ୍ର ସେଠାରେ ମଧ୍ୟ ସମ୍ପୂର୍ଣ୍ଣ ରାସ୍ତାରେ ମୋରମ ପକାଇ ଅଣକୁଶଳୀ ଶ୍ରମିକ ନାମରେ ୪ ଲକ୍ଷ ୬୩ ହଜାର ୨ ଶହ ୮୧ ଟଙ୍କା ବିଲ କରାଯାଇଛି। ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗର ରିପୋର୍ଟ ପୋର୍ଟାଲରେ ମେଟେରିଆଲ ଘର ସମ୍ପୂର୍ଣ୍ଣ ଫାଙ୍କା ପଡ଼ିଛି। ଏଥିରୁ ସ୍ପଷ୍ଟ ଜଣାପଡୁଛି, ଆଗାମୀ ଦିନରେ ମେଟେରିଆଲ ବାବଦକୁ ସମ୍ପୂର୍ଣ୍ଣ ଟଙ୍କା ହଡ଼ପ କରାଯାଇଥା'ନ୍ତା। ଏସବୁ କାମର ଉଚ୍ଚସ୍ତରୀୟ ତଦନ୍ତର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

## ରାସଗୋବିନ୍ଦପୁର ରେଞ୍ଜକୁ ଫେରିଲେ ୫୫ରୁ ଅଧିକ ହାତୀ

# ୫ଟି ଘର ଭାଙ୍ଗିବା ସହ ବ୍ୟାପକ ଫସଲ ନଷ୍ଟ



ରାସଗୋବିନ୍ଦପୁର, ୬।୬ (ସମିସ): ରାସଗୋବିନ୍ଦପୁର ବନାଞ୍ଚଳରେ ପୁଣି ହାତୀ ଉପଦ୍ରବ ବଢ଼ିଛି। ରାସଗୋବିନ୍ଦପୁର ରେଞ୍ଜକୁ ୫୫ରୁ ଅଧିକ ହାତୀ ଫେରି ଆସିଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି। ୫ଟି ଘର ଭାଙ୍ଗିବା ସହ ବ୍ୟାପକ ଫସଲ ନଷ୍ଟ କରିଛନ୍ତି। ହାତୀ ପଲ ବର୍ତ୍ତମାନ ରଙ୍ଗୀଆମ, ବେତନାସିଆ, ଅସ୍ତିଆ, ପୋଡାପଡ଼ା, କାଞ୍ଜିଆମୁଣ୍ଡା, ଭଦୁଆ ଓ ସାରୁମୂଳା ଅଞ୍ଚଳରେ ଭାଗ ଭାଗ ହୋଇ ଅବସ୍ଥାନ କରୁଛନ୍ତି। ଫଳରେ ବନ ବିଭାଗ ପକ୍ଷରୁ ହାତୀଙ୍କୁ ଗୋଟିଏ ସ୍ଥାନରେ ଆୟତ୍ତ କରିବା ଓ ଜଙ୍ଗଲ ମୁହାଁ କରାଇବାରେ ସମସ୍ୟା ହେଉଛି।

ରାସଗୋବିନ୍ଦପୁର ରେଞ୍ଜ ଅଧିକାରୀ ଘନଶ୍ୟାମ ସିଂଙ୍କ କହିବା ଅନୁଯାୟୀ, ହାତୀମାନେ ବିଭିନ୍ନ ଗ୍ରାମରେ ପ୍ରବେଶ କରି ୫ଟି ଘର ଭାଙ୍ଗିଛନ୍ତି। ଏଥିସହ ଏକର ଏକର ଚାଷଜମିରେ ଧାନ ଓ ଅନ୍ୟାନ୍ୟ ଫସଲ ନଷ୍ଟ କରିଛନ୍ତି। ବନ ବିଭାଗ କର୍ମଚାରୀ ନିରନ୍ତର ନଜର ରଖିଥିଲେ ମଧ୍ୟ ହାତୀ ଛୋଟ ଛୋଟ ଦଳରେ ବିଭକ୍ତ ହୋଇ ରହିଥିବାରୁ ପରିସ୍ଥିତି ଜଟିଳ ହୋଇପଡ଼ିଛି। ଗ୍ରାମବାସୀ କ୍ଷତିଗ୍ରସ୍ତ ପରିବାରଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ ସହ ହାତୀ ଉପଦ୍ରବ ନିୟନ୍ତ୍ରଣ ପାଇଁ ସ୍ଥାୟୀ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ ବନ ବିଭାଗ ପକ୍ଷରୁ ଲୋକଙ୍କୁ ସତର୍କ ରହିବା ଓ ରାତିରେ ଏକାକୀ ବାହାରକୁ ନ ଯିବାକୁ ପରାମର୍ଶ ଦିଆଯାଇଛି।

## ଆଞ୍ଚଳିକ +୨ କଲେଜରେ ସଘନ ସଂଶୋଧନ ସଚେତନତା



କୁଆମରା, ୬।୬(ସମିସ): ଗୋପବନ୍ଧୁନଗର ବ୍ଲକ ପୁରୁଣା ବାରିପଦା ଆଞ୍ଚଳିକ +୨ କଲେଜ ଛାତ୍ରଛାତ୍ରୀଙ୍କୁ ନେଇ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସରୋଜ କୁମାର ସଦୁଆଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ବିଡିଓ ପୃଥ୍ୱିରାଜ ପରିଡ଼ା, ବରିଷ୍ଠ ଅଧ୍ୟାପକ ପ୍ରଭାତ ଚନ୍ଦ୍ର ପ୍ରାମାଣିକ, ଗୋଲକ ବିହାରୀ ଦାସ, ଅଧ୍ୟାପିକା ଇନ୍ଦିରା ପାଲ, ସୁପ୍ରଭା ପାତ୍ର ପ୍ରମୁଖ ଯୋଗ ଦେଇ ଏସ୍ଆଇଆର ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ। ପରେ ଛାତ୍ରଛାତ୍ରୀ ଏକ ସଚେତନତା ରାଲିରେ ବାହାରି ସ୍ଥାନୀୟ ବଜାର ପରିକ୍ରମା କରିଥିଲେ। ସେହିପରି କୁଆମରା ସାରସ୍ୱତ ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ସୁବଳ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏସ୍ଆଇଆର ସଚେତନତା କାର୍ଯ୍ୟକ୍ରମରେ ତହସିଲଦାର ଓମ୍ ପ୍ରକାଶ ମହାନ୍ତି, ପ୍ରଧାପକ ପ୍ରଭାସ କୁମାର ସେନାପତି, ପ୍ରଧାପକ ଗୋପୀନାଥ ପଣ୍ଡା, ଅଶ୍ୱନୀ କୁମାର ପ୍ରଧାନ, ପ୍ରଦୀପ କୁମାର ପଣ୍ଡା, ଅଧାପିକା ରାଜଲକ୍ଷ୍ମୀ ବେହେରା ପ୍ରମୁଖ ଯୋଗଦେଇ ଏସ୍ଆଇଆର ସମ୍ବନ୍ଧରେ ବୁଝାଇଥିଲେ। ଛାତ୍ରଛାତ୍ରୀ ସଚେତନତା ରାଲିରେ କଲେଜ ପରିସରରୁ ବାହାରି ସ୍ଥାନୀୟ ଗ୍ରାମ ପରିକ୍ରମା କରିଥିଲେ।

## ବିଶ୍ୱ ପରିବେଶ ଦିବସରେ ଚାରାରୋପଣ

ବଡ଼ସାହି, ୬।୬(ସମିସ): ବଡ଼ସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଦେଉଳିଆ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପରିସରରେ ବିଶ୍ୱ ପରିବେଶ ଦିବସ ଅବସରରେ ଗ୍ରାମର ବରିଷ୍ଠ ନାଗରିକଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଗଛ ଚାରା ରୋପଣ କରାଯାଇଥିଲା। ବଡ଼ସାହି ବ୍ଲକ ମନଗୋବିନ୍ଦପୁର ପଞ୍ଚାୟତର ବିଜିପୁରରେ ଥିବା ଶ୍ରୀମା ଶ୍ରୀଅରବିନ୍ଦ ଯୋଗ ସାଧନା କେନ୍ଦ୍ର କର୍ମକର୍ତ୍ତାଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚାରା ରୋପଣ କରିଥିବା ଗ୍ରାମର ବରିଷ୍ଠ ନାଗରିକ ନିଜ ଚାରା ଗଛର ଯତ୍ନ ନେବେ ବୋଲି ପ୍ରକାଶ କରିଥିଲେ।



## ବିବେକାନନ୍ଦ ବିହାରରେ ଶିଶୁ ଗଳ୍ପ କର୍ମଶାଳା



ବଡ଼ସାହି, ୬।୬(ସମିସ): ବିଶ୍ୱ ପରିବେଶ ଦିବସ ଅବସରରେ ବାଣୀପୀଠ, ଆମ ସୁନାଚାନ୍ଦ ଜାତୀୟ ଶିଶୁ ସାହିତ୍ୟ ସଂସ୍ଥାନ ଓ ରାଷ୍ଟ୍ରଭାଷା ସାହିତ୍ୟ ସଂସ୍କୃତି ଏକାଡେମୀ ପକ୍ଷରୁ ବଡ଼ସାହି ବିବେକାନନ୍ଦ ବିହାରରେ ରାଜ୍ୟସ୍ତରୀୟ ଶିଶୁ ଗଳ୍ପ କର୍ମଶାଳା ଆୟୋଜିତ ହୋଇଛି। ପୂର୍ବାହ୍ନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ନିଶାମଣି ରାଉତ ଉଦ୍‌ଘାଟନ କରିଥିଲେ। ପରେ ଜେଜେ ଗୁରୁଜୀ ବେଣୁଧର ଜେନାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ସାମ୍ବାଦିକ ସଂଘ ସଭାପତି ଅରୁଣ କୁମାର ଓତା ଯୋଗଦାନ କରି ଶିଶୁଙ୍କ ଭିତରେ ପରିବେଶ ସଚେତନତା ଦୃଢ ହେଲେ ବିଶ୍ୱ ପରିବର୍ତ୍ତନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଜଙ୍ଗଲ ସୁରକ୍ଷା ମଞ୍ଚ ସଭାପତି ପ୍ରଭାତ ଜେନା, ସ୍ୱତନ୍ତ୍ର ଅତିଥି ଭାବେ ନାଟ୍ୟକାର ତଥା ପରିବେଶବିତ୍ ପଦ୍ମ ଦାସ ଓ ସମ୍ମାନିତ ଅତିଥି ଭାବେ କବି ରତିକାନ୍ତ ବେହେରା, ସୁବୋଧ ଦଣ୍ଡପାଟ, ଦେବରାଜ ନାୟକ ଓ ଅବସରପ୍ରାପ୍ତ ଶିକ୍ଷକ ରଣଜିତ୍ ଦାସ ଯୋଗଦେଇ ପରିବେଶ ସଚେତନତା ଉପରେ ବହୁ ଶିଶୁଗଳ୍ପ ସୃଷ୍ଟି କରାଯାଇପାରିବ। ଯାହା ପରବର୍ତ୍ତୀ ସମୟରେ ଲୋକଙ୍କୁ ସଚେତନ କରିପାରିବ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ବାଣୀପୀଠ ସଞ୍ଚାଳିକା ସୂର୍ଯ୍ୟକାନ୍ତି ରାଉତ ଅତିଥି ପରିଚୟ କରିଥିଲେ। ବଙ୍କିମ ଚନ୍ଦ୍ର ବାରିକ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟକ୍ଷ ଡକ୍ଟର କୁମାର ବାବୁଲି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଆରାଧ୍ୟା ମାରାଣ୍ଡି, ଲକ୍ଷ୍ମୀ ମୁର୍ମୁ, ସୁଭଦ୍ରା ବିନ୍ଧାଣୀ, ପ୍ରିୟା ହେମ୍ବ୍ରମ ଓ ଯଶୋଦା ବେହେରା ପରିବେଶ ସଚେତନତା ନେଇ ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମ ୩ ଦିନ ଚାଲିବ।

## ବିଶ୍ୱ ପରିବେଶ ଦିବସ ପାଳିତ

କପ୍ତିପଦା, ୬।୬(ସମିସ): କପ୍ତିପଦା ବ୍ଲକ ଅଧୀନସ୍ଥ ଗୌଡ଼ଗାଁରେ ପ୍ରକୃତି ବନ୍ଧୁ ଶିକ୍ଷକ ଦିଲ୍ଲୀପ କୁମାର ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି। ମୁଖ୍ୟଅତିଥି ଭାବେ ଗୌଡ଼ଗାଁର ଅନୁଷ୍ଠାନପ୍ରେମୀ ତଥା ଶିକ୍ଷାବିତ, ଦରଦୀ ବନ୍ଧୁ, ପ୍ରକୃତିପ୍ରେମୀ ପ୍ରତାପ ସାହୁ ଯୋଗଦେଇ ଗ୍ରାମବାସୀ ଓ ଛାତ୍ରଛାତ୍ରୀଙ୍କୁ ପରିବେଶ ଦିବସର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ମୁଖ୍ୟବକ୍ତା ଭାବେ କପ୍ତିପଦା ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ସିଙ୍ଗରାଏ ମୁର୍ମୁ, ସମ୍ମାନିତ ଅତିଥି ଭାବେ ସଦାନନ୍ଦ ନାୟକ, ରତ୍ନାକର ମଣ୍ଡଳ, କପ୍ତିପଦା ବନରକ୍ଷୀ ଲମ୍ବୋଦର ମହାନ୍ତ, ହୃଷିକେଶ ବେହେରା, ରେଡକ୍ରସ କାଉନସିଲର କୃଷ୍ଣଚନ୍ଦ୍ର ସାହୁ,



ନିର୍ମଳ ମହାଳିକ, ବୁଦ୍ଧିରାମ ଗିରି ଯୋଗଦେଇ ଛାତ୍ରଛାତ୍ରୀଙ୍କୁ 'ମାଆ ପାଇଁ ଗଛଟିଏ' ଆହ୍ୱାନ ଦେଇ ବୃକ୍ଷ ରୋପଣ କରିବାକୁ କହିଥିଲେ। ଶିକ୍ଷୟିତ୍ରୀ ସସ୍ମିତା ସାହୁ ସମସ୍ତ ଅତିଥି, ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ବିଶ୍ୱ ପରିବଶେ ଦିବସର ଶପଥ ପାଠ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ହୃଦାନନ୍ଦ ପାଢ଼ୀ ଓ ସମସ୍ତ ଛାତ୍ରଛାତ୍ରୀ ସହଯୋଗ କରିଥିବାବେଳେ ଶିକ୍ଷକ କୃଷ୍ଣଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଡାଙ୍ଗରବିଲ୍ଲା ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା



ମୋରଡ଼ା, ୬।୬(ସମିସ): ମୋରଡା ବ୍ଲକ ହଳଦୀପାଳ ପଞ୍ଚାୟତର ଡାଙ୍ଗରବିଲ୍ଲା ପ୍ରାଥମିକ ବିଦ୍ୟାଳୟରେ ମୋରଡା ବ୍ଲକ ଏକ୍ସ କ୍ୟାଡର ଶିକ୍ଷକ ସଂଘ ପକ୍ଷରୁ ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ ବିଜୟ ପାଣିଗ୍ରାହୀ, ଅବସରପ୍ରାପ୍ତ ଶିକ୍ଷକ ଗଣେଶ୍ୱର ମହାନ୍ତ ଓ ସୁଶାନ୍ତ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସଂଘ ସମ୍ପାଦକ ଉଦୟ କୁମାର ମାହାନାଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ରଣଜିତ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଏବିଇଓ ପାଲୁ ହାଁସଦା, ବିଆରସି ପୁଥୁନାଥ ବାସ୍କେ, ଶିକ୍ଷକ ରତିକାନ୍ତ ସାହୁ ପ୍ରମୁଖ ଯୋଗଦେଇ ଗୋଷ୍ଠୀ ଶିକ୍ଷାଧିକାରୀ ଓ ଶିକ୍ଷକଙ୍କୁ ଉତ୍ତରୀୟ, ମାନପତ୍ର, ଛତା, ଗୀତା ବହି ଓ ଫୁଲତଡା ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ଦେବେନ୍ଦ୍ର ସେନାପତି ଧନ୍ୟବାଦ ଅର୍ପଣ କରିଥିବାବେଳେ ସଭାପତି ସନ୍ତୋଷ ବେହେରା ସଭା ସାଙ୍ଗ କରିଥିଲେ।

## ଷଷ୍ଠ ବାର୍ଷିକ ନାଟ୍ୟ ମହୋତ୍ସବର ୫ମ ସନ୍ଧ୍ୟା

# ଦର୍ଶକଙ୍କୁ ସ୍ତବ୍ଧ କଲା ନାଟକ 'ମିଡିଲ କ୍ଲାସ'

ବାରିପଦା, ୬।୬(ସମିସ): ସ୍ଥାନୀୟ ସହିଦ ସ୍ମୃତି ଭବନରେ ବାରିପଦା କଳାକାର ପରିବାର ଆନୁକୂଲ୍ୟରେ ଆୟୋଜିତ ଷଷ୍ଠ ବାର୍ଷିକ ନାଟ୍ୟ ମହୋତ୍ସବର ୫ମ ସନ୍ଧ୍ୟାରେ ନାଟକ 'ମିଡିଲ କ୍ଲାସ' ମଞ୍ଚସ୍ଥ ହୋଇଯାଇଛି। ପରିବାରର ସଭାପତି ସନ୍ତୋଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ବରିଷ୍ଠ ଆଇନଜୀବୀ ବିଜେନ ଦାସ ଓ କ୍ଷେତ୍ରମୋହନ ପଣ୍ଡା ଓ ସିନେ ପ୍ରଯୋଜକ ତଥା ସମାଜସେବୀ ନନ୍ଦିକେଶ ଶେଜପଡ଼ା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ମହୋତ୍ସବର ସଫଳତା କାମନା କରିଥିଲେ। ଜ୍ଞାନରଞ୍ଜନ ପଣ୍ଡା ମଞ୍ଚ ପରିଚାଳନା କରିଥିବାବେଳେ ସମ୍ପାଦକ ଅସିତ ଗିରି ଧନ୍ୟବାଦ ଅର୍ପଣ କରିଥିଲେ। 'ଉଜ୍ଜୟିନୀ' ନାଟ୍ୟଶାଳା ପ୍ରଯୋଜିତ ଓ ସୋମନାଥ ସାହୁଙ୍କ ରଚିତ ଓ ମହେଶ ସାହୁଙ୍କ ନିର୍ଦ୍ଦେଶିତ ନାଟକରେ ପ୍ରୟାସ ଶତପଥୀ, ସମରେନ୍ଦ୍ର ବସା, ସୌମ୍ୟଶିଷ ଶତପଥୀ, ପ୍ରଶାନ୍ତ ନନ୍ଦ, ସଞ୍ଜୀବ ଦଳେଇ, ଗୁହିରାମ ଜେନା, ରାଜାରାମ ପଣ୍ଡିତ, ଅଶୋକ ପଟ୍ଟନାୟକ, ବିଦ୍ୟାଦର୍ଶିନୀ ବିଶ୍ୱାଳ, ଅଭିଜିତ ପଣ୍ଡା, ବିଜୟିନୀ ବେହେରା, ଲିପିକା ରଣା, ଅନୁରାଧା ପଟ୍ଟନାୟକ, ଲୁଇ ଦେବସ୍ମିତା, ଗୀତାଞ୍ଜଳି, ରବି ବାବୁ, ବିନ୍ଦାସ ବିଟୁ, ସୁଧୀର କିସ୍କୁ, ଜ୍ୟୋତିର୍ଜୀବ ସେଠୀ, ନବକିଶୋର ଲେଙ୍କା, କଳିଆ, ଚିତ୍ରା, କ୍ରିଷ୍ଣା ପ୍ରମୁଖ ଅଭିନୟ କରିଥିବାବେଳେ ମଞ୍ଚସଜ୍ଜାରେ ନରସିଂହ ବାରିକ, ସଙ୍ଗୀତରେ ଜ୍ୟୋତିପ୍ରକାଶ ଦାସ ଓ ତପୁବାବା, ଆଲୋକରେ ଅଙ୍କେତ ଦାସ, ପ୍ରଚ୍ଛଦ ସଙ୍ଗୀତରେ ସରାଫତୁଲ୍ଲା, ନୃତ୍ୟ ନିର୍ଦ୍ଦେଶନାରେ ସୁରଜ ପୃଷ୍ଟି, ସହ ନିର୍ଦ୍ଦେଶନାରେ ସରୋଜ ଶତପଥୀ ଓ ଧନଞ୍ଜୟ ସାହୁ ସହଯୋଗ କରିଥିଲେ। ଆଜିର ସାମାଜିକ ଓ ଗଣତାନ୍ତ୍ରିକ ବ୍ୟବସ୍ଥା ମଧ୍ୟରେ ମଧ୍ୟବିତ୍ତ ପରିବାରର ଦୁରାବସ୍ଥାର ବିଷୟବସ୍ତୁ ଉପରେ ଆଧାରିତ ନାଟକରେ କଳାକାରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ସ୍ତବ୍ଧ କରିଥିଲା। ଏ ଅବସରରେ ନାଟ୍ୟକାର ଓ ନିର୍ଦ୍ଦେଶକଙ୍କ ସମେତ ସମସ୍ତ କଳାକାରଙ୍କୁ ଆୟୋଜକଙ୍କ ପକ୍ଷରୁ ସମ୍ମାନିତ କରାଯାଇଥିଲା।





ଚଳିତ ବର୍ଷ ରଜ ଉପଲକ୍ଷେ ମୁକ୍ତିଲାଭ କରିବାକୁ ଯାଉଛି ୪ଟି ଓଡ଼ିଆ ସିନେମା । ରଜ ଉପଲକ୍ଷେ ଏହି ଚାରୋଟି ସିନେମା ଦର୍ଶକଙ୍କୁ ଭରପୂର ଏଣ୍ଟରଟେନ୍ କରିବ ବୋଲି ସିନେମାଗୁଡ଼ିକର ପ୍ରଯୋଜନା ସଂସ୍ଥା ଓ ନିର୍ଦ୍ଦେଶକମାନେ ଆଶା ରଖିଛନ୍ତି । ଦର୍ଶକଙ୍କ ପସନ୍ଦକୁ ଦୃଷ୍ଟିରେ ରଖି ଏଥର ରଜରେ ଓଡ଼ିଆ ସିନେମା ଇଣ୍ଡଷ୍ଟ୍ରିର ଆଗଧାଡ଼ିର ୪ଜଣ ସୁପରହିଟ୍ କଳାକାର ସିଦ୍ଧାନ୍ତ ମହାପାତ୍ର, ଅନୁଭବ ମହାନ୍ତି, ଅମ୍ଲାନ ଏବଂ ଅର୍ଦ୍ଧେନ୍ଦୁଙ୍କ ମଧ୍ୟରେ ହେବ କଡ଼ା ଟକ୍କର । ସିଦ୍ଧାନ୍ତ ମହାପାତ୍ରଙ୍କ 'ମିଲେଟ ଡାଏରୀ', ଅନୁଭବ ମହାନ୍ତିଙ୍କ 'ଛକିଶୂନ', ଅର୍ଦ୍ଧେନ୍ଦୁଙ୍କ 'ଡାଏରୀ' ଏବଂ ଅମ୍ଲାନ ଦାସଙ୍କ 'ଶିକାର' ଚଳଚ୍ଚିତ୍ର ରଜ ବଜାରରେ ଦର୍ଶକଙ୍କୁ ବେଶ୍ ମନୋରଞ୍ଜନର ଖୋରାକ ଯୋଗାଇବ ବୋଲି ଆଶାବ୍ୟକ୍ତ କରିଛନ୍ତି ସିନେମାଗୁଡ଼ିକର ପୂରା ଟିମ୍ ।



# ରଜରେ ଧମାଲ କରିବେ ଅନୁଭବ ଅମ୍ଲାନ ଅର୍ଦ୍ଧେନ୍ଦୁ



- ପରଦାକୁ ଆସିବ ସିଦ୍ଧାନ୍ତଙ୍କ 'ମିଲେଟ୍ ଡାଏରୀ'
- ଦର୍ଶକଙ୍କୁ ହଲ୍‌ମୁହାଁ କରାଇବ ୪ ଓଡ଼ିଆ ସିନେମା

ଆମର ଷ୍ଟୁଡିଓ ଓ ଏସ୍ଏମ୍ ଏଣ୍ଟରଟେନମେଣ୍ଟ ପ୍ରେଜେଣ୍ଟସ୍ ୨୯ ଟୁ ନାଇନ ଫିଲ୍ମସର ମିଳିତ ସହଯୋଗରେ ନିର୍ମିତ 'ଛକି ଶୂନ' ଫିଲ୍ମର ରଚନା ଓ ନିର୍ଦ୍ଦେଶନା ମାନସ ପଢ଼ିହାରୀ ଦେଇଥିବା ବେଳେ ଅନୁଭବଙ୍କ ପତ୍ନୀ ଜାଗୃତି, ନବୀନ ଭଣ୍ଡାରୀ ଓ ସ୍ୱଙ୍ଗ ଏହାର ପ୍ରଯୋଜନା ଦାୟିତ୍ୱ ନିର୍ବାହ କରିଛନ୍ତି । ଥ୍ରୀଲର ଓ ସସପେନ୍ସ ଭରା ଏହି ଫିଲ୍ମରେ ଅନୁଭବ ମହାନ୍ତି ଜଣେ ଆଇପିଏସ୍ ଚରିତ୍ରରେ ନଜର ଆସିବେ । ଅନ୍ୟ ଭୂମିକାରେ ସମ୍ବାନା ମହାନ୍ତି, ଅଭିଷେକ ପଣ୍ଡା, ଦିବ୍ୟା ମହାନ୍ତି, ଚୌଧୁରୀ ଜୟପ୍ରକାଶ ଦାସ, ନିତୁ ସିଂ, ବିଜିନୀ ମିଶ୍ର ପ୍ରମୁଖ ନଜର ଆସିବେ । ଚଳିତ ମାସ ୧୨ତାରିଖରେ ରିଲିଜ ହେବାକୁ ଥିବା ଏହି ଫିଲ୍ମର 'ଆମେ ବାଲୁଙ୍ଗା ଟୋକା' ଗୀତର ଷ୍ଟୁଡିଓ ଭର୍ସନ ରିଲିଜ୍ ହୋଇଛି । ଯାହା ଏବେ ସୋସିଆଲ ମିଡିଆରେ ଟ୍ରେଣ୍ଡ କରୁଛି । ସେହିପରି ଫିଲ୍ମ ଇନଫାଇସନ ଏଣ୍ଟରଟେନମେଣ୍ଟ ପ୍ରେଜେଣ୍ଟ ବ୍ୟାନରରେ ନିର୍ମିତ 'ଦ ମିଲେଟ ଡାଏରୀ' ର ନିର୍ଦ୍ଦେଶନା ରାଜେନ୍ଦ୍ର ମହନ୍ତ ଦେଇଥିବା ବେଳେ କାହାଣୀ ଏବଂ ପ୍ରଯୋଜନା କରୁଛନ୍ତି ଜେଆର୍ଏମ୍ ଓ ସହ ପ୍ରଯୋଜକ ରହିଛନ୍ତି ରୋଜାଲିନ୍ ମହାନ୍ତି । ଫିଲ୍ମରେ ସଙ୍ଗୀତ ନିର୍ଦ୍ଦେଶନା ପ୍ରେମ୍ଆନନ୍ଦ ଦେଇଥିବା ବେଳେ ଚିତ୍ରନାଟ୍ୟ ଓ ସଂଳାପ ଦିଲ୍ଲୀପ ବିଶୋଇ ଏବଂ ଉତ୍ତମ କୁମାର ଦାୟିତ୍ୱ ନିର୍ବାହ କରିଛନ୍ତି । ଫିଲ୍ମରେ ସିଦ୍ଧାନ୍ତ ମହାପାତ୍ର, ଅଭିଷେକ ପଣ୍ଡା, ଶୀତମ ଦାସ, ଶିବାନୀ ସଂଗୀତା, କୁନା ତ୍ରିପାଠୀ, ରାଜ ରାଜେଶ ପ୍ରମୁଖ ଅଭିନୟ କରିଛନ୍ତି । ଅଭିଷେକ ଏଥିରେ ବିଏମ୍ଡବ୍ଲୁ ଡ୍ରାଇଭର ଚରିତ୍ରରେ ନଜର ଆସିବା ସହ ଗାଉଁଲି ଝିଅର ଚରିତ୍ରରେ ନଜର ଆସିବେ ଶିବାନୀ । ତେବେ ମାଣ୍ଡିଆର ଔଷଧୀୟ ଗୁଣ ଓ ବିଶ୍ୱ ଦରବାରରେ ଏହାର ପରିଚୟକୁ ନେଇ ଫିଲ୍ମଟି ଗତିଶୀଳ ହେଉଥିବା ବେଳେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅର୍ଥାତ ବଇଦ ଚରିତ୍ରରେ ନଜର ଆସିବେ ସିଦ୍ଧାନ୍ତ ମହାପାତ୍ର । ଏହି ସିନେମାଟି ମଧ୍ୟ ୧୨ରେ ହେବ ରିଲଜ୍ ହେବ ବୋଲି ଜଣାପଡ଼ିଛି ।

ସେହିପରି ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ ବ୍ୟାନରରେ ପ୍ରଯୋଜକ ଅର୍ଦ୍ଧେନ୍ଦୁ ସାହୁ ଓ ସହପ୍ରଯୋଜକ ଆଦିକନ୍ଦ ସାହୁଙ୍କ ଦ୍ୱାରା ନିର୍ମିତ 'ଡାଏରୀ' ସିନେମାର ଟିଜର୍ ଦର୍ଶକଙ୍କୁ ବାନ୍ଧି ରଖିଥିବା ବେଳେ ସିନେମାଟି ମଧ୍ୟ ଆଦୃତି ଲାଭ କରିବ ବୋଲି ଫିଲ୍ମର ପୂରା ଟିମ୍ ଆଶା ରଖିଛି । ତେବେ ସିନେମାରେ ଏକ ବକ୍ସରୁ ବାହାରୁଥିବା '୨୦୧୯' ଲେଖାଥିବା ଡାଏରୀ କାହାଣୀ ଦର୍ଶକଙ୍କ ମନରେ ଉତ୍କଣ୍ଠା ସୃଷ୍ଟି କରିଛି । ସୁଶାନ୍ତ ମଣିଙ୍କ ନିର୍ଦ୍ଦେଶନା, କୁନା ତ୍ରିପାଠୀଙ୍କ ବଳିଷ୍ଠ କାହାଣୀ, ସ୍କ୍ରିନପ୍ଲେ ତଥା ସଂଳାପ ଓ ସୀତାଂଶୁ ମହାପାତ୍ରଙ୍କ ସିନେମାଟୋଗ୍ରାଫି ବଡ଼ ପରଦାରେ ଦର୍ଶକଙ୍କୁ ଏକ ନିଆରା ଅନୁଭୂତି ଦେବ । ତେବେ ଏହାର କେବଳ ଟିଜର୍ ଏବଂ ସଙ୍ଗୀତ ନିକଟରେ ରିଲିଜ୍ ହୋଇଛି । ସୋମେଶ ଶତପଥୀଙ୍କ ସଙ୍ଗୀତ ନିର୍ଦ୍ଦେଶନା ଏବଂ ଅମିତ ନାୟକ ଓ ଲୁବୁନ୍-ଟୁବୁନ୍‌ଙ୍କ କୋରିଓଗ୍ରାଫି ଫିଲ୍ମର ଗୀତଗୁଡ଼ିକୁ ଆହୁରି ଆକର୍ଷଣୀୟ କରିଛି । ଏକ ସୁନ୍ଦର ପ୍ରେମ କାହାଣୀ ଉପରେ ପର୍ଯ୍ୟବସିତ ଏହି ଫିଲ୍ମରେ ମୁଖ୍ୟ ଭୂମିକାରେ ଅର୍ଦ୍ଧେନ୍ଦୁଙ୍କ ସହ ଯସ୍ମିନ ଓ ପ୍ରଜ୍ଞା ନଜର ଆସୁଛନ୍ତି । ତେବେ ରଜ ଅବସରରେ ଦର୍ଶକଙ୍କୁ ଆକ୍ସନ, ସସ୍‌ପେନ୍ସ ସହ ମନୋରଞ୍ଜନ ଯୋଗାଇବ ଅମ୍ଲାନଙ୍କ 'ଶିକାର' । ନିକଟରେ ଫିଲ୍ମର ଫାଷ୍ଟ ଲୁକ୍ ଓ ଷ୍ଟାରକାଷ୍ଟଙ୍କ ଲୁକ୍ ସାମ୍ନାକୁ ଆସିଥିବା ବେଳେ ବର୍ତ୍ତମାନ ଏହାର ଟିଜର ରିଲିଜ୍ ହୋଇଛି । ସୋସିଆଲ ମିଡିଆରେ ଟିଜରକୁ ନେଇ ଦର୍ଶକଙ୍କ ମଧ୍ୟରେ ବେଶ୍ ଉତ୍କଣ୍ଠା ଦେଖିବାକୁ ମିଳୁଛି । ମୁନ୍ ଟିଭି ମୁଭିଜ୍ ପ୍ରସ୍ତୁତ



ଏହି ଫିଲ୍ମର ୧ ମିନିଟ୍ ୨୮ ସେକେଣ୍ଡର ଟିଜରରେ ରକ୍ତାକ୍ତ ଅବସ୍ଥାରେ ଅମ୍ଲାନଙ୍କୁ ଦେଖିବାକୁ ମିଳୁଛି । ଚିତ୍କାର କରିବା ସହ ସେ ବନ୍ଧୁକ ଚଳାଉଥିବା ଦୃଶ୍ୟ ଟିଜରକୁ ଅଧିକ ରୋମାଞ୍ଚକ କରିଛି । ଅଭିନେତ୍ରୀ ଏଲିନା ପ୍ରଥମ ଥର ଓକିଲ ଭୂମିକାରେ ନଜର ଆସିଛନ୍ତି । ମୁନ୍ ଟିଭି ମୁଭିଜ୍ ପ୍ରଯୋଜନାରେ ପ୍ରସ୍ତୁତ 'ଶିକାର'ର ନିର୍ଦ୍ଦେଶନା ମୃତ୍ୟୁଞ୍ଜୟ ସାହୁ ଦେଇଥିବା ବେଳେ ପ୍ରଯୋଜନା କରିଛନ୍ତି ସଚ୍ଚିକାନ୍ତ ଜେନା । କାହାଣୀ ଓ ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ପ୍ରିୟବ୍ରତ ପଣ୍ଡା । ବୈଦ୍ୟନାଥ ଦାଶ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ଗୀତଗୁଡ଼ିକୁ ଗାଇଛନ୍ତି ଅନ୍ତରା ଚକ୍ରବର୍ତ୍ତୀ, ମଣ୍ଟୁ ଛୁରୀଆ, କ୍ରିଷ୍ଣା ବେଉରା, ଅସୀମା ପଣ୍ଡା । ଫିଲ୍ମରେ ଅନ୍ୟ କଳାକାରଙ୍କ ମଧ୍ୟରେ ସୁପ୍ରିୟା ନାୟକ, ଅଙ୍କିତ, ତାପସ ସରଘରିଆ, ପ୍ରଦ୍ୟୁମ୍ନ ଲେଙ୍କା, ପ୍ରଶାନ୍ତ ପାତ୍ର, ପ୍ରଭାତୀ, ବବି ମିଶ୍ର ପ୍ରମୁଖ ଅଭିନୟ କରିଛନ୍ତି । ୧୨ ତାରିଖରେ ଏହା ମୁକ୍ତିଲାଭ କରିବ । ତେବେ ଦିଗହରା ହୋଇଥିବା ଓଡ଼ିଆ ସିନେମା ବର୍ତ୍ତମାନ ଅଣ୍ଟା ସଳଖିବାକୁ ସକ୍ଷମ ହୋଇଥିବା ବେଳେ ଦିନକୁ ଦିନ ମୌଳିକ କାହାଣୀକୁ ନେଇ ନିର୍ମିତ ଓଡ଼ିଆ ସିନେମା ପୁଣି ଥରେ ଦର୍ଶକଙ୍କୁ ହଲ୍‌ମୁହାଁ କରିବାରେ ସଫଳ ହୋଇଥିବା ଦର୍ଶକଙ୍କ ମଧ୍ୟରେ ଆଲୋଚନା ହେଉଛି । ■



## 'ମନ୍ତ୍ରମୁଗ୍ଧ'ର ଧମାକା
# ଚାରି ସପ୍ତାହରେ ୪.୧୪ କୋଟି ଅଧିକ ଆୟ

ଅନୁପମ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ଓ ବହୁଚର୍ଚ୍ଚିତ ଓଡ଼ିଆ ଚଳଚ୍ଚିତ୍ର 'ମନ୍ତ୍ରମୁଗ୍ଧ' ବକ୍ସ ଅଫିସ୍‌ରେ ଧମାକା କରୁଛି । କେବଳ ଓଡ଼ିଶାରେ ନୁହେଁ, ରାଜ୍ୟ ବାହାରରେ ମଧ୍ୟ ଫିଲ୍ମଟି ଦର୍ଶକଙ୍କ ହୃଦୟ ଜିତିବାରେ ସଫଳ ହୋଇଛି । ମେ ୧ରେ ରିଲିଜ୍ ହୋଇଥିବା ଏହି ସିନେମା ଚାରି ସପ୍ତାହରେ ମଧ୍ୟରେ ୪ .୧୪ କୋଟିରୁ ଅଧିକ ଟଙ୍କା ଆୟ କରି ନୂଆ ରେକର୍ଡ ସୃଷ୍ଟି କରିଛି । ସୋସିଆଲ୍ ମିଡିଆରେ ନିର୍ମାତା ଫିଲ୍ମର କଲେକ୍ସନ ସମ୍ପର୍କରେ ସୂଚନା ଦେଇଛନ୍ତି । ଫିଲ୍ମର ସଫଳତାକୁ ନେଇ ଅଭିନେତ୍ରୀ ଭୂମିକାଙ୍କ ସମେତ ପୂରା ଟିମ୍ ଉତ୍ସବ ମନାଇଛନ୍ତି । ସୋସିଆଲ୍ ମିଡିଆରେ ଦର୍ଶକମାନେ ମଧ୍ୟ ଫିଲ୍ମକୁ ଭରପୂର ପ୍ରଶଂସା କରିଛନ୍ତି । କେହି ଫିଲ୍ମକୁ "ସୁପର ଡୁପର ହିଟ୍" ବୋଲି କହିଥିବା ବେଳେ ଆଉ କେହି ଏହାକୁ ବର୍ଷର ସବୁଠୁ ମନୋରଞ୍ଜନକାରୀ ଓଡ଼ିଆ ଫିଲ୍ମ ବୋଲି ମତ ଦେଇଛନ୍ତି । ■

# 'କିଛି ସତ କିଛି ମିଛ'ରେ ଆଲୋକ ଓ ଛବିର ବିବାହ



'ଜୀ ସାର୍ଥକ'ର ନୂତନ ମେଗା ସିରିଏଲ୍ 'କିଛି ସତ କିଛି ମିଛ'ରେ ଏକ ବଡ଼ ଟ୍ୱିଷ୍ଟ ଆସିବାକୁ ଯାଉଛି । କାହାଣୀର ମୁଖ୍ୟ ଚରିତ୍ର ଆଲୋକ ଏବଂ ଛବିଙ୍କର ବିବାହ ଉତ୍ସବ ଖୁବ୍ ଶୀଘ୍ର ପରଦାକୁ ଆସିବ । ଯାହାକୁ ନେଇ ଦର୍ଶକଙ୍କ ମଧ୍ୟରେ ବେଶ୍ ଉତ୍ସାହ ପ୍ରକାଶ ପାଇଛି । ମଙ୍ଗରାଜ ପରିବାରର ପୁଅ ଆଲୋକ ସହ ଛବିଙ୍କର ବିବାହର ସମସ୍ତ ରୀତିନୀତି ଯେପରିକି ହଳଦୀ, ମେହେନ୍ଦୀ ଓ ସଙ୍ଗୀତ କାର୍ଯ୍ୟକ୍ରମ ବଡ଼ ଧୁମଧାମରେ ପାଳନ କରାଯିବ । ଏହି ବିବାହ ଓଡ଼ିଶା ଟେଲିଭିଜନ ଜଗତର ସବୁଠାରୁ ବଡ଼ ଉତ୍ସବ ହେବାକୁ ଯାଉଛି । କାରଣ ଏଥିରେ ଜୀ ସାର୍ଥକର ଅନ୍ୟ ସମସ୍ତ ମେଗା ଧାରାବାହିକର ନାୟକ, ନାୟିକାମାନେ ଯୋଗ ଦେବେ ଓ ପ୍ରତ୍ୟେକ ସିନ୍ ହେବ ମନଲୋଭା ଓ ଆଣିବ କାହାଣୀରେ ରୋମାଞ୍ଚ । ଏହି ମେଗା ସିରିଏଲ୍‌ରେ ଆଲୋକ ଭୂମିକାରେ ଆର୍ଯ୍ୟ ପ୍ରଧାନ, ଛବି ଭୂମିକାରେ ଅର୍ଚ୍ଚିତା ରାଉତ ଏବଂ ଛାୟା ଭୂମିକାରେ ଅଦିତି ଦାଶ ଚମତ୍କାର ଅଭିନୟ କରୁଛନ୍ତି । ■



## ପରଦା ପଛର କାହାଣୀ
# ୮୧ ଫୁଟ ଉଚ୍ଚତାରୁ ପଡ଼ି ସଲମାନ ଆହତ

ବଲିଉଡ୍ ସୁପରଷ୍ଟାର୍ ସଲମାନ ଖାନ୍ ନିଜର ଫିଟ୍‌ନେସ୍, ଆକ୍ସନ ଏବଂ ଦମଦାର୍ ଅଭିନୟ ପାଇଁ ପ୍ରସିଦ୍ଧ । ସେ ନିଜ କ୍ୟାରିୟରରେ ରୋମାଣ୍ଟିକରୁ ନେଇ ଆକ୍ସନ ପର୍ଯ୍ୟନ୍ତ ଅନେକ ସୁପରହିଟ୍ ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇଛନ୍ତି । ନିକଟରେ ସଲମାନ ଫିଲ୍ମ 'ଜାଗୃତି'ର ଷ୍ଟଣ୍ଟ ସୁଟିଂ ପଛର ଏକ ବିପଜ୍ଜନକ କାହାଣୀ ପ୍ରକାଶ କରିଛନ୍ତି । 'ଜାଗୃତି' ଫିଲ୍ମରେ ଏକ ୮୦ ଫୁଟ୍ ଉଚ୍ଚ ପାହାଡ଼ରୁ ଖସିବାର ଦୃଶ୍ୟ ଥିଲା । ଏହାର ସୁଟିଂ ପାଇଁ ସମସ୍ତ ବନ୍ଦୋବସ୍ତ ହୋଇଥିଲା । ସେ ପାହଡ଼ ଉପରୁ ତଳୁ ଦେଖିବା ପରେ ଡେଇଁପାରିବେ ବୋଲି ଭାବିଥିଲେ । ସାଧାରଣତଃ ଉଚ୍ଚରୁ ଡେଇଁବା ପାଇଁ ଗୋଟିଏ କିମ୍ବା ଦୁଇଟି ବକ୍ସ ମିଳିଥାଏ । ତେବେ ଏହି ପାହାଡ଼ ସୁଟିଂ ଦୃଶ୍ୟ ବହୁ ଉଚ୍ଚରେ ଥିବାରୁ ତାଙ୍କ ପାଇଁ ତ୍ରିସ୍ତରୀୟ ବକ୍ସ ବ୍ୟବସ୍ଥା କରାଯାଇଥିଲା । ଏହା ଉପରେ ଏକ ଗଦି ମଧ୍ୟ ବିଛା ହୋଇଥିଲା । ତେବେ ସେ ପାହାଡ଼ ଚଢ଼ିବା ପରେ, ପର୍ବତର ମଧ୍ୟ ଭାଗ ସାମାନ୍ୟ ବାହାରକୁ ବାହାରିଥିଲା । ତେଣୁ ଡେଇଁବାରେ ବାଧା ସୃଷ୍ଟି କରିପାରେ ବୋଲି ସେ ଭାବିଥିଲେ । ସେଥିପାଇଁ ସେ ଡେଇଁବାକୁ ଚାହୁଁ ନ ଥିଲେ । ସେପଟେ ସୁଟିଂ ପୂର୍ବରୁ ସେଠାରେ ଲୋକଙ୍କ ଭିଡ଼ ଜମି ସାରିଥିଲା । ତେଣୁ ତଳକୁ ଯାଇକି ଡେଇଁ ପାରିବେନି ବୋଲି କହିବାକୁ ତାଙ୍କୁ ଖରାପ ଲାଗୁଥିଲା । ଏଥିପାଇଁ ସେ ଯେ କୌଣସି ମତେ ପାହାଡ଼ରୁ ଡେଇଁବେ ବୋଲି ଭାବିଥିଲେ । ତଳେ ବକ୍ସ ଥିବା ଜାଣି ସେ ନିର୍ଭୟ ଥିଲେ । ହେଲେ ବକ୍ସଗୁଡ଼ିକ ଉଚ୍ଚରୁ ଦିଆସିଲି ବକ୍ସ ଭଳି ଦେଖାଯାଉଥିଲା । ଏହା ସତ୍ତ୍ୱେ ସେ ଦୌଡ଼ିକି ଡେଇଁବା ପ୍ରୟାସ କରିବା ସମୟରେ ଗୋଡ଼ ଖସିଯାଇଥିଲା । ଫଳରେ ସେ ପାହାଡ଼ରୁ ପଡ଼ି ଯାଇଥିଲେ । ଏଥିରେ ତାଙ୍କୁ ଗଭୀର ଆଘାତ ଲାଗିଥିଲା । ସେହିପରି ସେ ଫିଲ୍ମ 'ପତ୍ଥର୍ କେ ଫୁଲ୍' ସୁଟିଂ ସମୟରେ ମଧ୍ୟ ଏକ ଷ୍ଟଣ୍ଟ କରୁଥିବା ସମୟରେ ପଡ଼ିଯାଇଥିଲେ । ଫଳରେ ବହୁଦିନ ଧରି ତାଙ୍କ ପିଠିରେ ଯନ୍ତ୍ରଣା ଲାଗି ରହିଥିଲା । ■

## ଟେଲିଭିଜନ ପ୍ରିମିୟର
# ଅଦୃଶ୍ୟ

ଆଜି (ମେ ୩୧) ସନ୍ଧ୍ୟା ୬ଟା ୩୦ରେ ଜି ସାର୍ଥକରେ ୱାର୍ଲ୍ଡ ଟେଲିଭିଜନ ପ୍ରିମିୟର ହେବ ଓଡ଼ିଆ ସିନେମା 'ଅଦୃଶ୍ୟ' । "ପାପକୁ ଲୁଚାଇବା ସହଜ କିନ୍ତୁ କର୍ମକୁ ନୁହଁ, ଶେଷ ପରିଣାମ କ'ଣ ହେବ କାରଣ କର୍ମ ଫଳ ଯେମିତି ହେଲେ ଭୋଗିବାକୁ ତ ପଡ଼ିବ" । ଯାହାକୁ ପ୍ରମାଣିତ କରିଛି ଏହି ଚଳଚ୍ଚିତ୍ର ନିଜର ଏକ ଦମଦାର କାହାଣୀ ସହ । ମା' ଗାୟତ୍ରୀ ଫିଲ୍ମସ୍ ବ୍ୟାନରରେ ନିର୍ମିତ ଏହି ଚଳଚ୍ଚିତ୍ରର କାହାଣୀ ଜୀବନ ସହ ଯୋଡ଼ି ହୋଇ ରହିଥିବା କର୍ମଫଳ ଏବଂ ଏକ ରହସ୍ୟମୟ 'ଅଦୃଶ୍ୟ ଶକ୍ତି' ଉପରେ ଆଧାରିତ । ଏହି ଫିଲ୍ମର ନିର୍ଦ୍ଦେଶନା, କାହାଣୀ ଓ ଚିତ୍ରନାଟ୍ୟ ଭାର ସତ୍ୟ ନାରାୟଣ ସାହୁ ସମ୍ଭାଳିଥିବା ବେଳେ ପ୍ରଯୋଜନା କରିଛନ୍ତି ସୁନନ୍ଦା ସାହୁ । ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ମଳୟ ମିଶ୍ରଙ୍କ ସ୍ୱର ଏବଂ ଅରୁଣ ମନ୍ତ୍ରୀ ଓ ସତ୍ୟ ନାରାୟଣ ସାହୁଙ୍କ ଗୀତ ଚଳଚ୍ଚିତ୍ରକୁ ଅଧିକ ଜୀବନ୍ତ କରିଛି । ମୁଖ୍ୟ ଭୂମିକାରେ ଅଭିଷେକ ଗିରି, ଲିପ୍‌ସା ମିଶ୍ର ଏବଂ ସାୟଲ ମୁଖାର୍ଜୀ ନଜର ଆସିବେ । ସେହିପରି ସହ-ଅଭିନେତା ଭାବେ ଚୌଧୁରୀ ଜୟପ୍ରକାଶ ଦାସ, ଜୀବନ ପଣ୍ଡା, ରାଜେଶ ଅଗ୍ରୱାଲ, ନୀଳମଣି, ପ୍ରଦୀପ ଦେବତା, ଅରବିନ୍ଦ ଜେନା ଓ କୁସୁମ ତ୍ରିପାଠୀ ପ୍ରମୁଖ ଅଭିନୟ କରିଛନ୍ତି । ■



# ଧାନକିଣା ପ୍ରସଙ୍ଗ ନେଇ କଂଗ୍ରେସ-ବିଜେପି ମୁହାଁମୁହିଁ

ବାଲେଶ୍ୱର(ଉତ୍ତର), ୬।୬ (ସମିସ)

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍‌ରେ ଧାନ କିଣା ପ୍ରସଙ୍ଗକୁ ନେଇ ଉଭୟ ବିଜେପି ଓ କଂଗ୍ରେସ ମୁହାଁମୁହିଁ ହୋଇଛନ୍ତି। ଧାନ କିଣାରେ କଟ୍‌ନୀଛଟ୍‌ନୀ, ଟୋକନ ମୁତାବକ ଚାଷୀଙ୍କ ଠାରୁ ଧାନ ନନେଇ ପେପର ଟ୍ରାଞ୍ଜାକ୍ସନ ହେଉଥିବା ଅଭିଯୋଗ ହୋଇଛି। ଖୋଦ ସରକାରୀ ଦଳର ନେତା ତଥା ବାଲେଶ୍ୱର - ଭଦ୍ରକ କେନ୍ଦ୍ର ସମବାୟ ସମିତିର ନିର୍ଦ୍ଦେଶକ, ଗୁନାଇ ବସାଣ ସମବାୟ ସମିତିର ସଭାପତି ଆଶିଷ କୁମାର ପାତ୍ର ଦୁଇ ଦୁଇ ଥର ସାମ୍ବାଦିକ ସମ୍ମିଳନୀ ଆୟୋଜନ କରି ବିଜେଡି ଓ କଂଗ୍ରେସ ସମର୍ଥିତ ସମବାୟ ସମିତିର ସଭାପତି ସହିତ ସମ୍ପାଦକ, ମିଲରମାନେ ଏଥିରେ ସମ୍ପୃକ୍ତ ଥିବା ନେଇ ଅଭିଯୋଗ ଆଣିଥିଲେ। ତେବେ ଏପରି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ଭୋଗରାଇ ବ୍ଲକ କଂଗ୍ରେସ ସଭାପତି ସନ୍ତୋଷ ଜେନା କହିଛନ୍ତି। ଅପର ପକ୍ଷରେ ଶ୍ରୀ ପାତ୍ର ନିଜେ ଜଣେ ନିର୍ବାଚିତ ପ୍ରତିନିଧି ହେବା ସହ ସମବାୟ ବିଭାଗ ସହିତ ଜଡ଼ିତ ରହି ନିଜର ଉତ୍ତର ଦାୟିତ୍ୱ ନିଭାଇଛନ୍ତି କି ବୋଲି ପ୍ରଶ୍ନ କରିଛନ୍ତି।

ଜଳେଶ୍ୱରପୁରସ୍ଥିତ ବ୍ଲକ କଂଗ୍ରେସ କାର୍ଯ୍ୟାଳୟଠାରେ ଗତ ଗୁରୁବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ସଭାପତି ଶ୍ରୀ ଜେନା କହିଥିଲେ ଯେ ଭୋଗରାଇରେ ୧୯ ଟି ସମବାୟ ସମିତିରେ ୧୩୬୨୦ ଜଣ ଧାନ ପଞ୍ଜୀକରଣ ପାଇଁ ଆବେଦନ ଫର୍ମ ନେଇଥିବାବେଳେ




ସେଥିରୁ ୧୦୯୯୬ ଜଣ ପଞ୍ଜୀକରଣ କରିଛନ୍ତି। ବିଜେପି ନେତା ଶ୍ରୀ ପାତ୍ର ଗୁନେଇବସାଣ ସମବାୟ ସମିତିରେ ସଭାପତି ଥାଇ ସମସ୍ତ ଚାଷୀ ପଞ୍ଜିକରଣ କରିଥିବା କହିଥିବାବେଳେ ସେଥିରୁ ୨୧ ଜଣ ବାଦ ପଡିଲେ କାହିଁକି। ଏହାସହିତ ପେପର ଟ୍ରାଞ୍ଜାକ୍ସନ ଜରିଆରେ ଯଦି ଦୁର୍ନୀତି ହେଉଥିବା ସେ ଜାଣିଛନ୍ତି ତେବେ ନିଜ ଦଳର ନେତୃତ୍ୱରେ ଚାଲିଥିବା ସରକାର, ବିଭାଗୀୟ ମନ୍ତ୍ରୀ, ସାଂସଦ ଙ୍କ ଦୃଷ୍ଟି ଗୋଚର ନ କରି କାହିଁକି ରାଜନୀତି ରେ ରୋଟି ସେକୁଛନ୍ତି ବୋଲି ବିଜେପି ନେତା ଙ୍କୁ ପାଲଟା ଜବାବ ମାଗିଥିଲେ। ଶ୍ରୀ ଜେନା ଆହୁରି କହିଛନ୍ତି ଯେ ବିଜେପି ନେତା ଶ୍ରୀ ପାତ୍ର ବିଭିନ୍ନ ଗଣ ମାଧମରେ ବିବୃତି ରଖି କହୁଛନ୍ତି ଯେ ସେ ସମବାୟ ବ୍ୟାଙ୍କ ର ନିର୍ଦ୍ଦେଶକ, ଧାନ କିଣା ରେ ବ୍ୟାଙ୍କର କିଛି ଭୂମିକା ନାହିଁ। ଯଦି ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଙ୍କ ଭୂମିକା ଧାନ କିଣା ବିକାର ବାହାରେ ତେବେ ସମ୍ପୃକ୍ତ ନିର୍ଦ୍ଦେଶକ ଜଣକ ବିଭିନ୍ନ ଧାନ ମଣ୍ଡି ଉଦ୍‌ଘାଟନ ବେଳେ ଫିତା କଟା ଉତ୍ସବରେ ନିଜକୁ ସାମିଲ କରନ୍ତି କାହିଁକି? ଶ୍ରୀ ପାତ୍ର ଙ୍କ ବୟାନ ଅନୁଯାୟୀ ଧାନ କିଣାବିକାରେ, ଏଆର୍‌ସିଏସ୍, ଡିଆରସିଏସ୍, ସିଏସ୍‌ଓ, ଏସିଏସ୍‌ଓ, ଏମ୍‌ଆଇ ଭଳି ଅଧିକାରୀମାନେ ସମ୍ପୃକ୍ତ ଥାନ୍ତି ତେବେ ସମବାୟ ବିଭାଗର ନିର୍ବାଚିତ ଲୋକ ପ୍ରତିନିଧି ଭାବେ ସେ ନିଜର ଦାୟିତ୍ୱ ଠିକ୍ ଭାବେ ନିଭାଇଛନ୍ତି କି ବୋଲି ଶ୍ରୀ ଜେନା ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ଧାନ ପଞ୍ଜୀକରଣ ଅବଧି ୫ଦିନ ବୃଦ୍ଧି କରାଯିବ ସମ୍ପର୍କରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସାମାଜିକ ଗଣମାଧମରେ ପ୍ରତିଶ୍ରୁତି ରଖିଥିଲା ବେଳେ ତାହା ମିଛ ପ୍ରତିଶ୍ରୁତି ଥିଲା କି? ତେଣୁ ବିଜେପି ନେତା ଶ୍ରୀ ପାତ୍ର ପ୍ରଥମେ ଏହି ପ୍ରଶ୍ନର ଜବାବ ରଖନ୍ତୁ ବୋଲି ଶ୍ରୀ ଜେନା କହିଥିଲେ। ଏହି ସମ୍ମିଳନୀରେ ଜିଲ୍ଲା କଂଗ୍ରେସର ସମ୍ପାଦକ ଶିଶିର ମହାପାତ୍ର, ମନ୍ଦାରସା ସାହି ସରପଞ୍ଚ ମମତା ସାହୁ, ନିମାତପୁର ସରପଞ୍ଚ ରାଜେନ୍ଦ୍ର ଦଳାଇ, ସମିତିସଭ୍ୟ ମହିଧର ଜେନା, ଦେବୀପ୍ରସାଦ ଗୋସ୍ୱାମୀ, ରାଧାଶ୍ୟାମ ପାତ୍ର, କପିଳ ନାଥ,ସୁନିଲ ମହାନ୍ତି ପ୍ରମୁଖ ବହୁ କଂଗ୍ରେସ ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ।

# ଭୁଜାଲି ଦେଖାଇ ସୁନା ଦୋକାନରୁ ଲୁଟ୍ ଉଦ୍ୟମ



ବାଲେଶ୍ୱର,୬।୬(ସମିସ): ସ୍ୱଷ୍ଟ ଦିବାଲୋକରେ ସୁନା ଦୋକାନରୁ ଭୁଜାଲି ଦେଖାଇ ଲୁଟ୍ ଉଦ୍ୟମ ହୋଇଛି। ଦୋକାନୀ ପାଟିକରିବାରୁ କେବଳ ଦୋକାନୀଙ୍କ ମୋବାଇଲ ନେଇ ଦୁର୍ବୃତ୍ତମାନେ ଦୌଡ଼ି ପଳାଥିଲେ। ବାଲେଶ୍ୱର ଚାନ୍ଦିପୁର ଥାନା ପଟାପୋଲ ଛକ ନିକଟରେ ଥିବା ଏହି ସୁନା ଦୋକାନରୁ ଏଭଳି ସଶସ୍ତ୍ର ଡକାୟତି ଉଦ୍ୟମ ହୋଇଥିବା ସିସିଟିଭି ଫୁଟେଜ୍‌ରେ ଦୃଶ୍ୟ କଏଦ ହୋଇଛି। ତିନି ଜଣ ଲୁଟେରା ଲୁଟ୍ ଉଦ୍ୟମ କରିଥିଲେ। ଅଭିଯୋଗ ଅନୁସାରେ ଚାନ୍ଦିପୁର ପଟାପୋଲ ଅଞ୍ଚଳର ଗୋବିନ୍ଦ କାମିଲାଙ୍କ ପୁଅ ସଞ୍ଜିତ କାମିଲା ନିଜ ଘର ସମ୍ମୁଖରେ ଥିବା ଦୋକାନରେ ଥିଲେ। ପ୍ରଥମେ ଦୁଇଜଣ ଲୁଟେରା ସୁନା ଦୋକାନରେ ପଶି ସୁନାହାର ଦେଖାଇବାକୁ କହିଥିଲେ। ପରେ ଅନ୍ୟ ଜଣେ ଲୁଟେରା ଭିତରକୁ ଆଶି ମୋବାଇଲ ଫୋନ୍ ଉଠାଇନେଇ ଭୁଜାଲି ବାହାର କରି ତାଙ୍କୁ ଭୟଭୀତ କରାଇଥିଲା। ସଞ୍ଜିତ ଜୋରରେ ପାଟି କରି ନିଜ ଘର ଭିତରକୁ ଯିବାକୁ ଚେଷ୍ଟା କରିଥିବାବେଳେ ତାଙ୍କୁ ଲୁଟେରାମାନେ ମାଡ଼ିବସିଥିଲେ। ଠିକ ସେହି ସମୟରେ ତାଙ୍କ ଘର ଭିତରୁ ଅନ୍ୟ ଲୋକ ପହଞ୍ଚିଯିବାରୁ ତିନିଜଣ ଲୁଟେରା ଦୌଡ଼ି ପଳାଇଥିଲେ। ଏ ସମ୍ପର୍କରେ ଚାନ୍ଦିପୁର ଥାନାରେ ଏକ ଲିଖିତ ଅଭିଯୋଗ ପରେ ପୁଲିସ ଏହି ଘଟଣାରରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ହେଲେ ଚାନ୍ଦିପୁର ଥାନା ଅଞ୍ଚଳରେ ଦୈନିକ ବିଭିନ୍ନ ଅପରାଧ ଘଟୁଥିବାବେଳେ ଚାନ୍ଦିପୁର ପୁଲିସର ନିରବତା ସମ୍ପର୍କରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଲୁଟେରାମାନଙ୍କୁ ତୁରନ୍ତ ଗିରଫ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଆର୍‌ଓବି କାର୍ଯ୍ୟ ଆରମ୍ଭ ପାଇଁ ବରିଷ୍ଠ ନାଗରିକ ମଞ୍ଚର ଦାବି



ଜଳେଶ୍ୱର,୬।୬(ସମିସ)

ଜଳେଶ୍ୱର-ପଶ୍ଚିମବାଡ଼ ରାସ୍ତାର ରେଳ ଫାଟକ ନଂ-୪୬ ନିକଟରେ ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ପାଇଁ ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ସଭାପତି ଡ. ରମାକାନ୍ତ ଭଞ୍ଜଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜଳେଶ୍ୱର ଷ୍ଟେସନ ମ୍ୟାନେଜର ଚନ୍ଦନ କୁମାର ସିଂଙ୍କ ଜରିଆରେ ରେଳବାଇ ବିଭାଗକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ ଏହି ରେଳ ଅଭର ବ୍ରିଜ୍ ନିର୍ମାଣ ପାଇଁ ବରିଷ୍ଠ ନାଗରିକ ମଞ୍ଚର ଦାବିକୁ ଗ୍ରହଣ କରି ଭାରତ ସରକାରଙ୍କ ରେଳ ମନ୍ତ୍ରଣାଳୟ ରେଳ ବୋର୍ଡ ଚିଠି ନଂ ୨୦୨୫ ତା ୦୭-୦୧-୨୦୨୬ରିଖ ଓ ଦକ୍ଷିଣପୂର୍ବ ରେଳପଥ ଜେନେରାଲ ମ୍ୟାନେଜର, କଲିକତା କାର୍ଯ୍ୟାଳୟ ମୁଖ୍ୟଯନ୍ତ୍ରୀ ତା୨୭-୦୩-୨୦୨୬ରିଖରେ ବରିଷ୍ଠ ନାଗରୀକ ମଞ୍ଚକୁ ଚିଠି ପ୍ରଦାନ କରିଥିଲା। ମାତ୍ର ଦୀର୍ଘ ଦିନ ଅତିବାହିତ ପରେ ମଧ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ଫଳରେ ଏହି ଫାଟକ ଦେଇ ଯାତାୟତ କରୁଥିବା ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ତୁରନ୍ତ ବ୍ରୀଜ କାର୍ଯ୍ୟ ଆରମ୍ଭ ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ପ୍ରତିନିଧି ଦଳରେ ମଞ୍ଚର ସମ୍ପାଦକ ଲଳିତ ରଞ୍ଜନ ସେନାପତିଙ୍କ ସହିତ ଉପସଭାପତି କପିଳେଶ୍ୱର ମହାନ୍ତି, ସହ ସମ୍ପାଦକ ଶ୍ରୀମନ୍ତ ଘୋଷ, ଉପଦେଷ୍ଟା ଶିକ୍ଷକ ନେତା ଖଗେନ୍ଦ୍ର ସାହୁ, ଶିକ୍ଷାବିତ୍ ଶ୍ୟାମାଚରଣ ଦାସ, ସମାଜସେବୀ ଦିଲ୍ଲୀପ କୁମାର ଗିରି, ପ୍ରଶାନ୍ତ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଚର୍ଚ୍ଚ ପ୍ରପର୍ଟିର ଆସୋସିଏସନର ଭୂସମ୍ପତି ମାଲିକାନାକୁ ନେଇ ବିବାଦ

ବାଲେଶ୍ୱର,୬।୬(ସମିସ)

ସହରରେ ଜବରଦଖଲ ଉଚ୍ଛେଦ ପରେ ବାପ୍‌ଟିଷ୍ଟ ଚର୍ଚ୍ଚ ପ୍ରପର୍ଟି ଆସୋସିଏସନର ଜମି ଉପରେ ଥିବା ଦୋକାନ ଘର ଭଙ୍ଗା ଯିବାକୁ ନେଇ ଖ୍ରୀଷ୍ଟିଆନ ସର୍ଭିସ ସୋସାଇଟିର ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କ ନିକଟରେ ଆପତ୍ତି ଜଣାଇଥିଲା। ତେବେ ଏହି ପ୍ରତିନିଧି ଦଳର ନେତୃତ୍ୱ ନେଇଥିବା ସଞ୍ଜୀବ କୁମାର ନାୟକଙ୍କ ଉପରେ ପ୍ରଶ୍ନ ଉଠାଇଛନ୍ତି ୨୦୧୫ରୁ ଅଦ୍ୟାବଧି ସୋସାଇଟିର ସମ୍ପାଦକ ଦାୟିତ୍ୱ ତୁଲାଉଥିବା ଡାନିଏଲ ଦାସ। ଏ ନେଇ ସୋସାଇଟିର କର୍ମକର୍ତ୍ତାମାନେ ସ୍ଥାନୀୟ ଫକୀର ମୋହନ ଗୋଲେଇ ଠାରେ ଏକତ୍ରିତ ହୋଇ ଶ୍ରୀ ନାୟକଙ୍କ ବେଆଇନ କାର୍ଯ୍ୟଧାରା ସମ୍ପର୍କରେ ସୂଚନା ଦେଇଥିଲେ। ବେଙ୍ଗଲ, ଓଡ଼ିଶା ଓ ଝାଡ଼ଖଣ୍ଡ ରାଜ୍ୟ ଅନ୍ତର୍ଗତ ବାପଟିଷ୍ଟ ମହାସଭାର ଖ୍ରୀଷ୍ଟିଆନ ସର୍ଭିସ ସୋସାଇଟି ସହଯୋଗରେ ଗଠିତ ଆସୋସିଏସନ ସମ୍ପୃକ୍ତ ରାଜ୍ୟଗୁଡିକରେ ବାପ୍‌ଟିଷ୍ଟ ଚର୍ଚ୍ଚ ପ୍ରାଇଭେଟ ଲିମିଟେଡ, ମାଡ୍ରାସଙ୍କ ସମସ୍ତ ଭୂସମ୍ପତିରେ ସୁରକ୍ଷା କରିଥାଏ। ଏହାର ସୁଯୋଗ ନେଇ ନିଜକୁ ଆସୋସିଏସନର ଆଟର୍ଣ୍ଣି ହୋଲଡର ଭାବେ ପରିଚୟ ଦେଉଥିବା ଶ୍ରୀ ନାୟକଙ୍କର ସମସ୍ତ ତଥ୍ୟ ମିଥ୍ୟା ଓ କପୋଳକଳ୍ପିତ ଏବଂ ଆସୋସିଏସନ ବା ସୋସାଇଟିରେ ତାଙ୍କର କୌଣସି ଭୂମିକା କି ଦାୟିତ୍ୱ ନାହିଁ। ବାଲେଶ୍ୱର ସହରର ଭାସ୍କରଗଞ୍ଜ ମୌଜା ସ୍ଥିତ ଖାତା ନଂ ୧୫୧ ଓ ଖସଡ଼ା ନଂ ୪୭୫ର ଭୂସମ୍ପତ୍ତି ଉପରେ ଶ୍ରୀ ନାୟକଙ୍କ କୌଣସି ଆଇନଗତ ଅଧିକାର ନାହିଁ। ଅନ୍ୟପକ୍ଷରେ ବାଲେଶ୍ୱର ସବ୍ ଜଜ୍‌ଙ୍କ ଅଦାଲତରେ ଦେୱାନ ମୋକଦ୍ଦମା ନଂ ୩୬୫/୨୦୦୨ ଓ ମିଶ୍ କେସ୍ ନଂ ୯୫/୨୦୦୩ର ବିଚାରରେ ୧୫୧ନଂ ଖାତାରେ ଥିବା ସମ୍ପତ୍ତି ସହିତ ବାପ୍‌ଟିଷ୍ଟ ଚର୍ଚ୍ଚର ଅନ୍ୟାନ୍ୟ ସମ୍ପତ୍ତିରେ ଶ୍ରୀ ନାୟକଙ୍କ କୌଣସି ପ୍ରକାର ହସ୍ତକ୍ଷେପ ଉପରେ ଅଦାଲତ ନିଷେଧାଜ୍ଞା ଜାରି କରିଛନ୍ତି। ସେହି କ୍ରମରେ କଚେରୀ ରୋଡ ସ୍ଥିତ ଇମାନୁଏଲ ମାର୍କେଟ କମ୍ପ୍ଲେକ୍ସ ଓ ମିଶନ ବାଳକ ବିଦ୍ୟାଳୟ ପରିସରରେ ଥିବା ସମସ୍ତ ଭୂସମ୍ପତ୍ତି ଉପରେ ମଧ ନିଷେଧାଜ୍ଞା ଏଯାବତ ବଳବତ୍ତର ରହିଛି ବୋଲି ସମ୍ପାଦକ ଶ୍ରୀ ଦାସ ସୂଚନା ଦେଇଛନ୍ତି। ୨୦୦୫ ମସିହାରେ ଆସୋସିଏସନର ତତ୍କାଳୀନ ପାୱାର ଅଫ୍ ଆଟର୍ଣ୍ଣି ଭରତ ଠକ୍କର ବେଆଇନ ଭାବେ ଖାତା ନଂ ୧୫୧ ଓ ଖସଡା ନଂ ୪୭୫ରେ ଥିବା ଦୋକାନ ଘର ଗୁଡିକୁ ବିକ୍ରୟ କରି ଦେଇଥିଲେ, ଯାହା ବିରୋଧରେ ମାଲିକାନାକୁ ନେଇ ଏଯାବତ ମାମଲା ଅଦାଲତଙ୍କ ବିଚାରାଧୀନ ରହିଛି। ତେଣୁ ପ୍ରଶାସନ ପକ୍ଷରୁ ଦୋକାନ ଘର ଭଙ୍ଗା ଘଟଣା ଉପରେ ପ୍ରତିକ୍ରିୟା ରଖିବା ନେଇ ସୋସାଇଟିର କୌଣସି ଅଧିକାର ନାହିଁ। ମାତ୍ର ବାଲେଶ୍ୱରର କେତେକ ଖ୍ରୀଷ୍ଟିଆନ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନ ସହଯୋଗରେ ନିଜକୁ ଆଟର୍ଣ୍ଣି ହୋଲଡର ଦର୍ଶାଇ ଶ୍ରୀ ନାୟକ ବିଭିନ୍ନ ପ୍ରକାର ନୋଟିସ ପଠାଇବା ଓ ଏକାଧିକ ସ୍ଥାନରେ ଥିବା ଦୋକାନ ଘରୁ ଭଡା ଆଦାୟ କରି ଅସାଧୁ ଉପାୟରେ ଅର୍ଥ ଉପାର୍ଜନର ଉଦ୍ୟମ ଚଳାଇବା ସମ୍ପୂର୍ଣ୍ଣ ବେଆଇନ ବୋଲି ସୋସାଇଟିର କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଅବଗତ ନିମନ୍ତେ ଖ୍ରୀଷ୍ଟିଆନ ସର୍ଭିସ ସୋସାଇଟି ପକ୍ଷରୁ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ରାଜକୁମାର ଦାସ, ଲୋକରଞ୍ଜନ ଦାସ, ପ୍ରିୟାଂଶୁ ରଞ୍ଜନ ସାହା, ପ୍ରଶାନ୍ତ କୁମାର ଦାସ, ସାମୁଏଲ ସିଂହ, ଜେମ୍‌ସ ରଞ୍ଜନ ସିଂହ, ସନ୍ଦୀପ ସିଂହ, ସୂରଜ ସିଂହ, ସାଗର ରଞ୍ଜନ ସିଂହ, ସୁମିତ ରଞ୍ଜନ ସିଂହ, ଅମୂଲ୍ୟ କୁମାର ଦାସ, ଆଦିତ୍ୟ ଦାସ, ସୁପ୍ରକାଶ ସାହା, ନିରୋଜ କୁମାର ସେନ ପ୍ରମୁଖ ଏହି ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।



**ଅସାଧୁ ଉପାୟରେ ଅର୍ଥ ଉପାର୍ଜନ ଉଦ୍ୟମକୁ ବିରୋଧ**

# ସାମଜସେବୀ ମନୋରଞ୍ଜନ ଦାସଙ୍କ ସ୍ମୃତିସଭା



ବାଲେଶ୍ୱର,୬।୬(ସମିସ): ରେମୁଣା ଅଞ୍ଚଳର ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ମନୋରଞ୍ଜନ ଦାଶଙ୍କ ଏକାଦଶାହ ଅବସରରେ ଏକ ସ୍ମୃତିସଭା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସଭାପତି ପ୍ରଶାନ୍ତ ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତି ସଭାରେ ତାଙ୍କ ଗୁଣାବଳୀ ଉପରେ ଆଲୋଚନା କରାଯାଇଥିଲା। ସ୍ମୃତିସଭାରେ ଅନ୍ୟମାନଙ୍କ ମଧ୍ୟରେ ଡ. ଭାଗବତ ପ୍ରସାଦ ଦାସ, ମଞ୍ଚର ସମ୍ପାଦକ ନିରଞ୍ଜନ ମହାରଣା, ରାମଚନ୍ଦ୍ର ବେହେରା, ପ୍ରଦୀପ କୁମାର ବେହେରା, ବରିଷ୍ଠ ସାମ୍ବାଦିକ ଗୋବିନ୍ଦ୍ରଚନ୍ଦ୍ର ପାଢ଼ୀ, ବ୍ୟାକରଣବିତ ନିରଞ୍ଜନ ସାହୁ, ଚକ୍ରଧର ଦାସ, ଜୟନ୍ତ କୁମାର ବରାଳ, ମୃତ୍ୟୁଞ୍ଜୟ ପ୍ରଧାନ, କବୟତ୍ରୀ ବାସନ୍ତୀ ଦାସ, କୃଷ୍ଣ ମୋହନ ମହାରଣା ପ୍ରମୁଖଙ୍କ ଅନ୍ୟମାନେ ଯୋଗଦେଇ ତାଙ୍କର ସ୍ମୃତି ଚାରଣ କରିଥିଲେ।

# ଏଲିମେଣ୍ଟାରୀ ବିଏଡ୍ ଶିକ୍ଷକ ସଂଘ ପକ୍ଷରୁ ବିଇଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



କାଳିପଦା,୬।୬(ସମିସ): ବାଲିଆପାଳ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ନବନିଯୁକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଉଷା ସେଠୀଙ୍କୁ ଶୁକ୍ରବାର ବାଲିଆପାଳ ଏଲିମେଣ୍ଟାରୀ ବିଏଡ୍ ଶିକ୍ଷକ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏଲିମେଣ୍ଟାରୀ ବିଏଡ୍ ଶିକ୍ଷକ ସଂଘର ସଭାପତି ମନୋରଞ୍ଜନ ପ୍ରଧାନ, ସମ୍ପାଦକ ନବୀନ କୁମାର ରଣା, ସଦସ୍ୟ ଦେବବ୍ରତ ଦାସ, ନିତିଶ ପାଲ, ପବିତ୍ର ପାତ୍ର, ବିଆର୍‌ସିସି କମ୍ ଏବିଓ- ବଂଶୀଧର ନାୟକ, ଅଖିଳ ଭାରତୀୟ ଶୈକ୍ଷିକ ମହାସଂଘର ଜିଲ୍ଲା ସମ୍ପାଦକ ପ୍ରଦୀପ୍ତ ପାତ୍ର ପ୍ରମୁଖ ଉପସ୍ଥିତ ହୋଇ ନବ ନିଯୁକ୍ତ ବାଲିଆପାଳ ଗୋଷ୍ଠୀ ଶିକ୍ଷା ଅଧିକାରୀଣୀ ଶ୍ରୀମତୀ ସେଠୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହା ପୂର୍ବରୁ ଶ୍ରୀମତୀ ସେଠୀ ବାହାନଗା ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଭାବରେ କାର୍ଯ୍ୟ ତୁଲାଇ ଆସିଥିଲେ। ଏହି ଅବସରରେ ଶ୍ରୀମତୀ ସେଠୀ ବାଲିଆପାଳରେ ଶିକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବାରେ ଚେଷ୍ଟିତ ରହିବେ ବୋଲି କେହିଥିଲେ।

# ଅମୃତ ବିହାର ଦକ୍ଷତା ବିକାଶ କର୍ମଶାଳା ଉଦ୍‌ଘାଟିତ

ବାଲେଶ୍ୱର,୬।୬(ସମିସ): ଅଖିଳ ଭାରତ ଅମୃତବାଣୀ ସେବା ପ୍ରତିଷ୍ଠାନର ଅମୃତବାଣୀ ଆଦର୍ଶ ଶୋଧ ସଂସ୍ଥାନ ଆନୁକୂଲ୍ୟରେ ନୀଳଗିରି ଅମୃତବିହାର ପରିସରରେ ଏକ ଦକ୍ଷତା ବିକାଶ କର୍ମଶାଳା ଅଧକ୍ଷ ଡ କୁମାରଚନ୍ଦ୍ର ମିଶ୍ରଙ୍କ ପୌରହିତ୍ୟରେ ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସିଦ୍ଧି ବିନାୟକ ସ୍କୁଲର ଅଧ୍ୟକ୍ଷ ସୁଧାଂଶୁ କୁମାର ପଣ୍ଡା ଯୋଗଦେଇ ସଂସ୍କୃତ ଭାଷାରେ ଦକ୍ଷତା ବିକାଶ ପାଇଁ ଏହି ଶିବିର ଅତ୍ୟନ୍ତ ଉପାଦେୟ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ପ୍ରତିଭାଶ୍ରୀର ମୁଖ୍ୟ କବି ପ୍ରଶାନ୍ତ ଦାସ ଯୋଗଦେଇ ଆଧୁନିକ ପ୍ରଯୁକ୍ତି ବିଦ୍ୟା ଯୁଗରେ ସଂସ୍କୃତର ପ୍ରାସଙ୍ଗିକତା ଏବେ ମଧ୍ୟ ଅନୁଭୂତ ହେଉଛି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଆରଟି ଆଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପଣ୍ଡା ଯୋଗଦେଇ କେବଳ ଭାରତୀୟ ଭାଷା ଭାବେ ନୁହେଁ ସଂସ୍କୃତ ଭାଷା ସମଗ୍ର ବିଶ୍ୱକୁ ଆଲୋକ ପ୍ରଦାନକାରୀ ଭାଷା ଭାବେ ଏକ ସ୍ୱତନ୍ତ୍ର ପରିଚୟ ରଖିଛି ବୋଲି କହିଥିଲେ। ଅମୃତବାଣୀ ଗୁରୁକୁଳର ପ୍ରଧାନ ଆଚାର୍ଯ୍ୟା ମୀନାରାଣୀ ପାଲିତ, ଅମୃତବାଣୀ ଆଦର୍ଶ ଶୋଧ ସଂସ୍ଥାର ସହ ନିର୍ଦ୍ଦେଶକ ଡ ଭୋଳାନାଥ ଦାଶ, ଡ. ମୀତାରାଣୀ ଦାଶ, ବେଦ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ତପନ କୁମାର ପଣ୍ଡା, ଅରୁଣ କୁମାର ରଥ, ଦୁଲାଲ କୁମାର ମିଶ୍ର, ଡ ନାରାୟଣ ସାମାଇ, ତପସ୍ୱନୀ ଦାଶ, ସତ୍ୟନାରାୟଣ ଷଡଙ୍ଗୀ, ଜ୍ଞାନରଞ୍ଜନ ବେହେରା, ଲମ୍ବୋଦାର ମିଶ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅମୃତବାଣୀର ମହାସଚିବ ଜୟ ପ୍ରକାଶ ଶାସ୍ତ୍ରୀ ଧନ୍ୟବାଦ ଦେଇଥିଲେ। ଏହି ଶିବିରରେ ଓଡ଼ିଶା ତଥା ଓଡ଼ିଶା ବାହାରୁ ୧୫୦ରୁ ଅଧିକ ଛାତ୍ରଛାତ୍ରୀ ଯୋଗଦେଇଥିଲେ।



# ଫାଇଲେରିଆ ମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ଉଦ୍‌ଯାପିତ

କାଳିପଦା,୬।୬(ସମିସ): ରାଜ୍ୟ ସରାକରଙ୍କ ଫାଇଲେରିଆମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ଶନିବାର ବାଲିଆପାଳ ବ୍ଲକ୍ ଅନ୍ତର୍ଗତ ମଧୁପୁରା ପଞ୍ଚାୟତର ପଞ୍ଚରୁଖିରେ ଉଦ୍‌ଯାପିତ ହୋଯାଇଛି। ରାଜ୍ୟରୁ ଫାଇଲେରିଆ ରୋଗର ମୂଳ ଉତ୍ପାଟନ କରିବା ଲକ୍ଷ୍ୟ ରଖି ଚଳିତ ମାସ ପହିଲାରୁ ଜମ୍ବିରାଇ, ପଞ୍ଚୁପାଲି, ବେତଗଡ଼ିଆରୁ କ୍ରମାନ୍ୱୟରେ ରକ୍ତ ନମୁନା ସଂଗ୍ରହ ଆରମ୍ଭ ହୋଇ ଛଅ ତାରିଖ ମଧୁପୁରା ପଞ୍ଚାୟତର ପାଞ୍ଚରୁଖିରେ ଶେଷ ହୋଇଛି। ରକ୍ତ ନମୁନା ପରୀକ୍ଷା ପରେ ଫାଇଲରିଆ ମୁକ୍ତ ରାଜ୍ୟ ଗଠନ ପାଇଁ ଲୋକମାନଙ୍କୁ ମାଗଣା ଔଷଧ ବଣ୍ଟନ କରାଯିବ। ଶ୍ରୀରାମପୁର ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷକ ଅଜୟ କୁମାର ପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଫାଇଲେରିଆ ମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ଲାବୋରେଟୋରି ଟେକ୍ନିସିୟାନ ରବି ନାରାୟଣ ଭଞ୍ଜ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀ ଶୁଭଶ୍ରୀ ସାହୁ ପ୍ରମୁଖ ପାଞ୍ଚରୁଖି ଗ୍ରାମରେ ୨ ଦିନିଆ ଅସ୍ଥାୟୀ ସ୍ୱାସ୍ଥ୍ୟ କ୍ୟାମ୍ପ କରି ରାତିରେ ଲୋକଙ୍କ ଠାରୁ ରକ୍ତ ନମୁନା ସଂଗ୍ରହ କରିଥିଲେ। ଏହି କାର୍ଯ୍ୟର ତଦାରଖ ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଏନଥୋଲୁଜିଷ୍ଟ ଜ୍ୟୋତିରଞ୍ଜନ କର ନିଜ ଟିମ ମେମ୍ବରମାନଙ୍କ ସହିତ କ୍ୟାମ୍ପରେ ପହଞ୍ଚି କାର୍ଯ୍ୟ ତଦାରଖ କରିବା ସହିତ ରାଜ୍ୟକୁ ଫାଇଲେରିଆ ମୁକ୍ତ କରିବା ପାଇଁ ଫାଇଲେରିଆ ପ୍ରବଣ ଗ୍ରାମ ଗୁଡ଼ିକରେ ସମସ୍ତଙ୍କ ରକ୍ତ ନମୁନା ପରୀକ୍ଷା କରିବା ଆବଶ୍ୟକ ରହିଛି ବୋଲି ଲୋକଙ୍କୁ ସଚେତନ କରାଇଥିଲେ।



**ଅନ୍ଧାରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର**

# ଜଳୁନି ଷ୍ଟ୍ରିଟ୍ ଲାଇଟ୍; ଜମୁଛି ଅସାମାଜିକଙ୍କ ଆଡ୍ଡା

ବାଲେଶ୍ୱର,୬।୬(ସମିସ)

ଯେଉଁଠାରୁ ସମଗ୍ର ଜିଲ୍ଲାର ପ୍ରଶାସନିକ କାର୍ଯ୍ୟ ନିୟନ୍ତ୍ରିତ ହୁଏ, ଯେଉଁଠାରୁ ଉନ୍ନୟନ, ଆଇନଶୃଙ୍ଖଳା ଓ ସରକାରୀ କାର୍ଯ୍ୟକ୍ରମର ତଦାରଖ କରାଯାଏ, ସେହି କାର୍ଯ୍ୟାଳୟ ପରିସର ଏବେ ଅବ୍ୟବସ୍ଥା, ଅବହେଳା ଓ ଅସୁରକ୍ଷିତ ସ୍ଥାନର ଏକ ଜ୍ୱଳନ୍ତ ଉଦାହରଣ ପାଲଟିଛି। ଦିନରେ ସରକାରୀ ଗାଡ଼ି, ଅଧିକାରୀ ଓ ଜନସାଧାରଣଙ୍କ ଗହଳିରେ ରହୁଥିବା ଏହି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ସନ୍ଧ୍ୟା ହେଲେ ଅନ୍ଧାରରେ ରହୁଛି। ଏହି ଅନ୍ଧାରର ସୁଯୋଗ ନେଇ ଆସାମାଜିକ ବ୍ୟକ୍ତିମାନେ ସକ୍ରିୟ ହେଉଥିବା ଅଭିଯୋଗ ଉଠିଛି। କାର୍ଯ୍ୟାଳୟ ପରିସର ଭିତରେ ଥିବା ଅନେକ ଷ୍ଟ୍ରିଟ୍ ଲାଇଟ୍ ଦୀର୍ଘଦିନ ଧରି ଅଚଳ ହୋଇ ପଡ଼ିଥିବା ବେଳେ, ବିଦ୍ୟୁତ୍ ଖୁଣ୍ଟ ଓ ତାର ଉପରେ ଗଛଲତା ମାଡ଼ି ଗଲାଣି। ଅନେକ ସ୍ଥାନରେ କାଳବୈଶାଖୀ ପ୍ରଭାବରେ ଦୀର୍ଘଦିନ ଧରି ବଡ଼ ବଡ଼ ଗଛ ଡାଳ ବିଦ୍ୟୁତ୍ ତାର ଉପରେ ଝୁଲି ରହିଥିବାରୁ ଯେ କୌଣସି ମୁହୂର୍ତ୍ତରେ ବଡ଼ ଧରଣର ଦୁର୍ଘଟଣା ଘଟିବାର ଆଶଙ୍କା ସୃଷ୍ଟି ହୋଇଛି। ବର୍ଷା ଓ ପବନ ସମୟରେ ଏହି ଅବସ୍ଥା ଆହୁରି ଭୟଙ୍କର ରୂପ ନେଇପାରେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରି ଅତି ସମ୍ବେଦନଶୀଳ ଓ ଗୁରୁତ୍ୱପୂର୍ଣ୍ଣ ସରକାରୀ ସ୍ଥାନରେ ମୌଳିକ ସୁରକ୍ଷା ଓ ଆଲୋକୀକରଣ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିବା ଅତ୍ୟନ୍ତ ଚିନ୍ତାଜନକ। ସନ୍ଧ୍ୟା ପରେ ଏହି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ଅନ୍ଧାର ରହୁଥିବାରୁ ବିଭିନ୍ନ ନିର୍ଜନ ସ୍ଥାନରେ ଆସାମାଜିକ ବ୍ୟକ୍ତିଙ୍କ ଭିଡ଼ ଜମୁଥିବା, ନିଶାସେବନ ଓ ଅନ୍ୟାନ୍ୟ ସନ୍ଦେହଜନକ କାର୍ଯ୍ୟକଳାପ ଚାଲୁଥିବା ନେଇ ସ୍ଥାନୀୟ ମହଲରେ ଆଲୋଚନା ଜୋର ଧରିଛି। ଯଦି ଏହି ଅଭିଯୋଗ ସତ୍ୟ, ତେବେ ଏହା ପ୍ରଶାସନିକ ବ୍ୟବସ୍ଥା ପ୍ରତି ଏକ ଗୁରୁତର ପ୍ରଶ୍ନ ସୃଷ୍ଟି କରୁଛି। ଯେତେବେଳେ ଜିଲ୍ଲାର ସର୍ବୋଚ୍ଚ ପ୍ରଶାସନିକ କାର୍ଯ୍ୟାଳୟ ପରିସର ନିଜେ ଅନ୍ଧାରରେ ବୁଡି ରହିଛି, ସେତେବେଳେ ଜିଲ୍ଲାର ଅନ୍ୟାନ୍ୟ ସରକାରୀ ପ୍ରତିଷ୍ଠାନର ଅବସ୍ଥା କିପରି ଥିବ? ସରକାରୀ ଅର୍ଥରେ ନିର୍ମିତ ଓ ରକ୍ଷଣାବେକ୍ଷଣ ହେଉଥିବା ଏହି ପରିସରରେ ଯଦି ଲାଇଟ୍ ଜଳୁନାହିଁ, ବିଦ୍ୟୁତ୍ ତାର ବିପଦଜନକ ଅବସ୍ଥାରେ ରହିଛି ଓ ନିୟମିତ ସଫେଇ ହେଉନାହିଁ, ତେବେ ଏହା କାହାର ବିଫଳତା?



ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରର ଆଲୋକୀକରଣ ଓ ରକ୍ଷଣାବେକ୍ଷଣ ପାଇଁ ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ହେଉଛି। ତେବେ ସେହି ଅର୍ଥ କେଉଁଠି ଖର୍ଚ୍ଚ ହେଉଛି? କାହିଁକି ଅଚଳ ଲାଇଟ୍ ମରାମତି ହେଉନାହିଁ? କାହିଁକି ବିପଦଜନକ ଗଛ ଡାଳ ଓ ଲତା ହଟାଯାଉନାହିଁ? ଏହାର ଉତ୍ତର ଦେବାକୁ ପ୍ରଶାସନ ବାଧ୍ୟ ବୋଲି ସାଧାରଣରେ ଦାବି ହେଉଛି। କୌଣସି ଅଘଟଣ ଘଟିବା ପରେ ପଦକ୍ଷେପ ନେବା ପରିବର୍ତ୍ତେ ଏବେଠାରୁ ସଚେତନ ହେବା ଆବଶ୍ୟକ ବୋଲି ଜନସାଧାରଣରେ ମତ ପ୍ରକାଶ ପାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ତୁରନ୍ତ ଆଲୋକୀକରଣ ବ୍ୟବସ୍ଥା ସୁଧାର, ବିପଦଜନକ ଗଛ ଡାଳ ହଟାଇବା, ସିସିଟିଭି ବ୍ୟବସ୍ଥା ଏବଂ ନିୟମିତ ସୁରକ୍ଷା ପାଟ୍ରୋଲିଂ କରାନଗଲେ ଆଗାମୀ ଦିନରେ ଏହି ପରିସ୍ଥିତି ଆହୁରି ସଙ୍ଗୀନ ହୋଇପାରେ। ଜିଲ୍ଲାର ସର୍ବୋଚ୍ଚ କାର୍ଯ୍ୟାଳୟ ଯେତେବେଳେ ଅନ୍ଧାରରେ, ସେତେବେଳେ ଜନସାଧାରଣଙ୍କ ସୁରକ୍ଷା ନେଇ ପ୍ରଶାସନର ବ୍ୟବସ୍ଥା ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଆୟର୍ଲାଣ୍ଡ ଓ ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜ

# ଆୟରଙ୍କୁ ନେତୃତ୍ୱ; ସୂର୍ଯ୍ୟବଂଶୀଙ୍କୁ ସୁଯୋଗ






ନୂଆଦିଲ୍ଲୀ, ୬।୬ (ଏଜେନ୍ସି): ଆଗାମୀ ଦିନରେ ଖେଳାଯିବାକୁ ଥିବା ଏକାଧିକ ଟି-୨୦ ପ୍ରତିଯୋଗିତା ଲାଗି ଶନିବାର ଭାରତୀୟ ଦଳ ଘୋଷଣା କରାଯାଇଛି। ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ବିସିସିଆଇ ସିନିଅର ଚୟନ କମିଟି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ ଟି-୨୦ ଦଳର ନିୟମିତ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କୁ ଦଳରୁ ବାଦ୍ ଦେଇଛି। ତାଙ୍କ ସ୍ଥାନରେ ଶ୍ରେୟାସ ଆୟରଙ୍କୁ ସଂକ୍ଷିପ୍ତ ଫର୍ମାଟ୍‌ରେ ଭାରତର ନୂଆ ଅଧିନାୟକ ଭାବେ ନିଯୁକ୍ତ କରାଯାଇଛି। ସେହିଭଳି ଆଇପିଏଲ୍ ତାରକା ବୈଭବ ସୂର୍ଯ୍ୟବଂଶୀଙ୍କୁ ପ୍ରଥମଥର ଲାଗି ଭାରତୀୟ ସିନିଅର ଦଳରେ ସାମିଲ କରାଯାଇଛି।

ଚଳିତ ମାସ ଶେଷ ଭାଗରେ ଆୟର୍ଲାଣ୍ଡ ଓ ପରେ ଇଂଲଣ୍ଡ ବିପକ୍ଷରେ ଟି-୨୦ ସିରିଜ ଖେଳିବ। ଏହି ଦୁଇଟି ସିରିଜ ଲାଗି ୧୬ ଜଣିଆ ଭାରତୀୟ ଦଳ ଘୋଷଣା ହୋଇଛି। ସୂର୍ଯ୍ୟକୁମାରଙ୍କୁ ବାଦ୍ ଦିଆଯାଇ ତାଙ୍କ ସ୍ଥାନରେ ଆୟରଙ୍କୁ ଟି-୨୦ ଦଳର ନେତୃତ୍ୱ ଭାର ପ୍ରଦାନ କରାଯାଇଛି। ସେହିଭଳି ଅନ୍ୟତମ ମଧ୍ୟକ୍ରମ ବ୍ୟାଟର ତିଲକ ବର୍ମା ଉପ-ଅଧିନାୟକ ନିଯୁକ୍ତ ହୋଇଛନ୍ତି। ନିକଟରେ ଆଇପିଏଲ୍‌ରେ ବିଧ୍ୱଂସୀ ବ୍ୟାଟିଂ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିବା ସୂର୍ଯ୍ୟବଂଶୀଙ୍କୁ ଚୟନକର୍ତ୍ତାମାନେ ନିରାଶ କରିନାହାନ୍ତି। ଆଶାନୁଯାୟୀ ତାଙ୍କୁ ପ୍ରଥମଥର ସିନିଅର ଦଳରେ ସାମିଲ କରାଯାଇଛି। ସେ ଅଭିଷେକ ଶର୍ମାଙ୍କ ସହ ଇନିଂସ ଓପନ୍ କରିବା ନିଶ୍ଚିତ ହୋଇଛି। ସେହିଭଳି ଦଳରେ ଦୁଇଜଣ ୱିକେଟ୍‌କିପର ଭାବେ ଅଭିଜ୍ଞ ସଞ୍ଜୁ ସାମସନଙ୍କ ସହ ବିସ୍ଫୋରକ ଇଶାନ କିଶାନଙ୍କୁ ମଧ୍ୟ ଦଳରେ ନିଆଯାଇଛି। ଶିଭମ ଦୁବେ, ନୀତୀଶ କୁମାର ରେଡ୍ଡୀ, ୱାଶିଂଟନ ସୁନ୍ଦର ଓ ଅକ୍ଷର ପଟେଲ ଅଲ୍‌ରାଉଣ୍ଡର ଭାବେ ଦଳରେ ସ୍ଥାନ ପାଇଛନ୍ତି। ଅର୍ଶଦୀପ୍ ସିଂହ, ମହମ୍ମଦ ସିରାଜ, ହର୍ଷିତ ରାଣାଙ୍କ ସହ ଆଇପିଏଲ୍ ତାରକା ପ୍ରିନ୍ସ ଯାଦବ ପେସ୍ ବୋଲିଂ ଭାର ସମ୍ଭାଳିବେ। ରବି ବିଷ୍ଣୋଇ ଓ ବରୁଣ ଚକ୍ରବର୍ତ୍ତୀ ସ୍ପେଶାଲ ସ୍ପିନର ଭାବେ ଆୟର୍ଲାଣ୍ଡ ଓ ଇଂଲଣ୍ଡ ଗସ୍ତ କରିବେ।

ଉଲ୍ଲେଖଯୋଗ୍ୟ, ଭାରତୀୟ ଦଳ ପ୍ରଥମେ ଆୟର୍ଲାଣ୍ଡ ଗସ୍ତରେ ଯାଇ ସେଠାରେ ଜୁନ ୨୬ ଓ ୨୮ରେ ଘରୋଇ ଦଳ ବିପକ୍ଷରେ ଦୁଇଟି ଟି-୨୦ ମ୍ୟାଚ୍ ଖେଳିବ। ଏହି ଦୁଇଟି ମ୍ୟାଚ୍ ବେଲ୍‌ଫାଷ୍ଟରେ ଖେଳାଯିବ। ସେଠାରୁ ଭାରତୀୟ ଦଳ ଇଂଲଣ୍ଡ ଗସ୍ତରେ ଯାଇ ପାଞ୍ଚଟି ଟି-୨୦ ମ୍ୟାଚ୍ ଘରୋଇ ଦଳ ବିପକ୍ଷରେ ଖେଳିବାର କାର୍ଯ୍ୟସୂଚୀ ରହିଛି। ଜୁଲାଇ ୧ରୁ ୧୧ ତାରିଖ ମଧ୍ୟରେ ଏହି ପାଞ୍ଚଟି ମ୍ୟାଚ୍ ଖେଳାଯିବ।

**ଆୟର୍ଲାଣ୍ଡ ଓ ଇଂଲଣ୍ଡ ଟି-୨୦ ସିରିଜ ଲାଗି ଘୋଷିତ ଦଳ**

ଶ୍ରେୟସ ଆୟର (ଅଧିନାୟକ), ତିଲକ ବର୍ମା (ଉପ-ଅଧିନାୟକ), ଅଭିଷେକ ଶର୍ମା, ସଞ୍ଜୁ ସାମସନ, ଇଶାନ କିଶାନ (ଉଭୟ ୱିକେଟ୍‌କିପର), ଶିଭମ ଦୁବେ, ନୀତୀଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ବରୁଣ ଚକ୍ରବର୍ତ୍ତୀ, ବୈଭବ ସୂର୍ଯ୍ୟବଂଶୀ, ରବି ବିଷ୍ଣୋଇ, ମହମ୍ମଦ ସିରାଜ, ହର୍ଷିତ ରାଣା, ଅର୍ଶଦୀପ ସିଂହ ଓ ପ୍ରିନ୍ସ ଯାଦବ।

## ଏସୀୟ କ୍ରୀଡ଼ା ଦଳରେ ବୁମରା

ନୂଆଦିଲ୍ଲୀ, ୬।୬ (ଏଜେନ୍ସି): ଆଗାମୀ ଏସୀୟ କ୍ରୀଡ଼ା ଲାଗି ମଧ୍ୟ ଶନିବାର ଭାରତୀୟ ଟି-୨୦ ଦଳ ଘୋଷଣା କରାଯାଇଛି। ସେପ୍ଟେମ୍ବର ୧୯ରୁ ଜାପାନରେ ଆରମ୍ଭ ହେବାକୁ ଥିବା ଏହି ମେଗା ପ୍ରତିଯୋଗିତା ଲାଗି ଶ୍ରେୟସ ଆୟରଙ୍କୁ ମଧ୍ୟ ୧୫ ଜଣିଆ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ଏହି ଦଳରେ ମଧ୍ୟ ବୈଭବ ସୂର୍ଯ୍ୟବଂଶୀଙ୍କୁ ସୁଯୋଗ ମିଳିଛି। ସେହିଭଳି ଆୟର୍ଲାଣ୍ଡ ଓ ଇଂଲଣ୍ଡ ସିରିଜରେ ସ୍ଥାନ ପାଇ ନ ଥିବା ବରିଷ୍ଠ ଦ୍ରୁତ ବୋଲର ଯଶପ୍ରୀତ ବୁମରାଙ୍କୁ କିନ୍ତୁ ଏସୀୟ କ୍ରୀଡ଼ା ଲାଗି ଦଳରେ ନିଆଯାଇଛି। ୨୦୨୩ରେ ଅନୁଷ୍ଠିତ ଏସୀୟ କ୍ରୀଡ଼ାରେ ଭାରତୀୟ ଦଳ ଋତୁରାଜ ଗାଏକୱାଡଙ୍କ ନେତୃତ୍ୱରେ ଚାମ୍ପିଅନ ହୋଇଥିଲା। ତେଣୁ ଏଥର ଟାଇଟଲ୍ ବଜାୟ ରଖିବାକୁ ଆୟରଙ୍କ ଦଳ ଚେଷ୍ଟା କରିବ। ଭାରତ ବ୍ୟତୀତ ଆଫଗାନିସ୍ତାନ, ବାଂଲାଦେଶ, ପାକିସ୍ତାନ, ଶ୍ରୀଲଙ୍କା ଓ ଆୟୋଜକ ଜାପାନ ଏଥର ଏସୀୟ କ୍ରୀଡ଼ା ଟାଇଟଲ୍ ଲାଗି ଲଢ଼େଇ କରିବେ।

**ଏସୀୟ କ୍ରୀଡ଼ା ଲାଗି ଭାରତୀୟ ଦଳ**

ଶ୍ରେୟସ ଆୟର (ଅଧିନାୟକ), ତିଲକ ବର୍ମା (ଉପ-ଅଧିନାୟକ), ଅଭିଷେକ ଶର୍ମା, ସଞ୍ଜୁ ସାମସନ, ଇଶାନ କିଶାନ (ଉଭୟ ୱିକେଟ୍‌କିପର), ଶିଭମ ଦୁବେ, ନୀତୀଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ବରୁଣ ଚକ୍ରବର୍ତ୍ତୀ, ବୈଭବ ସୂର୍ଯ୍ୟବଂଶୀ, ରବି ବିଷ୍ଣୋଇ, ଯଶପ୍ରୀତ୍ ବୁମରା, ହର୍ଷିତ ରାଣା, ଅର୍ଶଦୀପ ସିଂହ।

## ଆଫଗାନିସ୍ତାନ ବିପକ୍ଷ ଏକମାତ୍ର ଟେଷ୍ଟ

# ରାହୁଲ, ଗିଲ୍‌ଙ୍କ ଶତକ; ଭାରତର ଦୃଢ଼ ବ୍ୟାଟିଂ






ମୁଲ୍ଲାନପୁର, ୬।୬ (ଏଜେନ୍ସି): ନ୍ୟୁ ଚଣ୍ଡିଗଡ଼ସ୍ଥିତ ମହାରାଜ ଯାଦବୀନ୍ଦର ସିଂହ ଷ୍ଟାଡିୟମରେ ଶନିବାରଠାରୁ ଘରୋଇ ଭାରତ ଓ ଭ୍ରମଣକାରୀ ଆଫଗାନିସ୍ତାନ ମଧ୍ୟରେ ଏକମାତ୍ର ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି। ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଭାରତ ଅଧିନାୟକ ଶୁବମନ ଗିଲ୍ ଓ ଉପ-ଅଧିନାୟକ ଲୋକେଶ ରାହୁଲଙ୍କ ଶତକ ବଳରେ ପ୍ରଥମ ଦିନରେ ଦମ୍‌ଦାର ପ୍ରଦର୍ଶନ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଭାରତ ୮୫ ଓଭରରେ ୩ ୱିକେଟ ହରାଇ ୩୬୮ ରନ କରି ବିଶାଳ ସ୍କୋର ଅଭିମୁଖେ ଅଗ୍ରସର ହେଉଛି। ଖେଳ ଶେଷବେଳକୁ ଗିଲ୍ ୧୦୩ ଓ ୱିକେଟ୍‌କିପର ଋଷଭ ପନ୍ତ ୫୦ ରନ (୭୦ ବଲ୍, ୨ ଚୌକା ଓ ୩ ଛକା) କରି ଅପରାଜିତ ରହିଛନ୍ତି। ଆଇପିଏଲ୍‌ର ଫର୍ମକୁ ବଜାୟ ରଖିଥିବା ଗିଲ୍ ଏଠାରେ ଟେଷ୍ଟ କ୍ୟାରିୟରର ୧୧ତମ ଶତକ ହାସଲ କରିଛନ୍ତି। ୧୪୩ ବଲ୍‌ର ଏହି ପାଳିରେ ସେ ୧୧ଟି ଚୌକା ଓ ଗୋଟିଏ ଛକା ମାରିଛନ୍ତି। ଅସମାପ୍ତ ୪ର୍ଥ ୱିକେଟ ଭାଗୀଦାରିରେ ଗିଲ୍ ଓ ପନ୍ତ ୧୪୮ ବଲରୁ ୧୨୧ ରନ ଉଠାଇଥିଲେ। ଫଳରେ ଦଳୀୟ ସ୍କୋର ୩୫୦ ରନ ଅତିକ୍ରମ କରିଥିଲା।

ଅନ୍ୟମାନଙ୍କ ମଧ୍ୟରେ ଓପନର୍ ଲୋକେଶ ରାହୁଲ ମଧ୍ୟ ୧୧ଟି ଚୌକା ମାଧ୍ୟମରେ ଠିକ୍ ୧୦୦ ରନ କରିବା ପରେ ଜିଆଉର ରହମାନ ଶାରିଫିଙ୍କ ବଲରେ ଆଉଟ୍ ହୋଇଥିଲେ। ଟେଷ୍ଟରେ ରାହୁଲଙ୍କ ଏହା ୧୨ତମ ଶତକୀୟ ପାଳି ଥିଲା। ରାହୁଲଙ୍କ ଓପନିଂ ପାର୍ଟନର ଯଶସ୍ୱୀ ଜୟସ୍ୱାଲ କିନ୍ତୁ ନିରାଶ କରିଛନ୍ତି। ପାଞ୍ଚଟି ଚୌକା ସହାୟତାରେ ୩୨ ବଲରୁ ୨୪ ରନ କରି ଜୟସ୍ୱାଲ ଆଉଟ୍ ହୋଇଥିଲେ। ତେବେ ବ୍ୟାଟିଂକ୍ରମର ୩ୟ ସ୍ଥାନରେ ସୁଯୋଗ ପାଇଥିବା ସାଇ ସୁଦର୍ଶନ ମଧ୍ୟ ୮୧ ରନର ଦର୍ଶନୀୟ ପାଳି ଖେଳି ଦଳକୁ ବଡ଼ ସ୍କୋର ଦେବାରେ ସହାୟତା କରିଥିଲେ। ୧୦୪ ବଲର ଏହି ପାଳିରେ ସୁଦର୍ଶନ ୧୩ଟି ଚୌକା ମାରିଥିଲେ। ଭ୍ରମଣକାରୀ ଆଫଗାନିସ୍ତାନ ବୋଲରମାନେ ପ୍ରଥମ ଦିବସରେ ପ୍ରଭାବଶୂନ୍ୟ ରହିଥିଲେ। ମଧ୍ୟଗତିର ବୋଲର ମହମ୍ମଦ ସଲିମ ସାଫିଙ୍କୁ ୨ଟି ଓ ରହମାନ ଶାରିଫିଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା। ଭାରତର ବ୍ୟାଟିଂ ଲାଇନଅପ୍ ବେଶ୍ ଶକ୍ତିଶାଳୀ ଥିବାରୁ ବଳକା ୭ ୱିକେଟ୍‌ରେ ଦଳ ଏକ ବିଶାଳ ସ୍କୋର ଏଠାରେ ଠିଆ କରାଇବାର ସମ୍ଭାବନା ରହିଛି।

**ସଂକ୍ଷିପ୍ତ ସ୍କୋର**

ଭାରତର ପ୍ରଥମ ଇନିଂସ: ୩୬୮/୩, ୮୫ ଓଭର (ରାହୁଲ- ୧୦୦, ଗିଲ୍- ୧୦୩*, ସୁଦର୍ଶନ- ୮୧, ପନ୍ତ- ୫୦*, ଜୟସ୍ୱାଲ- ୨୪, ସଲିମ ସାଫି- ୨/୬୬)।

## ଫ୍ରେଞ୍ଚ ଓପନ୍ | ପ୍ରଥମ ଗ୍ରାଣ୍ଡସ୍ଲାମ ଜିତିଲେ ଆନ୍ଦ୍ରିଭା



ପ୍ୟାରିସ, ୬।୬ (ଏଜେନ୍ସି): ରୁଷିଆର ଯୁବ ତାରକା ମାରିଆ ଆନ୍ଦ୍ରିଭା ଏଠାରେ ଚାଲିଥିବା ଫ୍ରେଞ୍ଚ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ୧୨୫ତମ ସଂସ୍କରଣରେ ଚାମ୍ପିଅନ ହୋଇଛନ୍ତି। ଶନିବାର ରୋଲାଣ୍ଡ ଗାରସରେ ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ଫାଇନାଲ ମୁକାବିଲାରେ ୮ମ ସିଡ୍ ଆନ୍ଦ୍ରିଭା ୬-୩, ୬-୨ ସିଧାସଳଖ ସେଟରେ ପୋଲାଣ୍ଡର ଯୋଗ୍ୟତା ଅର୍ଜନକାରୀ ମାଜା ଚୱାଲିସ୍କଙ୍କୁ ହରାଇଥିଲେ। ୧୯ ବର୍ଷୀୟା ଆନ୍ଦ୍ରିଭାଙ୍କ ସାମ୍ନାରେ ବିଶ୍ୱ ମାନ୍ୟତାର ୧୧୪ତମ ସ୍ଥାନରେ ଥିବା ମାଜା ସମ୍ପୂର୍ଣ୍ଣ ଆତ୍ମସମର୍ପଣ କରିଥିଲେ। ବିଜୟ ସହ ଆନ୍ଦ୍ରିଭା ତାଙ୍କ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଟ୍ରଫି ହାସଲ କରିଛନ୍ତି। ସେହିଭଳି ଆନ୍ଦ୍ରିଭାଙ୍କ ବିଜୟ ସହ ଫ୍ରେଞ୍ଚ ଓପନ୍ ମହିଳା ବିଭାଗରେ ଜଣେ ନୂଆ ବିଜୟିନୀଙ୍କୁ ଦେଖିବାକୁ ମିଳିଛି। ଚାମ୍ପିଅନ ଆନ୍ଦ୍ରିଭା ଟ୍ରଫି ସହ ୩.୨ ମିଲିୟନ ଡଲାର (ଭାରତୀୟ ମୁଦ୍ରାରେ ୩୦ କୋଟି ୩୮ ଲକ୍ଷ ଟଙ୍କା) ପୁରସ୍କାର ହାସଲ କରିଛନ୍ତି। ସେହିଭଳି ରନର୍ସଅପ୍ ହୋଇଥିବା ମାଜା ୧୫ କୋଟି ୧୯ ଲକ୍ଷ ଟଙ୍କା ଘରକୁ ନେଇଛନ୍ତି।

### ଟାଇଟଲ ବଜାୟ ରଖିଲେ ଗ୍ରାନୋଲର୍ସ-ଜେବାଲୋସ୍

ଅପରପକ୍ଷରେ ପୁରୁଷ ଯୁଗଳରେ ସ୍ପେନର ମାର୍ସେଲ୍ ଗ୍ରାନୋଲର୍ସ ଓ ଆର୍ଜେଣ୍ଟିନାର ହୋରାସିଓ ଜେବାଲୋସ୍ ଯୋଡ଼ି ଟାଇଟଲ ବଜାୟ ରଖିଛନ୍ତି। ଏକପାଖିଆ ଫାଇନାଲ୍ ମ୍ୟାଚ୍‌ରେ ଏହି ଟପ୍ ସିଡ୍ ଯୋଡ଼ି ୬-୪, ୬-୨ ସିଧାସଳଖ ସେଟ୍‌ରେ ପ୍ରତିପକ୍ଷ ଦ୍ୱିତୀୟ ସିଡ୍ ଯୋଡି ଫିନଲାଣ୍ଡର ହାରି ହେଲିଓଭାରା ଏବଂ ବ୍ରିଟେନର ହେନ୍ରୀ ପ୍ୟାଟେନ୍‌ଙ୍କୁ ସହଜରେ ପରାସ୍ତ କରି କ୍ରମାଗତ ଦ୍ୱିତୀୟ ଥର ପାଇଁ ଏଠାରେ ଟାଇଟଲ୍ ହାସଲ କରିଛନ୍ତି।

## ଆଶିଷଙ୍କ ହ୍ୟାଟ୍ରିକ; ଭାରତ ଚାମ୍ପିଅନ

**ଜୁନିଅର ଏସିଆ କପ୍ ହକି**

କାକାମିଗହରା, ୬।୬ (ଏଜେନ୍ସି): ଜାପାନରେ ଚାଲିଥିବା ୧୮ ବର୍ଷରୁ କମ୍ ପୁରୁଷ ଏସିଆ କପ୍ ହକି ଟୁର୍ଣ୍ଣାମେଣ୍ଟର ଷଷ୍ଠ ସଂସ୍କରଣରେ ଭାରତ ଚାମ୍ପିଅନ ହୋଇଛି। ଶନିବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଭାରତ ୪-୧ ଗୋଲ୍‌ରେ ଘରୋଇ ଜାପାନକୁ ପରାସ୍ତ କରି ଟାଇଟଲ୍ ଜିତିଥିଲା। ଯୁବ ଭାରତୀୟ ଦଳ ପକ୍ଷରୁ ଝାଡ଼ଖଣ୍ଡ ତାରକା ଆଶିଷ ତାନି ପୁର୍ତ୍ତୀ ହ୍ୟାଟ୍ରିକ ଗୋଲ୍ ଦେଇ ଦଳକୁ ସ୍ୱର୍ଣ୍ଣ ପଦକ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ମ୍ୟାଚର ଦ୍ୱିତୀୟ, ୨୮ତମ ଓ ୩୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ମ୍ୟାଚର ୩୦ତମ ମିନିଟରେ କେତନ କୁଶୱାହଙ୍କ ଷ୍ଟିକରୁ ଅନ୍ୟତମ ଗୋଲ୍‌ଟି ହୋଇଥିଲା। ବିଜୟ ସହ ଭାରତ ୩ୟଥର ଲାଗି ଜୁନିଅର ଏସିଆ କପ୍ ହକି ଟ୍ରଫି ଜିତିଛି। ଏଥିପୂର୍ବରୁ ଭାରତ ୨୦୦୧ ଓ ୨୦୧୬ରେ ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଥିଲା।



**ମହିଳା ଦଳ କାଂସ୍ୟରେ ସନ୍ତୁଷ୍ଟ**

ଅପରପକ୍ଷରେ ଭାରତୀୟ କନିଷ୍ଠ ମହିଳା ଦଳ ଏହି ଟୁର୍ଣ୍ଣାମେଣ୍ଟରେ କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଛି। ତୃତୀୟ ଓ ୪ର୍ଥ ସ୍ଥାନ ପାଇଁ ଖେଳାଯାଇଥିବା ମ୍ୟାଚରେ ଭାରତ ୩-୦ ଗୋଲରେ କୋରିଆକୁ ପରାସ୍ତ କରିଥିଲା। ଭାରତ ପକ୍ଷରୁ ଓଡ଼ିଆ ଖେଳାଳି ସୁଇଟି କୁଜୁର, ସନ୍ଦୀପା କୁମାରୀ ଓ ନୌଶିନ ନାଜ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ପୂର୍ବରୁ ଭାରତୀୟ ଦଳ ସେମିଫାଇନାଲରେ ପରାସ୍ତ ହୋଇ ଟାଇଟଲ୍ ଦୌଡ଼ରୁ ବାଦ୍ ପଡ଼ିଥିଲା। ଜୁନିଅର ଏସିଆ କପ୍ ହକିରେ ଦୁଇ ଦୁଇଟି ପଦକ ଜିତିବା ପରେ ହକି ଇଣ୍ଡିଆ ପକ୍ଷରୁ ପୁରସ୍କାର ରାଶି ଘୋଷଣା କରାଯାଇଛି। ସ୍ୱର୍ଣ୍ଣ ବିଜୟୀ ପୁରୁଷ ଦଳର ପ୍ରତ୍ୟେକ ଖେଳାଳିଙ୍କୁ ୩ ଲକ୍ଷ ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ୧.୫ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ। ସେହିଭଳି କାଂସ୍ୟ ପଦକ ଜିତିଥିବା ମହିଳା ଦଳର ପ୍ରତ୍ୟେକ ସଦସ୍ୟାଙ୍କୁ ୧.୫ ଲକ୍ଷ ଟଙ୍କା ଓ ସପୋର୍ଟ ଷ୍ଟାଫଙ୍କ ପାଇଁ ୫୦ ହଜାର ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଛି।

## ବୈଭବଙ୍କ ସହ ଆୟର୍ଲାଣ୍ଡ ଓ ଇଂଲଣ୍ଡ ଯିବେ ପିତାମାତା

ମୁମ୍ବଇ,୬।୬(ଏଜେନ୍ସି): ୧୯୮୯ ମସିହାରେ ଯେତେବେଳେ ୧୬ ବର୍ଷୀୟ ସଚିନ ତେନ୍ଦୁଲକର ନିଜର ପ୍ରଥମ ଆନ୍ତର୍ଜାତୀୟ ମ୍ୟାଚ୍ ଖେଳିବାକୁ ପାକିସ୍ତାନ ଯାଇଥିଲେ, ସେତେବେଳେ ତାଙ୍କୁ ସାହସ ଦେବା ପାଇଁ ବଡ଼ ଭାଇ ଅଜିତ ସାଙ୍ଗରେ ଯାଇଥିଲେ। ଠିକ୍ ସେହିଭଳି ୩୭ ବର୍ଷ ପରେ ଆଉ ଜଣେ ବିସ୍ମୟ ବାଳକଙ୍କ ପାଇଁ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏକ ବଡ଼ ନିଷ୍ପତ୍ତି ନେଇଛି। ଭାରତୀୟ ସିନିଅର ଦଳରେ ସ୍ଥାନ ପାଇଥିବା ୧୫ ବର୍ଷୀୟ ଯୁବ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀଙ୍କ ସହ ତାଙ୍କ ପିତାମାତା ମଧ୍ୟ ଆୟର୍ଲାଣ୍ଡ ଏବଂ ଇଂଲଣ୍ଡ ଗସ୍ତରେ ଯିବେ। ବୈଭବଙ୍କ ବୟସ ବହୁତ କମ୍ ହୋଇଥିବାରୁ ଅନ୍ତର୍ଜାତୀୟ କ୍ରିକେଟର ଚାପ ଏବଂ ବାହାର ପରିବେଶ ସହ ନିଜକୁ ଖାପଖୁଆଇ ଚଳିବାରେ ପରିବାରର ଉପସ୍ଥିତି ସହାୟକ ହେବ ବୋଲି ବିସିସିଆଇ ଅନୁଭବ କରିଛି। ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି ଯେ, ବୈଭବ ଜଣେ ଶିଶୁ ହୋଇଥିବାରୁ ତାଙ୍କ ପିତାମାତାଙ୍କୁ ସାଙ୍ଗରେ ଯିବାକୁ ଅନୁମତି ଦିଆଯାଇଛି। ସେମାନଙ୍କର ସମସ୍ତ ଗସ୍ତ ଖର୍ଚ୍ଚ ବୋର୍ଡ ବହନ କରିବ। ବିହାରର ଏହି ବାମହାତୀ ବ୍ୟାଟର ନିକଟରେ ଶେଷ ହୋଇଥିବା ଆଇପିଏଲ୍‌ରେ ରାଜସ୍ଥାନ ରୟାଲ୍ସ ପକ୍ଷରୁ ୨୩୭.୩୦ ଷ୍ଟ୍ରାଇକ୍ ରେଟ୍‌ରେ ୭୭୬ ରନ୍ ସଂଗ୍ରହ କରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସଚିନଙ୍କ ପରେ ସେ ଭାରତୀୟ ସିନିଅର ଦଳରେ ସ୍ଥାନ ପାଇଥିବା ସବୁଠାରୁ କମ୍ ବୟସ୍କ ଖେଳାଳି ହୋଇଛନ୍ତି।

## ଗୀତାଞ୍ଜଳିଙ୍କ କୃତିତ୍ୱ



ଭୁବନେଶ୍ୱର, ୬।୬ (ସମିସ): ପୋଲାଣ୍ଡରେ ବିଶ୍ୱ ବେଞ୍ଚ୍ ପ୍ରେସ ଚାମ୍ପିଅନସିପ ଅନୁଷ୍ଠିତ ହୋଇଯାଇଛି। ଏହି ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ୫୦ଟି ଦେଶ ଭାଗ ନେଇଥିଲେ। ଯେଉଁଥିରେ ଓଡ଼ିଶାର ଗୀତାଞ୍ଜଳି ନାୟକ ଅଂଶଗ୍ରହଣ କରି ରାଜ୍ୟ ତଥା ଦେଶକୁ ଗୌରବାନ୍ୱିତ କରିଥିଲେ। ଗୀତାଞ୍ଜଳିଙ୍କ ଏହି ସଫଳତା ପାଇଁ କୋଚ୍ ତଥା ଓଡ଼ିଶା ରାଜ୍ୟ ପାୱାର ଲିଫ୍ଟିଂ ସଂଘର ସମ୍ପାଦକ ଡ. ହରିପ୍ରସାଦ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି।

# ୧୮ କ୍ୟାରେଟ୍ ସୁନାରେ ତିଆରି ଟ୍ରଫି

ଆଉ ଦିନ କେଇଟା ପରେ ଆରମ୍ଭ ହେବ ଫୁଟବଲ୍‌ର ମହାକୁମ୍ଭ ଫିଫା ବିଶ୍ୱକପ୍। ପ୍ରଥମଥର ଲାଗି ୩ଟି ଦେଶ ଆମେରିକାର, ମେକ୍ସିକୋ ଓ କାନାଡା ମିଳିତ ଭାବେ ବିଶ୍ୱକପ୍‌ର ୨୩ତମ ସଂସ୍କରଣକୁ ଆୟୋଜନ କରୁଛନ୍ତି। ଲିଓନେଲ ମେସିଙ୍କ ଆର୍ଜେଣ୍ଟିନା ଦଳ ଏଥର ଡିଫେଣ୍ଡିଂ ଚାମ୍ପିଅନ ଭାବେ ବିଶ୍ୱକପ୍‌ରେ ପ୍ରବେଶ କରିଛି। ଚାରିବର୍ଷରେ ଥରେ ଆୟୋଜିତ ହେଉଥିବା ବିଶ୍ୱର ଏହି ସବୁଠୁ ଲୋକପ୍ରିୟ କ୍ରୀଡ଼ାକୁ ନେଇ ଏବେ ପ୍ରଶଂସକଙ୍କ ମନରେ ନାହିଁ ନ ଥିବା ଉତ୍ସୁକତା ଦେଖାଦେଇଛି। ବିଶେଷ କରି ବିଶ୍ୱକପ୍ ସମ୍ବନ୍ଧୀୟ ଟିକିନିଖି ଖବର ଜାଣିବାକୁ ଫୁଟବଲପ୍ରେମୀ ଆଗ୍ରହ ରଖୁଛନ୍ତି। ବିଶ୍ୱକପ୍‌ରେ ପ୍ରଦାନ କରାଯାଉଥିବା ଟ୍ରଫି ସମ୍ପର୍କ କିଛିଟା ରୋଚକ ତଥ୍ୟ ଏଠାରେ ଉଲ୍ଲେଖ କରୁଛୁ।

ଚାମ୍ପିଅନ ଦଳକୁ ପ୍ରଦାନ କରାଯାଉଥିବା ଟ୍ରଫିର ଉଚ୍ଚତା ୩୭ ସେଣ୍ଟିମିଟର। ଏହି ଟ୍ରଫିଟି ୧୮ କ୍ୟାରେଟ ସୁନାରେ ନିର୍ମିତ ହୋଇଛି। ଯାହାର ଓଜନ ୬ କିଲୋଗ୍ରାମ ରହିଛି। ଏହି ଟ୍ରଫିର ଡିଜାଇନ ଦୁଇଟି ମାନବ ପ୍ରତିମୂର୍ତ୍ତି ପୃଥିବୀକୁ ଧରି ରହିଥିବା ଦର୍ଶାଉଛି। ଏହି ଚିତ୍ର ପ୍ରକୃତରେ ଦର୍ଶାଉଛି ଯେ କାହିଁକି ଫୁଟବଲ୍ ବିଶ୍ୱର ଶ୍ରେଷ୍ଠ କ୍ରୀଡ଼ା।

ଉଲ୍ଲେଖନୀୟ କଥା ହେଉଛି ଏହି ଟ୍ରଫିଟି ସମ୍ପୂର୍ଣ୍ଣ କଠିନ ନୁହେଁ; ଏହା ଭିତରଟା ଫମ୍ପା। ଯଦି ଏହା ସମ୍ପୂର୍ଣ୍ଣ ସୁନାରେ ତିଆରି ହୋଇଥାନ୍ତା, ତେବେ ବହୁତ ଭାରୀ ହୋଇଥାନ୍ତା। ଫଳରେ ଖେଳାଳିମାନେ ବିଜୟ ଉତ୍ସବ ପାଳନ ସମୟରେ ଏହାକୁ ସହଜରେ ଉଠାଇପାରନ୍ତେ ନାହିଁ। ଟ୍ରଫିର ମୂଳ ଭାଗରେ ମାଲାକାଇଟ୍‌ର ଦୁଇଟିସ୍ତର ରହିଛି, ଯାହା ଏକ ସବୁଜ ଅର୍ଦ୍ଧ-ମୂଲ୍ୟବାନ ଖଣିଜ ପଦାର୍ଥ। ୧୯୭୦ ମସିହାରେ ଫିଫା ଏକ ଅନ୍ତର୍ଜାତୀୟ ପ୍ରତିଯୋଗିତା ଆରମ୍ଭ କରିବା ପରେ ଏହାକୁ ଇଟାଲୀୟ ମୂର୍ତ୍ତିକାର ସିଲଭିଓ ଗାଜାନିଗା ଡିଜାଇନ୍ କରିଥିଲେ। ୧୯୭୦ରେ ମେକ୍ସିକୋରେ ଅନୁଷ୍ଠିତ ଫିଫା ବିଶ୍ୱକପ୍‌ରେ ବ୍ରାଜିଲ ଚାମ୍ପିଅନ ହୋଇଥିଲା। ତୃତୀୟ ବିଶ୍ୱକପ୍ ଟାଇଟଲ ଜିତିବା ପରେ ପୂର୍ବ ଟ୍ରଫି 'ଜୁଲ୍ସ ରିମେଟ୍ ଟ୍ରଫି'କୁ ସ୍ଥାୟୀ ଭାବରେ ବ୍ରାଜିଲକୁ ପ୍ରଦାନ କରାଯାଇଥିଲା। ୧୯୭୪ ମସିହାରେ କିମ୍ବଦନ୍ତୀ ଡିଫେଣ୍ଡର ଫ୍ରାଞ୍ଜ ବେକେନବାଉରଙ୍କ ନେତୃତ୍ୱରେ ପଶ୍ଚିମ ଜର୍ମାନୀ ପ୍ରଥମଥର ପାଇଁ ବର୍ତ୍ତମାନ ପ୍ରଦାନ କରାଯାଉଥିବା ଟ୍ରଫି ଜିତିଥିଲା। ବର୍ତ୍ତମାନ ରହିଥିବା ବିଶ୍ୱକପ୍ ଟ୍ରଫିର ମୂଲ୍ୟ ପ୍ରାୟ ୨୫୦,୦୦୦ ଆମେରିକୀୟ ଡଲାର (୨.୩୮ କୋଟି ଟଙ୍କା) ହେବ ବୋଲି ଆକଳନ କରାଯାଇଛି। ଗତ କିଛି ମାସ ମଧ୍ୟରେ ସୁନାର ଅନ୍ତର୍ଜାତୀୟ ମୂଲ୍ୟ ବୃଦ୍ଧି ପାଇଛି, ଏବଂ ଟ୍ରଫି ତିଆରି କରିବା ପାଇଁ ଆବଶ୍ୟକ କାରିଗରୀ ବହୁତ ଅଧିକ। ତଥାପି, ଟ୍ରଫିର ପ୍ରକୃତ ମୂଲ୍ୟ ଅନେକ ଗୁଣ ଅଧିକ। ଯଦି ଆଜି ବଜାରରେ ଟ୍ରଫିକୁ ନିଲାମ କରାଯାଏ, ତେବେ ଏହାର ମୂଲ୍ୟ ୨୦ ନିୟୁତ ଡଲାର (୧୯୦ କୋଟି ୮୦ ଲକ୍ଷ ଟଙ୍କା) ଅତିକ୍ରମ କରିପାରେ ବୋଲି ଆକଳନ କରାଯାଉଛି।

ବହୁତ କମ୍ ଲୋକ ଜାଣିଥିବେ ଯେ ବିଜେତା ଦଳଗୁଡ଼ିକ ମୂଳ ତଥା ଅରିଜିନାଲ ଟ୍ରଫିକୁ ସମ୍ପୂର୍ଣ୍ଣ ଭାବେ ରଖିବାକୁ ଦିଆଯାଏ ନାହିଁ। ଫିଫା ପ୍ରକୃତ ଟ୍ରଫିର ମାଲିକାନା ବଜାୟ ରଖିଥାଏ। ଯାହାକୁ ଫାଇନାଲ୍ ଶେଷ ହେବା ପରେ ତୁରନ୍ତ ଜୁରିଚ୍‌ରେ ଥିବା ଏହାର ମୁଖ୍ୟାଳୟକୁ ଫେରାଇ ନିଆଯାଏ। ଏହା ବଦଳରେ ଚାମ୍ପିଅନ ଦେଶକୁ ଏକ ସୁନା ପ୍ଲେଟେଡ୍ ବ୍ରୋଞ୍ଜ ପ୍ରତିକୃତି ଦିଆଯାଇଥାଏ। ସେହି ଟ୍ରଫିକୁ ଧରି ଚାମ୍ପିଅନ ଦଳ ସ୍ୱଦେଶ ଫେରିଥାଏ।

**ଫିଫା ବିଶ୍ୱକପ୍**
**ଆଉ ୪ ଦିନ**




## କ୍ୟୁରୋଜୀ ଓ ପୁମସେ ତାଏକ୍ୱୋଣ୍ଡୋ ଚାମ୍ପିଅନସିପ୍

ଭୁବନେଶ୍ୱର, ୬।୬ (ସମିସ): ଏହେସାସ ତାଏକ୍ୱୋଣ୍ଡୋ ଏକାଡେମୀ ପକ୍ଷରୁ ବଡ଼ଗଡ଼ସ୍ଥିତ ତାଏକ୍ୱୋଣ୍ଡୋ ଟ୍ରେନିଂ ସେଣ୍ଟରରେ ଦ୍ୱିତୀୟ ଭୁବେନେଶ୍ୱର ଜିଲ୍ଲା କ୍ୟୁରୋଜୀ ଏବଂ ପୁମସେ ତାଏକ୍ୱୋଣ୍ଡୋ ଚାମ୍ପିଅନସିପ ଅନୁଷ୍ଠିତ ହୋଇଯାଇଛି। ଏହି ଦିନିକିଆ ପ୍ରତିଯୋଗିତାରେ ଚାରୋଟି କ୍ଲବରୁ ପାଖାପାଖି ୭୦ ଜଣ ପ୍ରତିଯୋଗୀ ଭାଗନେଇଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ଓଡିଶା ରାଜ୍ୟ ତାଏକ୍ୱୋଣ୍ଡୋ ଆସୋସିଏସନର ସମ୍ପାଦକ ମନମୋହନ ଭଞ୍ଜ, ସ୍ୱତନ୍ତ୍ର ଅତିଥିଭାବେ କୋଷାଧକ୍ଷ ବିବେକାନନ୍ଦ ସାମଲ, ଗେଷ୍ଟ ଅଫ ଅନର ଭାବେ ଭୁବନେଶ୍ୱର କୋଚ ଗଣେଶ ଗୌଡ଼, ଜୟନ୍ତ ପଣ୍ଡା ଏବଂ ତାଏକ୍ୱୋଣ୍ଡୋ କୋଚ ତଥା ଅନ୍ତର୍ଜାତୀୟ ଖେଳାଳି ଏହେସାସ ହୋତା ପ୍ରମୁଖ ଯୋଗଦାନ କରି କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିଥିଲେ। ଓଡିଶା ତାଏକ୍ୱୋଣ୍ଡୋ ଆସୋସିଏସନ ପକ୍ଷରୁ ଏହି ପ୍ରତିଯୋଗିତାକୁ ସମସ୍ତ ଟେକ୍ନିକାଲ ସପୋର୍ଟ କରାଯାଇଥିବା। ଭୁବନେଶ୍ୱର ଆମେଚର ତାଏକ୍ୱୋଣ୍ଡୋ ଆସୋସିଏସନ ପକ୍ଷରୁ ପ୍ରମୋଟ କରାଯାଇଛି। ଏଥିରେ ଭଲ କରିଥିବା କ୍ରୀଡ଼ାବିତଙ୍କୁ ଆଗାମୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ସୁଯୋଗ ମିଳିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।



## ସିଦ୍ଧାନ୍ତ ସ୍ମାରକୀ ଜୁନିଅର କ୍ରିକେଟ୍ | ଯଦୁପୁରକୁ ଜିତାଇଲେ ଆଶୁତୋଷ

ଭୁବନେଶ୍ୱର, ୬।୬ (ସମିସ): ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଏଠାରେ ଚାଲିଥିବା ୧୬ ବର୍ଷରୁ କମ୍ ସିଦ୍ଧାନ୍ତ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ ଯଦୁପର ଏକାଡେମୀ ବିଜୟୀ ହୋଇଛି। ଶନିବାର ଖେଳାଯାଇଥିବା ମ୍ୟାଚରେ ଯଦୁପୁର ୯ ୱିକେଟରେ ସନସାଇନ ସ୍ପୋର୍ଟିଂକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ସନସାଇନ ୧୧ ଓଭରରେ ୫୫ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ପ୍ରତିପକ୍ଷ ଯଦୁପୁର ପକ୍ଷରୁ ଆଶୁତୋଷ ଯାଦବ ମାରାତ୍ମକ ବୋଲିଂ କରି ୧୫ ରନରେ ୫ଟି ୱିକେଟ୍ ନେଇଥିଲେ। ଜବାବରେ ଯଦୁପର ଏକାଡେମୀ ୯.୨ ଓଭରରେ ଗୋଟିଏ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ବରିଷ୍ଠ ଖେଳାଳି ଚିତ୍ତରଞ୍ଜନ ସ୍ୱାଇଁ ଅତିଥି ଭାବେ ଯୋଗଦେଇ ଆଶୁତୋଷଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS